

ସପ୍ତାହେ ପରେ ଆଇପିଏଲ୍ — ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 47 | ଭାଗ ୩୪ | ସଂଖ୍ୟା ୪୭ Bhubaneswar | Saturday 10 May 2025 | Page 8 Rs. 4.00 ● ଭୁବନେଶ୍ୱର ଶନିବାର ୧୦ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


- ସୀମାବର୍ତ୍ତୀ ୭ ଅଞ୍ଚଳରେ ବ୍ଲାକଆଉଟ
- ୨୬ ସହରକୁ ଟାର୍ଗେଟ୍ କରିଥିଲା ପାକିସ୍ତାନ
- ୨୦୭ଟି ସ୍ଥାନରେ ଡ୍ରୋନ୍ ମାଡ଼
- ସାମିଲ୍ ହେବ ଟେରିଟୋରିଆଲ୍ ଆର୍ମି
- ସ୍ଥଳସେନା ମୁଖ୍ୟଙ୍କୁ କ୍ଷମତା
- ଏଟିଏମ୍‌ରେ ଟଙ୍କା ମହଜୁଦ ପାଇଁ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ
- ଉତ୍ତେଜନା କମାଇବାକୁ ପାକିସ୍ତାନ ଉପରେ ବଢ଼ୁଛି ଆନ୍ତର୍ଜାତିକ ଚାପ; ସାଉଦି ଓ ଆମେରିକାର ପରାମର୍ଶ
- ପାକିସ୍ତାନ ସହ ଭାରତ ବି ଆମର ପଡ଼ୋଶୀ: ଚୀନ୍
- ରକ୍ଷାକବଚ ସାଜିଲା ଆକାଶ ଓ ଏସ୍-୪୦୦ ମିସାଇଲ୍
- ପାକ୍ ସେନା ଉପରେ ବଲୁଚ୍ ବିଦ୍ରୋହୀଙ୍କ ଆକ୍ରମଣ



# ପରାକ୍ରମ ଦେଖାଉଛି ଭାରତ

## ପାକିସ୍ତାନର ୧୦୦ ଡ୍ରୋନ୍ ଖସାଇଲା

**ନୂଆଦିଲ୍ଲୀ,୯।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସମ୍ମୁଖ ଯୁଦ୍ଧର ଆଜି ଦ୍ୱିତୀୟ ଦିନରେ ଭାରତ କୌଣସି ଆକ୍ରମଣ କରିନଥିଲେ ହେଁ ପାକିସ୍ତାନର ଏକାଧିକ ଆକ୍ରମଣକୁ ଅକାମୀ କରିଦେଇଛି।** ଆଜି ସନ୍ଧ୍ୟାରେ ପାକିସ୍ତାନ ପଟରୁ ଜୋରଦାର ଆକ୍ରମଣ କରାଯାଇଛି। ଭାରତର ମୋଟ ୨୬ଟି ସହର ଓ ୨୦୭ଟି ସ୍ଥାନରେ ଡ୍ରୋନ୍ ଆକ୍ରମଣ କରିଛି। ଏଥି ମଧ୍ୟରେ ଗୁଜରାଟର ୬୦ଟି, ପଞ୍ଜାବର ୪୫ଟି, ରାଜସ୍ଥାନର ୫୫ଟି ଓ ଶ୍ରୀନଗରର ୩୨ଟି ଏବଂ କଚ୍ଛର ୧୫ଟି ସ୍ଥାନରେ ଡ୍ରୋନ୍ ମାଡ଼ କରାଯାଇଛି। ତେବେ ଭାରତୀୟ ସେନା ଏହାର ଜବାବ ଦେବାକୁ ଯାଇ ପାକିସ୍ତାନର ୧୦୦ଟି ଡ୍ରୋନ୍‌କୁ ଖସାଇଦେବାରେ ସକ୍ଷମ ହୋଇଛି। ଏହି ଡ୍ରୋନ୍‌ଗୁଡ଼ିକୁ ଖସାଇଦେବାରେ ମୁଖ୍ୟ ଭୂମିକା ନେଇଛନ୍ତି ଭାରତୀୟ ବାୟୁସେନାର ଦୁଇଟି ଆକାଶ ଓ ଏସ୍-୪୦୦ ମିସାଇଲ୍। ପାକିସ୍ତାନ ଜମ୍ମୁ-କଶ୍ମୀରର ଜମ୍ମୁ, ଉରି, ପୁଞ୍ଚ, ସମ୍ବା ଓ ପଞ୍ଜାବର ପଠାନ୍‌କୋଟ ଆଦି ସୀମାବର୍ତ୍ତୀ ଅଞ୍ଚଳରେ ପାକିସ୍ତାନ ଘନ ଘନ ଆକ୍ରମଣ କରିଥିଲେ ହେଁ ଭାରତୀୟ ସେନା ସଜାଗ ଥିବାରୁ ଏହାକୁ ବିଶେଷକିଛି ସଫଳତା ମିଳିପାରିନାହିଁ। ଏଥିସହ ସନ୍ଧ୍ୟାରେ ସେସବୁ ଅଞ୍ଚଳ ସହ ରାଜସ୍ଥାନର ଜୈସଲମେର୍ ଓ ବାଡମେର ଏହିପରି ମୋଟ ୭ଟି ଅଞ୍ଚଳରେ ବ୍ଲାକ୍‌ଆଉଟ୍ ଘୋଷଣା କରାଯାଇଛି। ପଠାନକୋଟ ଏୟାରବେସ ପାଖରେ ସାଇରନ୍ ବାଜିଛି। ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ପାକିସ୍ତାନୀ ଡ୍ରୋନ୍‌କୁ ଧ୍ୱଂସ କରିଦେଇଛି। କାଶ୍ମୀରର ସମ୍ବା ସେକ୍ଟରରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ପାକିସ୍ତାନ ଡ୍ରୋନକୁ ବାୟୁସେନା ଖସାଇ ଦେଇଛି। ଏୟାର ଡିଫେନ୍ସ ସିଷ୍ଟମ ଏସ-୪୦୦ ସକ୍ରିୟ ରହିଛି। ଅମୃତସର, ପୋଖରାନ, ଶ୍ରୀନଗର, ଜୈସଲମେର ଆଦି ଅଞ୍ଚଳକୁ ବି ବ୍ଲାକଆଉଟ କରାଯାଇଛି। ଏହାର ସୁଯୋଗରେ ପାକିସ୍ତାନ ପଟୁ ଗୁଳିଗୋଳା ବର୍ଷଣ ହୋଇଛି। ଲୋକଙ୍କୁ ସତର୍କ କରାଇବା ପାଇଁ ଘନ ଘନ ସାଇରନ ବାଜିଛି। ଜମ୍ମୁ, ସମ୍ବା, ନୌସରା, ଅଖନୁର, କୁପୱାରା, ଉରୀ, ନାଓଗାମ, ପୁଞ୍ଚ, ରାଜୌରୀ ଆଦି ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ପ୍ରବଳ ଗୁଳିମାଡ଼ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଉରି ସେକ୍ଟରରେ ପ୍ରବଳ ଗୁଳିବର୍ଷା ଆରମ୍ଭ କରିଦେଇଛି ପାକିସ୍ତାନ, ଯାହା ଫଳରେ ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହାପରେ ପାକିସ୍ତାନ ପୁଞ୍ଚ ଏବଂ କୁପୱାଡା ସେକ୍ଟରରେ ମଧ୍ୟ ସୀମା ପାର କରି ଗୁଳି ଚଳାଇଛି। ସୀମା ଆରପାରିରୁ ମୋର୍ଟାର ମାଡ଼ କରାଯାଇଛି। ପାକିସ୍ତାନ ଦ୍ୱାରା ଜାଣିଶୁଣି ସାଧାରଣ ନାଗରିକ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରାଯାଉଥିବା ଭାରତୀୟ ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ➪ପୃଷ୍ଠା-୬

## ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଡକାଇଲେ ମୋଦି

ପାକିସ୍ତାନ ପକ୍ଷରୁ ଭାରତ ଉପରେ ଆକ୍ରମଣ ଜାରି ରହିଛି। ଆଜି ଦ୍ୱିତୀୟ ଦିନରେ ବି ପାକିସ୍ତାନ ସୀମାନ୍ତ ୪ ରାଜ୍ୟ ଉପରେ ପ୍ରବଳ କ୍ଷେପଣାସ୍ତ୍ର, ରକେଟ ଓ ଡ୍ରୋନ ମାଡ କରିଛି। ଯାହାର ଦୃଢ଼ ଜବାବ ଦେଇଛି ଭାରତ। ଆଉ ସୀମାରେ ଅସ୍ତ୍ର ବିରତି ଉଲଙ୍ଘନ କରୁଛି ପାକିସ୍ତାନ। ପହଲାଗାମ ଆତଙ୍କବାଦୀ ଆକ୍ରମଣ ପରଠୁ ସୀମାରେ ପ୍ରତିଦିନ ଗୁଳି ବର୍ଷଣ କରୁଛି ପାକିସ୍ତାନ। ତେଣୁ ମୁହଁ ଫୁଟାଣି ମାରୁଥିବା ପାକିସ୍ତାନକୁ ପାନେ ଦେବାକୁ ଆଜି ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରୀ ବାସଭବନରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଦେଶର ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପକୁ ନେବାକୁ ନିଷ୍ପତ୍ତି ନିଆଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଆଜିର ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ସେନା ଷ୍ଟାଫ ମୁଖ୍ୟ ଜେନରୋଲ ଅନୀଲ ଚୌହ୍ୱାନ, ତିନି ସେନାର ମୁଖ୍ୟ, ପ୍ରତିରକ୍ଷା ସଚିବ ଆର.କେ.ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



## ସେନା ପ୍ରମୁଖଙ୍କୁ ଭେଟିଲେ ରାଜନାଥ

ଉତ୍ତର ଏବଂ ପଶ୍ଚିମ ସୀମାରେ ଗୁଳି ବିନିମୟ ଓ ଡ୍ରୋନ ଆକ୍ରମଣ ମଧ୍ୟରେ ସୁରକ୍ଷା ସ୍ଥିତି ଓ ଭାରତୀୟ ସଶସ୍ତ୍ର ବଳର ପରିଚାଳନାଗତ ପ୍ରସ୍ତୁତିକୁ ନେଇ ସମୀକ୍ଷା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ ଶ୍ରୀ ସିଂହ। ଏହି ବୈଠକରେ ସେବା ଓ ସେନା ବ୍ୟାପାର ବିଭାଗ ଓ ରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ପ୍ରତିରକ୍ଷା ମୁଖ୍ୟ ଅନୀଲ ଚୌହ୍ୱାନ, ଆର୍ମି ଷ୍ଟାଫ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଦିନେଶ କେ. ତ୍ରିପାଠୀ, ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ, ଓ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଉପସ୍ଥିତ ଥିଲେ। ଗୁରୁବାର ରାତିରେ ପାକିସ୍ତାନ ପଶ୍ଚିମ ସୀମାରେ ଥିବା ➪ପୃଷ୍ଠା-୬

## ୪୦୦ ତୁର୍କୀ ଡ୍ରୋନ୍‌ରେ ଆଟାକ୍ କରିଥିଲା ପାକିସ୍ତାନ



ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧରେ ଭାରତର 'ଅପରେସନ୍ ସିନ୍ଦୂର' ଦ୍ୱାରା ବିଚଳିତ ପାକିସ୍ତାନ ଗୁରୁବାର ରାତିରେ ଉତ୍ତର ଏବଂ ପଶ୍ଚିମ ଭାରତର ଅନେକ ସାମରିକ ଘାଟି ଉପରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିବାକୁ ବିଫଳ ପ୍ରୟାସ କରିଛି । ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ବିଶେଷକରି ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସତର୍କତା ପ୍ରଦର୍ଶନ କରି ଏହି ସମସ୍ତ ଆକ୍ରମଣକୁ ପଣ୍ଡ କରିଥିଲା। ଏହି କାର୍ଯ୍ୟାନୁଷ୍ଠାନ ପରେ ଆଜି କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହା ଉପରେ ଏକ ଆନୁଷ୍ଠାନିକ ପ୍ରେସ ବ୍ରିଫିଙ୍ଗ୍ କରିଛି।

ଅପରାହ୍ନ ସାଢ଼େ ୫ଟାରେ ମନ୍ତ୍ରଣାଳୟ ପକ୍ଷରୁ ଜାରି ଉକ୍ତ ବିବୃତିରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ ସୋଫିୟା କୁରୈଶୀ ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ 'ଅପରେସନ ସିନ୍ଦୂର ବିଷୟରେ କେତେକ ନୂଆ ତଥ୍ୟ ଦେଇଛନ୍ତି । କର୍ଣ୍ଣେଲ ସୋଫିୟା ପାକିସ୍ତାନର ➪ପୃଷ୍ଠା-୬

## ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ପାଇଁ ନଡ୍ଡାଙ୍କ ନିର୍ଦ୍ଦେଶ



- ପ୍ରଚୁର ଔଷଧ ମହଜୁଦ ରଖ
- ହସ୍ପିଟାଲ୍ କର୍ମଚାରୀଙ୍କ ଛୁଟି ବାତିଲ୍

ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଉପୁଜିବା ପରେ ପ୍ରଚୁର ଔଷଧ ମହଜୁଦ୍ ରଖିବାକୁ ଔଷଧ ନିର୍ମାତା କଂପାନୀ ଓ ବିତରକମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା। ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିବା ପରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତବନୀ ବି ➪ପୃଷ୍ଠା-୬

## ୧୫ ପର୍ଯ୍ୟନ୍ତ ୨୮ ବିମାନବନ୍ଦର ବନ୍ଦ

ପାକିସ୍ତାନ ସହିତ ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ଦେଶର ୨୪ ବିମାନ ବନ୍ଦରକୁ ମେ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ମେ ୧୦ ତାରିଖ ପର୍ଯ୍ୟନ୍ତ ଏହି ଅବଧି ସ୍ଥିର କରାଯାଇଥିଲା। ମାତ୍ର ଅପରେସନ ସିନ୍ଦୂର ଓ ପାକିସ୍ତାନ ପକ୍ଷରୁ ହେଉଥିବା ଡ୍ରୋନ ହମଲା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅନେକ ଏୟାରଲାଇନ୍‌ସକୁ ଯାତ୍ରୀଙ୍କ ପାଇଁ ଆଡଭାଇଜରି ଜାରି କରି ବିମାନ ବନ୍ଦର ବନ୍ଦ ହେଉଥିବା ଓ ସୁରକ୍ଷା ପ୍ରୋଟୋକଲ୍ ବିଷୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ସମସ୍ତ ଏୟାରଲାଇନସକୁ ଜଣାଇ ଦିଆଯାଇଥିଲା ଯେ, କେନ୍ଦ୍ରର ନିର୍ଦ୍ଦେଶ ମୁତାବକ ଯାତ୍ରୀଙ୍କୁ ବିମାନ ଉଡାଣ ଭରିବାର ତିନି ଘଣ୍ଟା ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିବାକୁ ପଡ଼ିବ। ଏହାଛଡ଼ା ୧୦୦ଟି ବିମାନ ଉଡ଼ାଣକୁ ବାତିଲ୍ କରିଦିଆଯାଇଥିବା ଜଣାପଡ଼ିଛି।

ବନ୍ଦ କରାଯାଇଥିବା ବିମାନ ବନ୍ଦରରେ ଚଣ୍ଡିଗଡ଼, ଶ୍ରୀନଗର, ଅମୃତସର, ଲୁଧିଆନା, ଭୁନ୍ତର, କିଶନଗଡ଼, ପଠାନକୋଟ, ସିମଲା, ଜେସଲମେର, ଜମ୍ମୁ, ବିକାନେର, ଲେହର, ପୋରବନ୍ଦର, ପଟିଆଲା ପରି ସହର ସାମିଲ ଅଛନ୍ତି। ଏୟାର ଇଣ୍ଡିଆ ନିଜର ବୟାନରେ କହିଛି ଯେ, ଜମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ➪ପୃଷ୍ଠା-୬

## କାଶ୍ମୀର ଗଲେ ୨୪ ସିଆର୍‌ପିଏଫ୍ କମ୍ପାନୀ

ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଜମ୍ମୁ-କାଶ୍ମୀରର ସୁରକ୍ଷା ପାଇଁ ଅଧିକ ଦୁଇ ଡଜନ ସିଆରପିଏଫ କମ୍ପାନୀ ପଠାଇବାକୁ ନିଷ୍ପତ୍ତି ହୋଇଛି। ସୀମା ସୁରକ୍ଷା ବଳ ବିଏସଏଫ ସହ ବୈଠକ ପରେ ଅନୁଷ୍ଠିତ ଏହି ବୈଠକରେ ସେନାବାହିନୀ କିପରି ଆନ୍ତର୍ଜାତିକ ସୀମାରେ ଅନୁପ୍ରବେଶକୁ ପଣ୍ଡ କରିଛନ୍ତି ତାହା ଆଲୋଚନା ହୋଇଥିଲା। ଏହାସହିତ ଶାହ ଦେଶର ସବୁ ବିମାନବନ୍ଦରରେ ସୁରକ୍ଷା ବୃଦ୍ଧିକୁ ନେଇ ଗ୍ରହଣକୃତ ପଦକ୍ଷେପମାନଙ୍କୁ ଏବଂ ଜମ୍ମୁ ଓ କଶ୍ମୀରରେ ସୁରକ୍ଷା ବିଷୟରେ ପରବର୍ତ୍ତୀ ସ୍ଥିତିକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ସେମାନେ କହିଲେ ଯେ ଜମ୍ମୁ ଓ କାଶ୍ମୀରରେ ଅତିରିକ୍ତ ସିଆରପିଏଫ କମ୍ପାନୀଗୁଡିକର ମୁତୟନ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ଶୀଘ୍ର ଅଧିକ ପାରାମିଲିଟାରୀଙ୍କୁ ବି ସାମିଲ କରାଯିବ ଯେଉଁମାନେ ପୁଲିସକୁ କାନୁନ ଏବଂ ବ୍ୟବସ୍ଥା ➪ପୃଷ୍ଠା-୬

## ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ରୋଡମ୍ୟାପ୍




- ସମୃଦ୍ଧ ଓଡ଼ିଶା ଗଠନ ପାଇଁ ୩୬ କାର୍ଯ୍ୟକ୍ରମ ପ୍ରସ୍ତୁତ
- ସମସ୍ତଙ୍କୁ ମିଳିବ ମୌଳିକ ସୁବିଧା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଆଗାମୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରାଯିବ। ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଆଜି ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ଠାରେ 'ଭିଜନ ଓଡିଶା ୨୦୩୬ ଓ ୨୦୪୭' ପାଇଁ ଆୟୋଜିତ ରାଜ୍ୟସ୍ତରୀୟ 'ପରାମର୍ଶ କର୍ମଶାଳା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍। ଏହା ଆମ ଭବିଷ୍ୟତର ପିଢ଼ିଙ୍କ ପାଇଁ ଏକ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଭିଜନ ଡକ୍ୟୁମେଣ୍ଟ ➪ପୃଷ୍ଠା-୬

## ଲଣ୍ଡା ହୋଇଗଲେ ବିଜେଡିର ତ୍ରିମୂର୍ତ୍ତି

- ଖୁର ଚଳାଇଦେଲେ କ୍ରୀତଦାସ
- ବରିଷ୍ଠ ବି ହୋଇଗଲେ ସଫା



**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଦଳର ସଭାପତି ପଦ ପାଇବା ପରେ ନବୀନ ପଟ୍ଟନାୟକ ଯେଉଁ ପଦପଦବୀ ମୁଆଁ ବାଣ୍ଟିଛନ୍ତି, ସେଥିରେ ଦଳର ତିନି ବରିଷ୍ଠ ନେତା ଏକପ୍ରକାର ଲଣ୍ଡା ହୋଇଯାଇଛନ୍ତି। ଏହି ତିନି ପୂର୍ବତନ ମନ୍ତ୍ରୀଙ୍କର ଏଭଳି ପକ୍ଷଚ୍ଛେଦନ ହୋଇଛି ଯେ ସେମାନେ ନା କହିପାରୁଛନ୍ତି ନା ସହିପାରୁଛନ୍ତି। ଏହି ତ୍ରିମୂର୍ତ୍ତି ଆଗକୁ କ'ଣ କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

ଲଣ୍ଡା ତାଲିକାରେ ଥିବା ଏହି ତ୍ରିମୂର୍ତ୍ତି ହେଲେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଡକ୍ଟର ଅରୁଣ କୁମାର ସାହୁ। ତେବେ ବିଜେଡି ନିର୍ବାଚନ ହାରିବା ପରେ ଦୁଇ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଓ ଅତନୁ ସବ୍ୟସାଚୀ ନବୀନଙ୍କ ଶିବିରର ଖାସ୍ ଲୋକ ହୋଇଥିଲେ। ଏମାନେ ବି ନିଇତି ନବୀନ ନିବାସରେ ହାଜିରା ମାରୁଥିଲେ। ନବୀନଙ୍କ ଆଗରେ ପଛରେ ଛିଡାହୋଇ ତାଙ୍କର ପାଖଲୋକ ବୋଲି ବାର୍ତ୍ତା ଦେଉଥିଲେ। ସଭ୍ୟ ସଂଗ୍ରହ ଦାୟିତ୍ୱ ବି ନବୀନ ଏମାନଙ୍କ ଉପରେ ଛାଡିଥିଲେ। ଅରୁଣ ସାହୁ ଏମାନଙ୍କ ଭଳି ନ ହେଲେ ମଧ୍ୟ ନବୀନଙ୍କ ପାଖଲୋକ ହେବା ସହ ବିଧାନସଭାରେ ଶାସକ ଦଳକୁ ଶାଣିତ ଆକ୍ରମଣ କରୁଥିଲେ।

ହେଲେ ଦଳର ସାଙ୍ଗଠନିକ ପରିବର୍ତ୍ତନରେ ଏହି ତିନି ଜଣ ପୂରା ଲଣ୍ଡା। ତିନି ଜଣଙ୍କୁ ଉପସଭାପତି ପଦ ମିଳିଛି। ହେଲେ ନାମ୍ କି ବାସ୍ତେ। ଉପସଭାପତି ଦେବୀ ମିଶ୍ରଙ୍କୁ ମିଳିଛି ହେଡକ୍ୱାର୍ଟର ଅଫିସ ଦାୟିତ୍ୱ। ଅର୍ଥାତ୍ ଏହି ବରିଷ୍ଠ ନେତା ଶଙ୍ଖଭବନ ଜଗିବେ। ତାଙ୍କୁ ସହାୟତା କରିବେ ଅନ୍ୟତମ ବରିଷ୍ଠ ନେତା ଅତନୁ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

NURSING PROGRAMMES OFFERED
- B.SC. (Nursing) (Basic)
- B.SC. (Nursing) (Post Basic)
- M.SC. (Nursing)

APPROVAL & RECOGNITIONS
- Approved by UGC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ହୋଟେଲ ଓ ଜଳଖିଆ ଦୋକାନରେ ବଢୁଛି ବାସିଖାଦ୍ୟ ବେପାର

## ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ନିଦାବିଷ୍ଟୁ

**ନିଶ୍ଚିନ୍ତକୋଇଲି,୯।୫ (ସଂଚାର ବ୍ୟୁରୋ):** ଦିନକୁ ଦିନ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ହୋଟେଲ ରେଷ୍ଟୁରାଣ୍ଟ ସାଙ୍ଗକୁ ଛୋଟ ବଡ ଜଳଖିଆ ଦୋକାନମାନ ଗଢ଼ିଉଠିବାରେ ଲାଗିଛି। ସେହି ତୁଳନାରେ ଜନସଂଖ୍ୟା ମଧ ବୃଦ୍ଧି ହେଉଛି। ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନ ଗଢ଼ି ଉଠୁଛି। ଯେଉଁଠାରେ କି ଗ୍ରାହକଙ୍କ ଭିଡ଼ ଜମୁଛି। ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରସା ଯାଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସରେ ବିଷ ଦେଇ ରେଷ୍ଟୁରାଣ୍ଟ, ହୋଟେଲ ଓ ଜଳଖିଆ ଦୋକାନର କର୍ତ୍ତୃପକ୍ଷମାନେ ମଣିଷ ଜୀବନ ସହିତ ଖେଳ ଖେଳୁଥିବା ବେଳେ କଟକ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରତିଦିନ ଗ୍ରାହକ ମୋଟା ଅଙ୍କର ଟଙ୍କା ଦେଇ ବାସି ଖାଦ୍ୟ ଖାଉଛନ୍ତି।



ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାର ସହିତ ଉପକଣ୍ଠ ଅଞ୍ଚଳରେ ଶହ ଶହ ନାମୀଦାମୀ ହୋଟେଲ ଓ ରେଷ୍ଟୁରାଣ୍ଟ ରହିଛି। ସେଠାରେ ଖାଦ୍ୟ ପ୍ରସ୍ତୁତ ପକ୍ରିୟା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ସବୁଠାରୁ ବଡ଼ କଥା ହେଉଛି ସୁନାମ ଅର୍ଜନ କରିଥିବା ଏହି ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ଯୋଗାଇ ଦେଉଛନ୍ତି। କଟକ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟୁ ସାଜି ଆଜି ପର୍ଯ୍ୟନ୍ତ କେବେବି କୌଣସିବି ହୋଟେଲରେ ଯାଞ୍ଚ କରୁନଥିବା ନଜିର ରହିଛି। ମାତ୍ର ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ବାହ୍ୟ ଚାକଚକ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଦିଗରେ ଯତ୍ନବାନ ହେଉନାହାନ୍ତି । ଫଳସ୍ୱରୂପ ବିଶ୍ୱାସରେ ଗ୍ରାହକ ବିଷ ଖାଉଛନ୍ତି। କେବଳ ବାସି ଖାଦ୍ୟ ନୁହେଁ, ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନ କହିବା ଭଲ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି। ମାସେ କିମ୍ବା ଦୁଇ ମାସ ନୁହେଁ, ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇଆସୁଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରତିଷ୍ଠିତ ହୋଟେଲ ଓ ଜଳଖିଆ ଗୁଡ଼ିକ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ଖାଦ୍ୟ ସୁରକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନଥିବା କାରଣରୁ ହୋଟେଲ ଓ ଜଳଖିଆ ଦୋକାନିମାନେ ବେଧଡକ ଭାବେ ବାସିଖାଦ୍ୟ ଲୋଙ୍କଙ୍କୁ ବିକ୍ରି କରୁଥିବା ଦେଖିବା ପାଇଁ ମିଳୁଛି। ପ୍ରତିଦିନ ଏଭଳି ବାସିଖାଦ୍ୟ ଦିଆଯାଉଥିବା ଅଞ୍ଚଳବାସୀଙ୍କ ଠାରୁ ଆରମ୍ଭ କରି କଟକ ଚାନ୍ଦବାଲି ଦେଇ ଦୈନନ୍ଦିନ ଯା'ଆସ କରୁଥିବା ଶହ ଶହ ଗ୍ରାହକ ଅଭିଯୋଗ କରି ଆସୁଛନ୍ତି।

ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଯେଉଁଥି ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ଖାଦ୍ୟର ମାନ ଯାଞ୍ଚ ନକରି ଚୁପ୍ ବସିଛି। ହୋଟେଲ ଓ ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନରେ ନିୟମିତ ଚଢ଼ଉ ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏଭଳି ସମସ୍ୟା ଉପୁଜିବ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।





# ୧୩ନଂ ଜିଲ୍ଲାପରିଷଦ ଉପନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି

**ଡେରାବିଶ,୯।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅନ୍ତର୍ଗତ ୧୩ ନଂ ଜୋନ୍‌ରେ ଜିଲ୍ଲା ପରିଷଦ ପଦବୀର ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଡେରାବିଶ ବ୍ଲକ୍‌ର ତିନୋଟି ଜିଲ୍ଲା ପରିଷଦ ଜୋନ୍ ୧୨, ୧୩ ଓ ୧୪ ମଧରୁ ୧୩ ଜୋନ୍‌ର ସଦସ୍ୟା ୨୦୨୪ ବିଧାନସଭା ନିର୍ବାଚନ ସମୟରେ ତାଙ୍କ ପଦବୀରୁ ଇସ୍ତଫା ଦେଇ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଫଳରେ ସେବେଠାରୁ ଏହି ଜିଲ୍ଲା ପରିଷଦ ଜୋନଟି ଫାଙ୍କା ପଡ଼ିଥିଲା । ବେଣୀପୁର, ମଙ୍ଗଳପୁର, ଛୋଟି, ନହଙ୍ଗ, ରଘୁଦେଇପୁର, କୁରୁଜଙ୍ଗା, କାଉପଡ଼ା, ଗୁଆଳସିଂ, କୁସିଆପାଳ ଓ ବାରିମୂଳ ପଞ୍ଚାୟତକୁ ନେଇ ଏହି ୧୩ନଂ ଜୋନ୍‌ଟି ଗଠିତ ହୋଇଛି। ନିର୍ବାଚନ କମିଶନରଙ୍କ ଆଦେଶ ମୁତାବକ ଏଥି ନିମନ୍ତେ ୱାର୍ଡସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତି ବିଭକ୍ତି କରଣ ଅଭିଯୋଗ,ଦାବି ଓ ଆପତ୍ତି ଶୁଣାଣି କାର୍ଯ୍ୟ ସରିଯାଇଛି। ଗତ ୧୭ ଅପ୍ରେଲ ରୁ ୨୨ ଅପ୍ରେଲ ମଧରେ ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଥିଲେ। ପରେ ୨୪ ଅପ୍ରେଲ ରୁ ୩୦ ଅପ୍ରେଲ ପର୍ଯ୍ୟନ୍ତ ଚୂଡ଼ାନ୍ତ ଭୋଟର ତାଲିକା ସମ୍ପୃକ୍ତ ପଂଚାୟତରେ ପ୍ରକାଶନ କରାଯାଇଥିଲା। ୩୦ ଅପ୍ରେଲ ସୁଦ୍ଧା ଏ ସମ୍ପର୍କରେ ଦାବି ଆପତ୍ତି ଲୋକଙ୍କଠାରୁ ଗ୍ରହଣ କରାଯାଇଥିଲା। ୨ ମେ ରୁ ୫,୫୨୫ ପର୍ଯ୍ୟନ୍ତ ଇଲୋକ୍ଟୋରାଲ ରେଜିଷ୍ଟର ଅଫିସର ତଥା ବିଡିଓଙ୍କ ସମ୍ମୁଖରେ ଦାବିର ଫଇସଲା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଜିପିଓ ନନ୍ଦିନୀ ଶତପଥଙ୍କ କହିବା ମୁତାବକ ଧାର୍ଯ୍ୟ ତାରିଖ ସୁଦ୍ଧା କୌଣସି ଆପତ୍ତି ଅଭିଯୋଗ ଆସି ନ ଥିବାବେଳେ ମୃତ ବ୍ୟକ୍ତିଙ୍କ ନାମ ଭୋଟର ଲିଷ୍ଟରୁ କଟାଯାଇଛି। ତେବେ ନିର୍ବାଚନ ତାରିଖ ଘୋଷଣା ହୋଇନଥିବା ବେଳେ ଖୁବ୍‌ଶୀଘ୍ର ଭୋଟ ହେବ ବୋଲି ଆକଳନ କରାଯାଇଛି। ଏହି ୧୩ନଂ ଜିଲ୍ଲା ପରିଷଦ ଆସନ ହାତେଇବା ପାଇଁ ରାଜନୈତିକ ଦଳମାନେ ବିଭିନ୍ନ ଲାଗିପଡ଼ିଲେଣି ଯାହାକୁ ନେଇ ଡେରାବିଶରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏଥିସହିତ ଦାନପୁର ପଞ୍ଚାୟତର ୧୧ନଂ ୱାଡର୍, ଏଣ୍ଡର ପଞ୍ଚାୟତର ୧୩ନଂ ୱାଡର୍, କାଉପଡ଼ା ପଞ୍ଚାୟତର ୧୧ନଂ ୱାଡର୍, ଲକ୍ଷ୍ମୀ ନାରାୟଣପୁର ପଞ୍ଚାୟତର ୫ନଂ ୱାର୍ଡ, ମଙ୍ଗଳପୁର ପଞ୍ଚାୟତର ୩ନ ୱାଡର୍, ନହଙ୍ଗ ପଞ୍ଚାୟତର ୧୧ନଂ ୱାଡର୍ ଓ ରତାଦିଆ ଖଣ୍ଡସାହି ପଞ୍ଚାୟତର ୫ନଂ ୱାର୍ଡ ସଭ୍ୟ ପଦବୀ ଫାଙ୍କା ପଡ଼ିଥିବାବେଳେ ସେଠାରେ ମଧ ଉପନିର୍ବାଚନ ହେବ ବୋଲି ସୂଚନା ମିଳିଛି।

### ହୋଟେଲ ଏବଂ ମହୋତ୍ସବରେ ପରଷା ଯାଉଥିଲା ବାସି ଖାଦ୍ୟ

# ଖବର ପ୍ରକାଶ ପରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚଢ଼ାଉ

**କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ):** ଗ୍ରାହକଙ୍କୁ ଖାଦ୍ୟ ଆଳରେ ପରସା ଯାଉଥିଲା ଜହର । ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ଖେଳୁଥିଲେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଉଠା ଦୋକାନୀ । ବିଭିନ୍ନ ସ୍ଥାନରେ ହେଉଥିବା ମହୋତ୍ସବରେ ବି ଖାଦ୍ୟ ଷ୍ଟଲରେ ବାସି ଖାଦ୍ୟ ପରସା ଯାଉଥିଲା। କେନ୍ଦ୍ରାପଡା ଜିଲ୍ଲାରେ ବାସି ଏବଂ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ବେଳେ ଏଥିରେ କାହାର ନଜିର ପଡ଼ିନଥିଲା। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଥିଲା। ପ୍ରତିଦିନ ଗ୍ରାହକ ଟଙ୍କା ଦେଇ ବାସି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଥିଲା ।





'ସଂଚାର' ପ୍ରଭାବ

ସବୁଠୁ ବଡ଼ କଥା ହେଉଛି କେନ୍ଦ୍ରାପଡା ସହର ଓ ସହର ଉପକଣ୍ଠରେ ୫୦ରୁ ଉର୍ଦ୍ଧ୍ୱ ନାମୀଦାମୀ ହୋଟେଲ ଓ ରେଷ୍ଟୁରାଣ୍ଟ ଥିଲେ ସୁଦ୍ଧା ସେଠାରେ ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟା ଅତ୍ୟନ୍ତ ନିମ୍ନମାନର ଦେଖିବାକୁ ମିଳିଥିଲା। ଏନେଇ ସଂଚାର ରେ ଖବରର ଶୀର୍ଷକ "ହୋଟେଲ ଓ ମହୋତ୍ସବ ରେ ପରଷାଯାଉଛି ବାସି ଖାଦ୍ୟ" ଖାଦ୍ୟ ନିରାପତ୍ତା ଅଧିକାରୀ ନିଦାବିଷ୍ଟୁ , ଆଦି ପ୍ରକାଶିତ ହେବା ପରେ କେନ୍ଦ୍ରାପଡା ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରୀତିଶ ଦାସଙ୍କ ଆକ୍ଟିଭ ମୁଡ୍‌କୁ ଆସିଛନ୍ତି । ସହରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ଛକ ବଜାର ମାନଙ୍କରେ ବିକ୍ରି ହେଉଥିବା ଖାଦ୍ୟ ପସରା ମାନଙ୍କରେ ଚଢାଉ କରାଯାଇଛି । ପୌରାଂଚଳ ର ତିନିମୁହାଣୀ ଠାରୁ ଇଛାପୁର ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଥିବା ଖାଦ୍ୟ ବିକ୍ରୟ କେନ୍ଦ୍ର ଉପରେ ଏହି ଚଢାଉ କରାଯାଇଥିଲା ।

ହୋଟେଲ ମାଲିକ ଓ ଜଳଖିଆ ଦୋକାନୀ ମାନେ ବାସି ଖାଦ୍ୟ ଓ ନିମ୍ନ ମାନର ଖାଦ୍ୟ ଫ୍ରିଜ ଭୀତରେ ରଖି ତାକୁ ଗରମ କରି ଗରାଖଙ୍କୁ ବିକ୍ରୟ କରୁଛନ୍ତି । ଏହା ସହ ସହରରେ ଫାଷ୍ଟଫୁଡ ବିକ୍ରି କରୁଥିବା ଉଠା ଦୋକାନୀ ଓ ଅନେକ ଜଳଖିଆ ଦୋକାନୀ ହୋଟେଲ ମାଲିକମାନେ ଖାଦ୍ୟ ବିକ୍ରି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଲାଇସେନ୍ସ ହାସଲ କରି ନଥିବା ଜଣାପଡିଛି । ଏନେଇ ଅଭିଯୋଗ ସହ ସଂଚାର ଘଟଣାକୁ ସାମ୍ନାକୁ ଆଣିବା ପରେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ତାଙ୍କର ଟିମ ବିଭିନ୍ ହୋଟେଲ, ଉଠା ଦୋକାନୀ ଏବଂ ମହୋତ୍ସବରେ ଅତର୍କିତ ଚଢାଉ କରି ବାସି ଖାଦ୍ୟ ଗୁଡିକୁ ନଷ୍ଟ କରିବା ସହ ହୋଟେଲ ମାଲିକ ମାନଙ୍କୁ ତାଗିଦ କରିଥିବା ଜାଣିବାକୁ ମିଳିଛି ।

### ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତୁଳାସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଠାରୁ ଶୁଭାରମ୍ଭ କରାଯାଇଛି । ଚନ୍ଦନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ମହାଯଜ୍ଞ କାର୍ଯ୍ୟକ୍ରମ ଚାରିଦିନ ବ୍ୟାପି ଅନୁଷ୍ଠିତ ହେବ । ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଦାଣ୍ଡ ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଯଜ୍ଞ ମଣ୍ଡପରେ ସ୍ଥାନୀୟ ଜନ ସାଧାରଣଙ୍କ ସହଯୋଗ ରେ ମହାଯଜ୍ଞ ଶୁଭାରମ୍ଭ କରାଯାଇଛି । ଅଙ୍କୁରା ରୋପଣ, କଳସାଧିବାସ ଅଗ୍ନି ସ୍ଥାପନ, ଗୋ-ସୂର୍ଯ୍ୟ, ଗୁରୁପୂଜା ପ୍ରତ୍ୟହ ଘୃତାହୃତି ସହ ନାମଯଜ୍ଞ ଅନୁଷ୍ଠିତ ହେବ । ଏହା ସହ ସାଧୁସନ୍ଥ ମାନଙ୍କ ଦ୍ୱାରା ସଂନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଓ ହରିହାଟ ଓ ଭାଗବତ କଥାଯଜ୍ଞ ଅନୁଷ୍ଠିତ ହେବ ବୋଲି ଉଦ୍ୟୋକ୍ତା ମାନେ ସୂଚନା ଦେଇଛନ୍ତି ।

### କେନ୍ଦ୍ରାପଡ଼ାରେ କ୍ରାଇମବ୍ରାଞ୍ଚ ଟିମ୍

# ପବିତ୍ର ପ୍ରଧାନଙ୍କ ମୃତ୍ୟୁ ଘଟଣାରେ ଖୋଳତାଡ଼

**କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ):** ଦୀର୍ଘଦିନ ଧରି ସନ୍ଦେହ ଘେରରେ ଥିବା ଘଟଣାକୁ କ୍ରାଇମବ୍ରାଞ୍ଚ ଟିମ୍ ନେଇଛି । ପୂର୍ବରୁ ପୁଲିସ ଘଟଣାକୁ ତଦନ୍ତ କରି ମଧ ସୁରାକ ନପାଇବା ଏବଂ ଅଭିଯୋଗକାରୀ ନ୍ୟାୟ ନପାଇବା ଦ୍ୱାରା ଶେଷରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ । ଯାହା ଫଳରେ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ କେନ୍ଦ୍ରାପଡ଼ାରେ ପହଞ୍ଚି ତଦନ୍ତ ଜାରି ରଖିଛି।

ଗୁଲନଗର ପାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଥିବା ଘର ମାଲିକ ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାର ଏକ ଟିମ୍ ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜ ସାହୁଙ୍କୁ ଜେରା କରିଛି । କ୍ରାଇମବ୍ରାର ଅଧିକାରୀମାନେ ଶ୍ରୀ ସାହୁ, ତାଙ୍କ ଡ୍ରାଇଭର, ଜଣେ ସରପଞ୍ଚଙ୍କ ସ୍ୱାମୀ, ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଡକାଇ ପଚରାଉଚରା କରିଛନ୍ତି। ପୂର୍ବରୁ କ୍ରାଇମବ୍ରା ୪ ଥର କେନ୍ଦ୍ରାପଡ଼ାକୁ ଆସି ତଦନ୍ତ କରିଥିଲେ ମଧ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ସାହୁ ଫେରାର ହୋଇ ଯାଉଥିଲେ। କିନ୍ତୁ ଶୁକ୍ରବାର ଶ୍ରୀ ସାହୁଙ୍କୁ କ୍ରାଇମବ୍ରାଜେରା କରିଥିବା ଜଣାପଡିଛି।

### ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁଙ୍କୁ ଘନ ଘନ ଜେରା

ସୂଚନା ଯୋଗ୍ୟ ଯେ ଗତ ୨୦୨୨ମସିହା ମାର୍ଚ୍ଚମାସ ୨୫ ତାରିଖ ରାତିରେ ସ୍ୱର୍ଗତ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ସ୍ୱର୍ଗତ ପ୍ରଧାନଙ୍କ ଏହି କୋଠାର ତଳ ମହଲାରେ ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁ ଭଡ଼ାରେ ରହୁଥିଲେ । କିନ୍ତୁ ଦୀର୍ଘଦିନ ଧରି ସେ ଘରଭଡ଼ା ଦେଇ ନ ଥିଲେ । ଏପରିକି ତାଙ୍କ ଉପରେ ଏକ ଲକ୍ଷ ଟଙ୍କା ଘରଭଡ଼ା ବାକି ଥିଲା । କିନ୍ତୁ ସେ ଏହାକୁ ଦେଉ ନଥିଲେ । ଏ ନେଇ ଅଦାଲତରେ ଏକ ମାମଲା ରୁଜୁ ହୋଇଛି ବୋଲି ସ୍ୱର୍ଗତ ପ୍ରଧାନଙ୍କ ପୁଅ ଉତ୍କଳ କହିଛନ୍ତି। ସେ କହିଛନ୍ତି ଘରଭଡ଼ା ବାବଦ ବାକି ଟଙ୍କା ନ ଦେବା ପାଇଁ ଓ ଏହି ଘରକୁ କବଜା କରିନେବା ଉଦେଶ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ସାହୁ ତାଙ୍କ ବାପାଙ୍କୁ ହତ୍ୟା କରିଥିଲେ । ଏପରିକି ଦଣ୍ଡାମୁଣ୍ଡ ଜମି ପଟ୍ଟାରେ ତାଙ୍କ ବାପାଙ୍କ ନାମକୁ କାଟି ଦେବା ପାଇଁ ମଧ ସେ କାରାସାଦି କରିଥିଲେ । ତହସିଲଦାରଙ୍କୁ ବହୁ ଗୁହାରି ପରେ ତାଙ୍କ ବାପାଙ୍କ ନାମ ଏବେ ରେକର୍ଡଭୁକ୍ତ ହୋଇଛି ବୋଲି ପୁଅ ଉତ୍କଳ କହିଛନ୍ତି ।

# ନିମ୍ବମୂଳ ଶ୍ରୀଶ୍ରୀ ଆଖଣ୍ଡଳମଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୯।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଗ୍ରାମପଞ୍ଚାୟତ ଆଖଣ୍ଡଳମଣୀ ପୀଠ ନିମ୍ବମୂଳ ପରିସରରେ ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞ ତ୍ରିଦିନାତ୍ମକ ବ୍ୟାପୀ ଅନୁଷ୍ଠିତ ହୋଇ ଶୁକ୍ରବାର ରାତ୍ରିରେ ଉଦଯାପିତ ହୋଇଯାଇଛି।

ବୁଧବାର ପ୍ରଭାତରୁ ସମାଜସେବୀ ବିଭୁ ପ୍ରସାଦ ଦ୍ୱିବେଦୀଙ୍କ ପ୍ରତେକ୍ଷ ତତ୍ୱାବଧାନରେ ନେମାଳ, ତିଳକଣା ମହମ୍ମଦପୁର, ବାଗୁରା, ଯମୁନାପୁର ଗ୍ରାମର ଶ୍ରଦ୍ଧାଳୁ ଭକ୍ତ ମା' ମାନଙ୍କ ଦ୍ୱାରା ଚିତ୍ରୋତ୍ପଳା ନଦୀର ବକ୍ରେଶ୍ୱର ମହାଦେବ ଘାଟରୁ କଳସ ଶୋଭାଯାତ୍ରା ହୋଇଥିଲା। ପରେ ପଣ୍ଡିତ ଭଗବାନ ମିଶ୍ର ଓ ସାଥୀ ପଣ୍ଡିତଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋ - ପୂଜା, ମଣ୍ଡଳାର୍ଚ୍ଚନ ପରେ ଅଗ୍ନିସ୍ଥାପନ କରାଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞରେ କର୍ତ୍ତାକର୍ତ୍ତୀ ଭାବେ ଦିଲୀପ କୁମାର ସ୍ୱାଇଁ ତାଙ୍କର ଧର୍ମପତ୍ନୀ ସ୍ମିତାରାଣୀ ସ୍ୱାଇଁ, ବିଭୁ ପ୍ରସାଦ ଦ୍ୱିବେଦୀ ଓ ତାଙ୍କର ଧର୍ମପତ୍ନୀ ପଙ୍କୋଜିନୀ ଦ୍ୱିବେଦୀ କାର୍ଯ୍ୟଭାର ତୁଲାଇଥିଲେ। ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ସହ ଦିଅଁଙ୍କର ମନ୍ଦିର ପ୍ରବେଶ ଓ ନବଯୌବନ ଦର୍ଶନ ସର୍ବସାଧାରଣ ଭକ୍ତଙ୍କ ପାଇଁ ହୋଇଥିଲା।

ଉକ୍ତ ପୀଠରେ ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ପ୍ରାକ୍ତନ ସରପଞ୍ଚ ବିଶ୍ୱନାଥ ପଣ୍ଡା, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିବା ବେଳେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ନେମାଳ, ତିଳକଣା, ମହମ୍ମଦପୁର, ବାଗୁରା, ଯମୁନାପୁର ଗ୍ରାମର ଗ୍ରାମବାସୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# କେମ୍ ଓ ସିମ୍ଫୋନି ପକ୍ଷରୁ ହାସ୍ୟ ସୃଜନ ଆସର



**କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମାଧପୁର ସ୍ଥିତ ସିମ୍ଫୋନୀ ଓ କେମ୍ ଅନୁଷ୍ଠାନ ପକ୍ଷରୁ ହାସ୍ୟ ସୃଜନ ଆସର ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ.ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ହୋଇଯାଇଛି।

ସାମ୍ପ୍ରତିକ ସମୟରେ ବହୁଧା ଚାପଗ୍ରସ୍ତ ମଣିଷ ଖୁବ୍ କମ୍ ହସିବାର ଅବକାଶ ପାଉଥାଏ । ମୁଖ୍ୟ ସ୍ରୋତର ସାହିତ୍ୟ ଉତ୍ସବରେ ହାସ୍ୟ ବିଭଟିକୁ ପ୍ରାୟତଃ ଅଣଦେଖା କରାଯାଇଥାଏ । କର୍ମବ୍ୟସ୍ତ ମଣିଷ ପାଇଁ ହାସ୍ୟରସର ଆବଶ୍ୟକତା ସୂଚାଇବାକୁ ଯାଇ ପ୍ରତିଷ୍ଠିତ ସାରସ୍ୱତ, କଳା ଓ ସାଂସ୍କୃତିକ ଅନୁଷ୍ଠାନ କେମ୍ ଓ ସିମ୍ଫୋନି ପକ୍ଷରୁ ଏକ ଅଭିନବ ହାସ୍ୟ ସୃଜନ କାର୍ଯ୍ୟକ୍ରମ 'ଚୁଟକୁଲିଆ ସଞ୍ଜ' ଅନୁଷ୍ଠିତ ହୋଇଯାଇଛି। ଘମାଘୋଟ ଯୁଦ୍ଧ ଚାପର ସାମାନ୍ୟ ପ୍ରଶମିତ ପାଇଁ ଏକ ଚୁଟକୁଲିଆ ସନ୍ଧ୍ୟାରେ ମାଧପୂର ଠାରେ କେମ୍ ଓ ସିମ୍ଫୋନିର ମିଳିତ ପ୍ରୟାସରେ ଏକ ବ୍ୟଙ୍ଗ କବିତା, ଗଳ୍ପ, ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି। କେମ୍ ର ସମ୍ପାଦକ ଇଂ ଅକ୍ଷୟ କୁମାର ପାଣି , ସିମ୍ଫୋନି ସମ୍ପାଦକ ଡ ବିନାୟକ ପ୍ରଧାନ, ନିରଞ୍ଜନ ମେକାପ, ବିଶିଷ୍ଟ ବ୍ୟଙ୍ଗ କବି ଅପର୍ତ୍ତି ସେଠୀ, ଅଜୟ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ କହିଲେ ବ୍ୟସ୍ତ ବହୁଳ ଜୀବନରେ ମଣିଷ ପ୍ରବଳ ଚାପଗ୍ରସ୍ତ ହୋଇ ବିଭିନ୍ନ ରୋଗ ବ୍ୟାଧିର ସମ୍ମୁଖୀନ ହେଉଛି । ଏହାକୁ ପ୍ରଶମିତ କରିବା ପାଇଁ ହସ ଓ ବ୍ୟଙ୍ଗ ଏକ ମହୌଷଧି ଭାବେ କାମ କରିଥାଏ।

ଏହି ଆସରରେ କବି ନୃସିଂହ ଚରଣ ତ୍ରିପାଠୀ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ରଜନୀକାନ୍ତ ଦାସ, ଗୋଲାପ ରାଉତ୍, ରଞ୍ଜନ ବାଇ, ବସନ୍ତ କୁମାର ପରିଡ଼ା, ଦୀପକ ସାହୁ, ପ୍ରମୁଖ ଅତି ସୁନ୍ଦର ମନ ଲୋଭା, ମଜାଦାର କବିତା, ଗଳ୍ପ, ସଂଳାପ ପଠନ କରିଥିଲେ। କଳାକାର ମୁନା ସୁନ୍ଦର୍ ଭାବେ ବିଶିଷ୍ଟ ଗୀତିକାର ଅକ୍ଷୟ ମହାନ୍ତି ଙ୍କ ସଙ୍ଗୀତ ଗାନ କରିଥିଲେ । ସର୍ବ ଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଚକ୍ରୋଡ଼ା ପଞ୍ଚାୟତରେ ବହୁମୁଖୀ ସମ୍ବର୍ଦ୍ଧନା ଉତ୍ସବ



**କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଚକ୍ରୋଡ଼ା ପଞ୍ଚାୟତରେ ଏକ ବହୁମୁଖୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ତନୁଜା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଅଭିଷେକ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ, ପଂଚାୟତ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଓ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହିପରି ସମ୍ବର୍ଦ୍ଧନା ପର୍ବ ପଞ୍ଚାୟତ ପକ୍ଷରୁ ଆୟୋଜିତ କରିଥିବାରୁ ସରପଂଚଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ବ୍ଲକର ପୂର୍ବତନ ଅଦକ୍ଷ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ହୋଇ ସରପଞ୍ଚଙ୍କ ଏହି ନିଆରା କାର୍ଯ୍ୟକ୍ରମ ଚକ୍ରୋଡ଼ା ପଞ୍ଚାୟତ ପାଇଁ ଗର୍ବ ସହ ବ୍ଲକ ଅଧୀନରେ ଥିବା ୨୭ଗୋଟି ପଞ୍ଚାୟତ ପାଇଁ ପ୍ରେରଣା ଓ ଆଦର୍ଶ ହେବ ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ପଂଚାୟତ ସଭାପତି ଗୌରାଙ୍ଗ ଲେଙ୍କା, ସମିତିସଭ୍ୟ ଝୁନିଲତା ରାଉତ,ସମାଜସେବୀ ଜିତେନ୍ଦ୍ର ଦାସ, ଅଧିକାରୀ ଭିକାରି ଚରଣ ଦାସ, ତୈଲୋକ ମହାନ୍ତି,ଅରକ୍ଷିତ ନାୟକ, ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ୫୦ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବ ନେତା ନିରଞ୍ଜନ ନାୟକ ପରିଚାଳନା କରିଥିଲେ। ଅଭିରାମ ବେହୁରା,ଉମେଶ ଚନ୍ଦ୍ର ଜେନା,ବିକ୍ରମ ନାୟକ,କୈଳାଶ ମହାନ୍ତି, କାଙ୍ଗାଳି ମଲିକ, ସୁକାନ୍ତ ରାଉତ ଜ୍ଞାନରଞ୍ଜନ ଲେଙ୍କାଙ୍କ ସହ ସମସ୍ତ ୱାର୍ଡସଭ୍ୟ ସହଯୋଗ କରିଥିଲେ ।

### ହଳଦିଆ ପାଟଣା-ବିରୂପା ନଦୀବନ୍ଧକୁ ଦଇବ ଭରସା

# ରାସ୍ତା ପାଲଟିଛି ମରଣଯନ୍ତା, ଲୋକେ ହିନସ୍ତା



**ଡେରାବିଶ,୯।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମଙ୍ଗଳପୁର ପଂଚାୟତ ଅଧୀନ ହଳଦିଆପାଟଣାରୁ ଛୋଟି ବିରୂପା ନଦୀବନ୍ଧ ରାସ୍ତା ମରଣଯନ୍ତା ପାଇଟିଛି । ଏହି ରାସ୍ତାରେ ଶହ ଶହ ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଧସିଯାଇଥିବା ଦେଖିବାକୁ ମିଳିଛି। ରାସ୍ତାରୁ ମେଟାଲ ଉଠି ଏଣେ ତେଣେ ପଡ଼ିରହିଛି। ରାସ୍ତା ମରାମତି ପାଇଁ ସରକାର ହେଉ ବା ପ୍ରଶାସନିକ ଅଧିକାରୀ କେହି ଦୃଷ୍ଟି ଦେଉନାହାନ୍ତି। ରାସ୍ତାର ଅବସ୍ଥା ଏତେ ଖରାପ ଯେ ଲୋକେ ସାଇକେଲ ଚଲାଇ ଯାଇପାରୁ ନାହାନ୍ତି। ଯାତାୟତ କରୁଥିବା ଲୋକଙ୍କୁ ଦଇବ ଭରସା ବୋଲି ଅଞ୍ଚଳବାସୀ କହିଛନ୍ତି । ବେଳେବେଳେ ଗାଡ଼ି ଚାଳକ ଉକ୍ତ ରାସ୍ତାରେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି ।

ଏହି ରାସ୍ତାରେ ଗୋଟେ ପଟେ ଯିବାକୁ ହେଲେ ବେଣୀପୁରରୁ ଇନ୍ଦୁପୁର ଓ ଅନ୍ୟପଟକୁ ଗଲେ ଇନ୍ଦ୍ରପୁରରୁ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରକୁ ଶହ ଶହ ଯାନବାହନ ଚଳାଚଳ କରୁଛି । ଉକ୍ତ ରାସ୍ତାରେ ଚାରିଚକିଆ ଗାଡ଼ି ସହ ବସ୍ କଟକ ଓ ଭୁବନେଶ୍ୱରକୁ ଯାତାୟାତ କରୁଥିବାବେଳେ କେନ୍ଦ୍ରାପଡ଼ାକୁ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଏହି ରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି । ଏହି ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଥିବା ବେଳେ ଏହାର ମରାମତି ପାଇଁ ଦାବି ହେଉଥିଲେ ହେଁ ସରକାର ହୁଅନ୍ତୁ କି ପ୍ରଶାସନିକ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଇନାହାନ୍ତି । ଏହାର ତଦନ୍ତ କରାଯାଇ ଶୀଘ୍ର ରାସ୍ତା ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଭଙ୍ଗା ଖୁଣ୍ଟରେ ବିଦ୍ୟୁତ୍ ସେବା

- ବିପଦରେ ନୂଆପଡ଼ା ବଜାରରେ ଯାତାୟାତ କରୁଥିବା ଲୋକେ



**ଗରଦପୁର,୯।୫ (ସଂଚାର ବ୍ୟୁରୋ):** ବିପଦ ସଙ୍କୁଳ ଅବସ୍ଥାରେ ରହିଛି ୧୧ କେଭି ବିଦ୍ୟୁତ ଖୁଣ୍ଟ। କେତେବେଳେ ଯେ ଅଘଟଣ ଘଟିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ମୁତାବକ ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ନୂଆପଡ଼ା ବଜାରରେ ଥିବା ବିଦ୍ୟୁତ୍ ଖୁଣ୍ଟ ଦୀର୍ଘ ଦିନ ହେବ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଖୁଣ୍ଟଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ବିଦ୍ୟୁତ୍ ବିଭାଗର ଏଥିରେ କୌଣସି ନଜର ପଡ଼ୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବଜାର ନିକଟରେ ଥିବା କାଳୀ ମଣ୍ଡପ ନିକଟରେ ଏହି ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ନିୟମିତ ଏହି ରାସ୍ତା ଦେଇ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଠୁ ଆରମ୍ଭ କରି ଅନ୍ୟ କର୍ମଚାରୀମାନେ ନିଜ କାର୍ଯ୍ୟାଳୟକୁ ଯାଉଛନ୍ତି ହେଲେ ସବୁ ଦେଖି ନଦେଖିଲା ଭଳି ରହୁଛନ୍ତି । ଯାହା ଫଳରେ ସ୍ଥାନୀୟ ଲୋକେ, ବଜାର ଏବଂ ପାରିବ ହାଟକୁ ଆସୁଥିବା ହଜାର ହଜାର ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଏଭଳି ସମ୍ବେଦନଶୀଳ ସ୍ଥାନରୁ କିଛି ବିପଦ ଘଟିବା ପୂର୍ବରୁ ବିଦ୍ୟୁତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଅଧାପକ ଦତ୍ତକୃଷ୍ଣ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୯।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଂଚାୟତ ଫୋରଡ ଗ୍ରାମର ଅଧାପକ ଦତ୍ତକୃଷ୍ଣ ଜେନାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା,ହେମନ୍ତ କୁମାର ଜେନା, ଅରକ୍ଷିତ ଜେନା, ଦିଲ୍ଲିପ କୁମାର ସିଂ, ନିରଞ୍ଜନ ନାୟକ, ବାଦଲ ସାମନ୍ତରାୟ, ବବଲୁ ଜେନା, ଲାଲୁ ଜେନା, ରଶ୍ମୀରଞ୍ଜନ ରାଉତ, ଅଙ୍କିତା ଜେନା, ସୋନାଲି ଜେନା, ରୋନାଲି ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଅଧାପକ ସ୍ୱର୍ଗତ ଜେନାଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା ।

# ଓଏସ୍‌ବିସି ଓ ଅବକାରୀ ବିଭାଗ ମଧ୍ୟରେ ବୁଝାମଣା




**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଅବକାରୀ, ପୂର୍ତ୍ତ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ରାଜ୍ୟ ପାନୀୟ ନିଗମ (ଓଏସ୍‌ବିସି)କାର୍ଯ୍ୟାଳୟଠାରେ ସେଣ୍ଟ୍ରାଲ ସିସିଟିଭି ମନିଟରିଙ୍ଗ୍ ସିଷ୍ଟମ, ଅଟୋ ଇଣ୍ଡେଟିଂ ଅନୁମୋଦନ ସିଷ୍ଟମ, ଓଏସ୍‌ବିସିର ସରକାରୀ ଟ୍ରେଜେରୀ

## ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୫୧ କୋଟି ପ୍ରଦାନ

ସହ ସଂଯୋଗୀକରଣକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ନିଗମର ୪ଟି ପଣ୍ୟାଗାର ସିଧାସଳଖ କାର୍ଯ୍ୟଧାରା ମୁଖ୍ୟ କାର୍ଯ୍ୟାଳୟରେ ଦେଖିପାରିବେ ଏବଂ ନିଗମର କାର୍ଯ୍ୟ ସରଳ ଓ ସୁଗମ ହୋଇପାରିବ। ଏହି ଅବସରରେ ଚଳିତ ବର୍ଷ ଆସିବାକୁ ଥିବା ପରିବର୍ତ୍ତିତ ଅବକାରୀ ନୀତି ସହ ନିୟମିତ ଭାବେ ମାଦକ ଦ୍ରବ୍ୟ ସେବନ ବିରୁଦ୍ଧରେ ଯୁବପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ନିଗମ ଓ ଅବକାରୀ ବିଭାଗ ମଧ୍ୟରେ ଏକ ବାର୍ଷିକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ନିଗମ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଓ ଅବକାରୀ ରାଜସ୍ୱ ଆଦାୟର ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଅବସରରେ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ମୋଟ ୫୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଯେଉଁଥିରେ ନିଗମ ପକ୍ଷରୁ ୧୨ କୋଟି ସହ ଆନ୍ତରୀଣ ଲାଭାଂଶ ବାବଦରେ ୨୫ କୋଟି ଓ ବାର୍ଷିକ ଲାଭାଂଶ ବାବଦରେ ୧୪ କୋଟି ଟଙ୍କା ରହିଛି।

ଏହି ଅବସରରେ ଅବକାରୀ ବିଭାଗ ସଚିବ ଗୁହା ପୁନମ ତାପସ କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର, ମହାପ୍ରବନ୍ଧକ (ପ୍ରଶାସନିକ) ସଞ୍ଜୟ କୁମାର ରାଉତ, ମୁଖ୍ୟ ପରିଚାଳକ (ଅପରେସନ୍) ମାନସ ରଞ୍ଜନ ସ୍ୱାଇଁଙ୍କ ସହ ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ପୁସ୍ତକ ଉପହାର ଦେଲେ ଲେଖକ ବିଶ୍ୱମୋହନ

# ୧୦ ହଜାର ହାଇସ୍କୁଲ ଓ ୨ ହଜାର କଲେଜରେ ବାଣ୍ଟିବେ



**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ବରିଷ୍ଠ ଲେଖକ ତଥା ପର୍ଯ୍ୟଟକ ବିଶ୍ୱମୋହନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ତାଙ୍କ ଲିଖିତ ଦୁଇଟି ଭ୍ରମଣ ପୁସ୍ତକର ପ୍ରଥମ ଖଣ୍ଡ ପ୍ରଦାନ କରିଛନ୍ତି।

ଏହି ଦୁଇ ପୁସ୍ତକ ହେଲା ଓଡିଆରେ ଲିଖିତ 'ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ' ଏବଂ ଏହାର ଇଂରାଜୀ ଅନୁବାଦ। ମୁଖ୍ୟମନ୍ତ୍ରୀଙ୍କୁ ଏହି ଦୁଇ ପୁସ୍ତକର ପ୍ରଥମ ଖଣ୍ଡ ଉପହାର ଦେବା ଅବସରରେ ଲେଖକ କହିଛନ୍ତି ଯେ ଏକ ବିଶାଳ ଓ ସୁନ୍ଦର ଦେଶ ଆମେରିକା ପରିଦର୍ଶନ କରିବାର ସୌଭାଗ୍ୟ ପାଇଥିଲି। ପୃଥିବୀର ଅନେକ ଦେଶ ବୁଲିଥିଲେ ବି ଆମେରିକାରୁ ଫେରିବା ପରେ, ସେଠାରେ ମୋର ରହଣିର ସ୍ମୃତିକୁ ଲେଖିବାର ଇଚ୍ଛାକୁ ନିୟନ୍ତ୍ରଣ କରିପାରି ନଥିଲି । ଏହାକୁ କଫି ଟେବୁଲ୍ ପୁସ୍ତକର ରୂପ ଦେଇଥିଲି । ଏହା ମୋ ମାତୃଭାଷାରେ ଲେଖିଥିଲି, ଯେପରି ଅଧିକରୁ ଅଧିକ ଲୋକ, ବିଶେଷକରି ରାଜ୍ୟର ଛାତ୍ରଛାତ୍ରୀମାନେ ଏହାକୁ ପାଠ କରିପାରିବେ। ଏହା ମୋତେ ଏକ ଇଂରାଜୀ ସଂସ୍କରଣ ପ୍ରକାଶ କରିବାକୁ ପ୍ରେରଣା ଦେଇଥିଲା। ରାଜ୍ୟର ୧୦ ହଜାର ହାଇସ୍କୁଲ ଏବଂ ୨ ହଜାର କଲେଜ ଛାତ୍ରଛାତ୍ରୀଙ୍କ ବୃହତ ସ୍ୱାର୍ଥରେ ନିଜ ଖର୍ଚ୍ଚରେ ପୁସ୍ତକଟିକୁ ଉତ୍ସର୍ଗ କରିବାକୁ ଆମେ ନିଷ୍ପତ୍ତି ନେଇଥିଲୁ। ରାଜ୍ୟ ସରକାରଙ୍କ ଓସେପା ମାଧ୍ୟମରେ ଅନୁମତି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଲୋକ ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ ଲେଖକ ବିଶ୍ୱମୋହନ। ଭ୍ରମଣ ପୁସ୍ତକ 'ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ'ର ପ୍ରଥମ ଖଣ୍ଡ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଲେଖକଙ୍କ ପ୍ରୟାସର ସଫଳତା ଓ ଶୁଭକାମନା କରିଥିଲେ। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ପୁସ୍ତକର ପ୍ରଥମ ସଂଖ୍ୟା ଗ୍ରହଣ କରି ପୁସ୍ତକର ପ୍ରକାଶିକା ଜୟଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ୧୨ ହଜାର ପୁସ୍ତକ ସ୍କୁଲ ଓ କଲେଜଗୁଡ଼ିକୁ ନିଜ ଖର୍ଚ୍ଚରେ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବାର ଉଦାହରଣ ଆଗାମୀ ଦିନରେ ଅନ୍ୟାନ୍ୟ ପ୍ରକାଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ମୁଖ୍ୟମନ୍ତ୍ରୀ ଉଭୟ ଲେଖକ ଓ ପ୍ରକାଶିକାଙ୍କୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠିତ ସମାବେଶରେ ଶିକ୍ଷାବିତ ତଥା ସୁସାହିତ୍ୟିକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ, ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା ତଥା ଲେଖକଙ୍କ ସୁପୁତ୍ର ଅଭିଜିତ ଉପସ୍ଥିତ ଥିଲେ।

● କଂଗ୍ରେସର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ

## ସେନା ପ୍ରତି ସଲାମୀ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଆଜି ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ଆହ୍ୱାନ କ୍ରମେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଦମନ ପାଇଁ ବୀରତ୍ୱ, ଅସୀମ ସାହସ, ଅମାପ ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିବା ଭାରତୀୟ ଯବାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ରାମ ମନ୍ଦିର ଛକଠାରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକଠାରେ ପହଞ୍ଚିଥିଲା। ସେଠାରେ ସେବା ଦଳ ପକ୍ଷରୁ ଦେଶର ସ୍ଥଳ, ଜଳ ଓ ବାୟୁ ସେନା ପ୍ରତି ସଲାମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିରଙ୍ଗା ଯାତ୍ରାରେ କଂଗ୍ରେସ କର୍ମୀମାନେ ଜାତୀୟ ପତାକା ଧରି 'ଜୟହୀନ୍ଦ', "ଜୟ ଯବାନ' ଆଦି ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ ସଙ୍ଗୀତ ଡାକବାଜି ଯନ୍ତ୍ରରେ ପରିବେଷଣ କରାଯାଇ ଏକ ଦେଶପ୍ରେମ ଭାବନା ଜାଗ୍ରତ ପାଇଁ ଉଦ୍ୟମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ଦାସ କହିଥିଲେ ଯେ ଭାରତର ବୀର ଯବାନମାନେ ଆତଙ୍କବାଦକୁ ପ୍ରୋତ୍ସାହିତ ଦେଉଥିବା ପାକିସ୍ତାନକୁ କଡ଼ା ଜବାବ ଦେଇଥିବାରୁ ଦେଶବାସୀ ଭାବେ କଂଗ୍ରେସ କର୍ମୀମାନେ ବେଶ୍ ଗୌରବାନ୍ୱିତ ଅନୁଭବ କରୁଛନ୍ତି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଜନନାୟକ ରାହୁଲ ଗାନ୍ଧୀ ତଥା ଦେଶର ସମସ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଭାରତୀୟ ସେନାଙ୍କର ଅତୁଲ୍ୟ ଶକ୍ତି ପ୍ରଦର୍ଶନର ପ୍ରଶଂସା କରୁଛନ୍ତି ବୋଲି ଶ୍ରୀ ଦାସ କହିଥିଲେ। ସେହିପରି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏଆଇସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଯେ ଆମ ଯବାନମାନେ ଦେଶର ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ସୀମାରେ ଲଢୁଛନ୍ତି। ସେମାନଙ୍କ ତ୍ୟାଗ, ରାଷ୍ଟ୍ରଭକ୍ତି ଓ ଦେଶବାସୀଙ୍କ ପାଇଁ ଅଙ୍ଗୀକାରର ପଟାନ୍ତର ନାହିଁ। ଏହି କାର୍ଯ୍ୟକ୍ରମରେ ଏଆଇସିସିର ସହପ୍ରଭାରୀ ରୋଜାଲିନ ତିର୍କୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶ୍ରୀକାନ୍ତ ଜେନା, ତାରା ପ୍ରସାଦ ବାହିନୀପତି, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ସମୀର ରାଉତରାୟ, ଶିବାନନ୍ଦ ରାୟ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

## ସିଏମ୍‌ସିର ଖାଦ୍ୟ ମାନ ଯାଞ୍ଚ, ବ୍ୟବସାୟୀଙ୍କୁ ଫାଇନ




**କଟକ, ୯।୫ (ସଂଚାର ବ୍ୟୁରୋ) :** ପାରମ୍ପରିକ ଖାଦ୍ୟ ଶୈଳୀ ଦହିବରା ଆଳୁ ଦମ ଠାରୁ ଆରମ୍ଭ କରି ଚାଟ ଗୁପଚୁପ ତଥା ଅନ୍ୟାନ୍ୟ ସମସ୍ତ ଫାଷ୍ଟ ଫୁଡ୍ ଖାଦ୍ୟ ଶୈଳୀ କଟକ ସହରର ଗୋଟିଏ ସ୍ଥାନରେ ଏକାଠି ମିଳି ଯାଇଥାଏ । ସେହି ଜାଗାଟି ହେଉଛି ବାରବାଟି ଷ୍ଟାଡିୟମ୍ ସାମ୍ନା ପଡିଆ । ଶୁକ୍ରବାର ସନ୍ଧ୍ୟାରେ ଏହି ସ୍ଥାନକୁ ଆସି ବିକ୍ରି ହେଉଥିବା ଖାଦ୍ୟଗୁଡ଼ିକର ମାନ ଯାଞ୍ଚ କରିଛି କଟକ ମହାନଗର ନିଗମ। କିଛି ବ୍ୟବସାୟୀ କୃତ୍ରିମ ରଙ୍ଗ ତଥା ବାସି ମସଲା ବ୍ୟବହାର କରୁଥିବାର ସୂଚନା ଦେଇଛନ୍ତି ସି ଏମ ସି ହେଲଥ ଅଫିସର । ସୂଚନା ଅନୁସାରେ ଅଧିକାଂଶ ବ୍ୟବସାୟୀ ଲାଇସେନ୍ସ ଫଳକ ଦୋକାନରେ ମାରି ନଥିବା କଥା ଯାଞ୍ଚ ସମୟରେ ସାମ୍ନାକୁ ଆସିଥିଲା । କେତେକ ଲାଇସେନ୍ସ ଅବଧି ଶେଷ ହୋଇ ଯାଇଥିବା ବେଳେ, ସେ ଆଉ ନବୀକରଣ କରାଯାଇ ନଥିବା ଜଣାପଡିଛି । ଯାହା ଫଳରେ ସି ଏମ ସି ଫୁଡ୍ ସେଫ୍ଟି ଟିମ୍ କିଛି ଖାଦ୍ୟ ଜବତ୍ କରି ନଷ୍ଟ କରିଛି। ଏହା ସହିତ ଏକାଧିକ ବ୍ୟବସାୟୀଙ୍କୁ ବିଭିନ୍ନ ବ୍ୟତିକ୍ରମ ଅଭିଯୋଗରେ ସି ଏମ ସି ଫାଇନ କରିଛି ।

## ଶିମିଳିପାଳରୁ ୩ ଶିକାରୀ ଗିରଫ, ୩ ଦେଶୀ ବନ୍ଧୁକ ଜବତ



**ମୟୁରଭଞ୍ଜ, ୯।୫ (ସଂଚାର ବ୍ୟୁରୋ) :** ଶିମିଳିପାଳରୁ ପୁଣି ୩ ଶିକାରୀଙ୍କୁ ଧରାଇ ଦେଲା ଏ ଆଇ କ୍ୟାମେରା । ଶିମିଳିପାଳ କର୍ତ୍ତୃପକ୍ଷ ୩ ଜଣ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛି । ସୂଚନା ମୁତାବକ ସେମାନଙ୍କ ଠାରୁ ୩ ଟି ଦେଶୀ ବନ୍ଧୁକ ଓ ୧୭ ଟି ଗୁଳି ଜବତ୍ କରାଯାଇଛି । ସେଥି ମଧ୍ୟରୁ ୫ଟି ଜୀବନ୍ତ ଗୁଳି ରହିଛି । ଶିମିଳିପାଳ ଜଙ୍ଗଲ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ତିନି ଜଣ ଶିକାରୀ ପ୍ରବେଶ କରିଥିଲେ । ହେଲେ ସେମାନଙ୍କ ଫୋଟ ଏଆଇ କ୍ୟାମେରାରେ ଉଠି ଯାଇଥିଲା । ଏ ଆଇ କ୍ୟାମେରା ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଶିକାରୀ ବାବଦରେ ଅବଗତ କରାଇଥିଲା। ଯାହାଫଳରେ ଶିମିଳିପାଳ କର୍ତ୍ତୃପକ୍ଷ ସେହି ସ୍ଥାନରୁ ଶିକାରୀ ମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା । ସୂଚନା ଅନୁସାରେ ଅଭିଯୁକ୍ତ ମାନେ ସମସ୍ତେ ବାଙ୍ଗିରୀପୋଷୀ ଅଞ୍ଚଳର ବୋଲି ଶିମିଳିପାଳ ଦକ୍ଷିଣ ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା କହିଛନ୍ତି । ଅଭିଯୁକ୍ତ ମାନେ ହେଲେ ଲଚୁ ମୁର୍ମୁ, ମଧୁସୂଦନ ମୁର୍ମୁ ଓ ଘାସିରାମ ଟୁଡୁ । ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି ।

## ସଞ୍ଜୟ ସିଂହ ହେଲେ ପୂର୍ତ୍ତ ସଚିବ

**ଭୁବନେଶ୍ୱର,୯।୫ (ସଂଚାର ବ୍ୟୁରୋ) :** ଆଇଏଏସ ସଞ୍ଜୟ ସିଂହଙ୍କୁ ପୂର୍ତ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ଆଇ ଆଣ୍ଡ ପିଆର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏଥିସହ ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ ଦାୟିତ୍ୱରେ ମଧ୍ୟ ରହିବେ। ସେହିପରି ଯାମିନୀ ଷଡଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବ୍ଲକ ଗ୍ରାଣ୍ଟ ଅଣଶିକ୍ଷକଙ୍କୁ ବଦଳି କରାଯାଇପାରିବ ନାହିଁ



**କଟକ, ୯।୫ (ସଂଚାର ବ୍ୟୁରୋ) :** ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କ ପାଇଁ ଖୁସି ଖବର । ବିଶେଷକରି ସେମାନଙ୍କୁ ଆଉ ବଦଳି କରାଯାଇପାରିବ ନାହିଁ ବୋଲି ଓଡିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ବ୍ଲକ ଗ୍ରାଣ୍ଟ ପାଉଥିବା ଅଣଶିକ୍ଷକ କର୍ମଚାରୀଙ୍କୁ ଗୋଟିଏ ଶିକ୍ଷାନୁଷ୍ଠାନରୁ ଅନ୍ୟ ଏକ ଅନୁଷ୍ଠାନକୁ ବଦଳି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି । ଆବେଦନକାରୀ ସୁରେନ୍ଦ୍ର କୁମାର ଜେନାଙ୍କ ରିଟ୍ ଅପିଲର ଶୁଣାଣି କରି ହାଇକୋର୍ଟ ଏହା ସ୍ପଷ୍ଟ କରିଛନ୍ତି । ଆବେଦନକାରୀ ଧାମନଗର କଲେଜରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଅଟନ୍ତି। ମାତ୍ର ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଗତ ମାର୍ଚ୍ଚ ୧୦ ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି ନିର୍ଦ୍ଦେଶନମା ଅନୁଯାୟୀ ତାଙ୍କୁ ଜିଲ୍ଲା ଭିତରର ଏକ ନାଆମୀ କଲେଜରେ କାର୍ଯ୍ୟ କରିବାକୁ ଆଦେଶ ହୋଇଥିଲା । ପ୍ରଶାସନିକ କାରଣରୁ ଏପରି ଆଦେଶ ଦିଆଯାଇଥିବା ମାର୍ଚ୍ଚ ୧୦ର ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା। ଏପରି ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାର୍ଚ୍ଚ ୨୦ରେ ମାମଲାର ଶୁଣାଣି କରି ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ । ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଆବେଦନକାରୀ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ପିଟିସନ ଦାୟର କରିଥିଲେ ।

## ୨୩ ଏମର୍ଜେନ୍ସି ସଂଗ୍ରାମୀଙ୍କୁ ମିଳିବ ପେନ୍‌ସନ

● ପୂର୍ବରୁ ୨୧ ସଂଗ୍ରାମୀଙ୍କୁ ମିଳିସାରିଛି

**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଓଡ଼ିଆ ଅସ୍ମିତାର ନିଦର୍ଶନ ସ୍ୱରୂପ ବରପୁତ୍ର ଓ ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇବା ପ୍ରକ୍ରିୟା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପ୍ରକ୍ରିୟାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭତ୍ତା ବୃଦ୍ଧି କରାଯାଇଛି ଓ ୧୯୭୫ ଏମର୍ଜେନ୍ସି ସମୟରେ ମିସା ଆଇନ୍‌ରେ ବନ୍ଦୀ ହୋଇଥିବା ସଂଗ୍ରାମୀମାନଙ୍କ ପାଇଁ ମଧ୍ୟ ପେନ୍‌ସନ ଘୋଷଣା କରାଯାଇଛି। ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ୨୩ ଜଣ ମିସା ବନ୍ଦୀ (୧୯ ଜଣ ମିସା, ୪ ଜଣ ଡିଆଇଏସ୍ଆଇଆର୍‌ମାନଙ୍କୁ ପେନ୍‌ସନ ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପୂର୍ବରୁ ୨୧ ଜଣ ମିସା ବନ୍ଦୀଙ୍କୁ ପେନ୍‌ସନ ପ୍ରଦାନ କରାଯାଇସାରିଛି। ଫଳରେ ସମୁଦାୟ ୪୪ ଜଣ ମିସା ବନ୍ଦୀ ପେନ୍‌ସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଂଗ୍ରାମୀମାନେ ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ ପାଇବା ସହ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ସୂଚନାଯୋଗ୍ୟ ଯେ ୧୯୭୫ ଜୁନ୍ ୨୫ରୁ ୧୯୭୭ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଦେଶର ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ମିସା, ଡିଆଇଆର୍, ଡିଆଇଏସ୍ଆଇଆର୍ ଆଦି ଆଇନ ବଳରେ ଗିରଫ ହୋଇ ବିଭିନ୍ନ ଜେଲ୍‌ରେ ବନ୍ଦୀ ହୋଇଥିଲେ। ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ପେନ୍‌ସନ ଓ ଚିକିତ୍ସା ସୁବିଧା ପାଇବେ ବୋଲି ସରକାର ନିଷ୍ପତ୍ତି ନେଇଥିଲେ।

# ହୋଟେଲରେ ବଢୁଛି ଘରୋଇ ସିଲିଣ୍ଡର ବ୍ୟବହାର




**କଟକ, ୯।୫(ସଂଚାର ବ୍ୟୁରୋ):** କଟକ ସହରର କଲେଜ ଛକ, ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, ବାଦାମବାଡି, ଦୋଳମୁଣ୍ଡେଇ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ହୋଟେଲଗୁଡ଼ିକରେ କ୍ରମାଗତ ଭାବେ ବ୍ୟାବସାୟିକ ଗ୍ୟାସ ସିଲିଣ୍ଡର ବଦଳରେ ବେଆଇନ ଭାବେ ଘରୋଇ ସିଲିଣ୍ଡର ବ୍ୟବହାର କରୁଥିବା ଦେଖାଯାଉଛି ।

**ସବୁ ଜାଣି ଯୋଗାଣ ବିଭାଗ ନୀରବ!**

ଗୋଟିଏ ଗୋଟିଏ ହୋଟେଲରେ ଦିନକୁ ୨/୩ଟି ଘରୋଇ ସିଲିଣ୍ଡର ବ୍ୟବହାର ହେଉଥିବା କର୍ମଚାରୀମାନେ କହୁଥିବା ବେଳେ ସେମାନେ ଏହି ସିଲିଣ୍ଡର କେଉଁଠୁ ଆଣୁଛନ୍ତି ଓ ଏହାକୁ ଯୋଗାଣ ବିଭାଗ ପକ୍ଷରୁ ସଠିକ ଯାଞ୍ଚ କରାଯାଉନଥିବାରୁ ହୋଟେଲ ମାଲିକମାନେ ଡିଲରଙ୍କୁ ହାତକରି ଏହା ହାସଲ କରୁଥିବା ଅଭିଯୋଗ ହେଉଛି। ହୋଟଲରେ ବେପଁକର ଭାବେ ସକାଳ ଓ ରାତିରେ ପାଖାପାଖି ୧୨ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କରୁଛନ୍ତି। ତେବେ କୌଣସି ପ୍ରକାର ଅଘଟଣ ଘଟିଲେ, ଏଥିପାଇଁ କିଏ ଦାୟୀ ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି। ଉକ୍ତ ହୋଟେଲ୍‌ଗୁଡ଼ିକରେ ମଧ୍ୟ ଅଗ୍ନି ନିର୍ବାପକ ଯନ୍ତ୍ର ନଥିବାରୁ କୌଣସି ପ୍ରକାର ଅଘଟଣ ପରିପ୍ରେକ୍ଷୀରେ ବ୍ୟାପକ କ୍ଷୟକ୍ଷତି ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଉକ୍ତ ହୋଟେଲ୍‌ଗୁଡ଼ିକରେ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ଯାଞ୍ଚ୍ କରାଯିବାର ଆବଶ୍ୟକତା ରହିଛି। ସେହିପରି କଲେଜ ଛକଠାରୁ ରାଣୀହାଟ ରାସ୍ତାର ଡାହାଣ ପଟେ କେତେକ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତା ଜବରଦଖଲ କରି ଏକାଧିକ ଘରୋଇ ସିଲିଣ୍ଡର ବ୍ୟବହାର କରି ସନ୍ଧ୍ୟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖାଦ୍ୟ ପ୍ରସ୍ତୁତି କରୁଥିବା ଦେଖାଯାଉଛି। ଜବରଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଗ୍ୟାସଚୁଲାର ଅତ୍ୟଧିକ ବ୍ୟବହାର ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଏସବୁ ଯୋଗାଣ ବିଭାଗ, ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ନାକତଳେ ଘଟୁଥିବଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏପରିକି କେତେକ ସ୍ଥାନରେ ରାସ୍ତାକଡ଼ରେ ଘରୋଇ ସିଲିଣ୍ଡର୍ ଥୁଆ ହୋଇ ରୋଷେଇ କାର୍ଯ୍ୟରେ ଲାଗୁଥିଲେ ମଧ୍ୟ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛି। ତେଣୁ ଏହିସବୁ ହୋଟେଲ୍‌ରେ ବିଭାଗ ପକ୍ଷରୁ ଚଢ଼ାଉ କରି ତୁରନ୍ତ ଘରୋଇ ସିଲିଣ୍ଡର୍‌ର ବ୍ୟବହାର ରୋକିବା ସହ ସେମାନେ କିପରି ଭାବେ ବ୍ୟାବସାୟିକ ସିଲିଣ୍ଡର୍ ବ୍ୟବହାର କରିବେ, ତାହା ସୁନିଶ୍ଚିତ କରିବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଉକ୍ତ ହୋଟେଲ୍‌ଗୁଡ଼ିକରେ କୌଣସି ପ୍ରକାର ଅଘଟଣ ଘଟିଲେ ସେଥିପାଇଁ କେବଳ ପ୍ରଶାସନ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ବିଶିଷ୍ଟ ଶିକ୍ଷାବିତ ଯଦୁନାଥ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



**ବାଲେଶ୍ୱର,୯।୫(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଶିକ୍ଷାବିତ ତଥା ସମାଜସେବୀ ଯଦୁନାଥ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଦୁର୍ଗା ଗାର୍ଡେନ କଲ୍ୟାଣ ମଣ୍ଡପରେ ପାଳିତ ହୋଇଛି। ସ୍ୱର୍ଗତଃ ମହାନ୍ତି ଜବାହରଲାଲ ହାଇସ୍କୁଲ ବଡ଼ଖଲାଡ଼ି, ମୟୂରଭଞ୍ଜର ପ୍ରଧାନଶିକ୍ଷକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିଲେ। ସେ ମାଧ୍ୟମିକ ଶିକ୍ଷକ ସଙ୍ଘ (ଓସ୍ତା) ମୟୂରଭଞ୍ଜର ସେକ୍ରେଟାରୀ, ଘରୋଇ ବିଶ୍ୱବିଦ୍ୟାଳୟ ସଂଘ ସଭାପତି, ସତ୍ୟସାଇ ବିଦ୍ୟାବିହାର, ବାଲେଶ୍ୱରର ପ୍ରଚାର୍ଯ୍ୟ, କମଳା ଅର୍ଜୁନ ମହାବିଦ୍ୟାଳୟ, ଗଣ୍ଡିବେଢ଼ର ପ୍ରତିଷ୍ଠାତା ସଭାପତି, ଗଣ୍ଡିବେଢ଼ର ସ୍ୱାସ୍ଥ୍ୟକେନ୍ଦ୍ର ଓ ପଶୁ ଚିକିତ୍ସାଳୟର ପ୍ରତିଷ୍ଠାତା, ଆଶୁତୋଷ ମହାରାଜ କଲେଜ, ବାରିପଦାର ଆଜୀବନ ସଭାପତି ଓ ବହୁ ସାମାଜିକ, ଧାର୍ମିକ, ସଂସ୍ଥା ସହ ଜଡ଼ିତ ଥିଲେ। ସେ ବିଶ୍ୱ ହିନ୍ଦୁ ପରିଷଦ, ବନବାସୀ କଲ୍ୟାଣ ଆଶ୍ରମ ଆଦି ସଂଗଠନ ସହ ଜଡ଼ିତ ଥିଲେ।

ସଭାରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଡଃ ଚିତ୍ରସେନ ରାଉତ, ଡଃ ଉମେଶ ତ୍ରିପାଠୀ, ରାଜ୍ୟ ପରିବହନ ବିଭାଗ ପ୍ରମୁଖ ଅରୁଣ କୁମାର ବିଶ୍ୱାଳ, କୁଶଳ ପାଲ ସିଂ, ଡିସିପି ଦିଲ୍ଲୀ, ସତ୍ୟବ୍ରତ ମିଶ୍ର ଜିଏମ୍ (ଗେଲ) ଅନୁଗୁଳ, ହିମାଂଶୁ ପଣ୍ଡା ଆସିଷ୍ଟାଣ୍ଟ ଡାଇରେକ୍ଟର, ଆଇଟିଆର୍ ଚାନ୍ଦିପୁର, ଅରୁଣାଚଳ ପ୍ରଦେଶର ବିଶିଷ୍ଟ ସାମ୍ବାଦିକ ପ୍ରଦୀପ କୁମାର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜଗନ୍ନାଥ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ ରବିନାରାୟଣ ଆଚାର୍ଯ୍ୟ, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଯୁଗଳ କିଶୋର ସାହୁ, ସୃଷ୍ଟିଧର ବିଶ୍ୱାଳ, ରାଜ୍ୟ ପ୍ରଚାର ପ୍ରମୁଖ, ଆର୍‌ଏସ୍‌ଏସ୍, ଉମାକାନ୍ତ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ, ସତ୍ୟସାଇ ସଂଗଠନର ଅଧ୍ୟାପିକା ଅରୁଣିମା ନାୟକ, ଜବାହରଲାଲ ହାଇସ୍କୁଲର ପୁରାତନ ଛାତ୍ରସଂଘର ସଭାପତି ଡ଼ଃ ସଚ୍ଚିଦାନନ୍ଦ ପରିଡା, ବିଶିଷ୍ଟ ସମାଜସେବୀ ସତୀଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ଭୀମସେନ ସାହୁ, ବାଇଧର ବେହେରା, ବିଜୟ ନାୟକ, ଅଞ୍ଜନ ନାୟକ, ଓିଦ୍ୟାଧର ବେହେରା, ଡ଼ଃ ସନ୍ତୋଷ ମହାନ୍ତି, ମୁକ୍ତିରାଣୀ ଦାସ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ଆଶିଷ କୁମାର ମଲ୍ଲିକ ପରିଚାଳନା କରିଥିବା ବେଳେ ଜେମାମାଣୀ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତଃ ମହାନ୍ତିଙ୍କ ପରିବାର ପକ୍ଷରୁ ଜବାହରଲାଲ ଉଚ୍ଚ ବିଦ୍ୟାଳୟକୁ ଦୁଇ ଲକ୍ଷ ଟଙ୍କା ବାର୍ଷିକ ଛାତ୍ରବୃତ୍ତି ପାଇଁ, ଗାୟତ୍ରୀ ପରିବାର ଉଦଳା ଓ ସେବା ଭାରତୀ ବାଲେଶ୍ୱର ପ୍ରତ୍ୟେକଙ୍କୁ ଦଶହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

## ବିଜୁ ପଟ୍ଟନାୟକ ବିମାନବନ୍ଦରରେ ହାଇ ଆଲର୍ଟ

**ଭୁବନେଶ୍ୱର,୯।୫ (ସଂଚାର ବ୍ୟୁରୋ) :** ଭାରତ ପାକିସ୍ତାନ ମଧ୍ୟରେ ଉତ୍ତେଜନା ତୀବ୍ର ରୂପ ନେବାରେ ଲାଗିଛି। ଯାହାକୁ ନେଇ ଦେଶର ବିଭିନ୍ନ ରାଜ୍ୟକୁ ଚାଳଚଳ କରୁଥିବା ବିମାନ ସେବାକୁ ବନ୍ଦ କରାଯାଇଛି। ଏହା ସହିତ ଭାରତ ପାକିସ୍ତାନ ସୀମାନ୍ତ ଏୟାରପୋର୍ଟକୁ ହାଇଆଲର୍ଟ ଜାରି କରାଯାଇଛି। ସେହିପରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ବି ହାଇଆଲର୍ଟରେ ରହିଛି। ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୁରକ୍ଷାକର୍ମୀମାନେ ବିମାନ ବନ୍ଦରରେ ଯାତ୍ରୀମାନଙ୍କର ପରିଚୟ ପତ୍ରକୁ ମଧ୍ୟ କଡ଼ାକଡ଼ି ଭାବେ ଯାଞ୍ଚ କରୁଛନ୍ତି।

# ସଂକଟରେ ଓୟୁଏଟି, ମାଳମାଳ ପଦବୀ ଖାଲି



**ଭୁବନେଶ୍ୱର,୯।୫:** କୃଷିର ବିକାଶ ସହିତ କୃଷକମାନେ ରୋଜଗାର ବୃଦ୍ଧି ଉପରେ ଓଡ଼ିଶା ସରକାର ବିଶେଷ ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୩୦୦ ପାଖାପାଖି ଶିକ୍ଷକ ପଦବୀ ଖାଲି ପଡିଛି` ଏଥିଯୋଗୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପାଠପଢ଼ା, ଗବେଷଣା ସହ ପ୍ରଶାସନିକ କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେଉଛି।

ସରକାରୀ ତଥ୍ୟ ମୁତାବକ, ଏହି ବିଶ୍ୱବିଦ୍ୟାଳୟ ସହିତ ୧୦ଟି ମହାବିଦ୍ୟାଳୟ ଅନୁବନ୍ଧିତ ହୋଇ ରହିଛି। ଏଗୁଡ଼ିକ ଲାଗି ୭୩ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୬୦ରୁ ଅଧିକ ପଦବୀ ଖାଲି ପଡିଛି। ସେହିଭଳି ଏହି ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଥିବା ୧୨୦ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀରୁ ପ୍ରାୟ ୮୦ଟି ଖାଲି ପଡିଥିବା ବେଳେ ୩୧୫ଟି ସହକାରୀ ପ୍ରଫେସର ପଦବୀରୁ ୧୩୦ରୁ ଅଧିକ ପଦବୀ ଖାଲି ।

ଓଡ଼ିଶା କୃଷି ମହାବିଦ୍ୟାଳୟରେ ୧୭ଟିରୁ ୧୭ଟି ଯାକ ପ୍ରଫେସର ପଦବୀ ଗତ ନଭେମ୍ବର ସୁଦ୍ଧା ଖାଲି ପଡିଥିବାବେଳେ ୨୬ଟି ସହଯୋଗୀ ପ୍ରଫେସର ମଧ୍ୟରୁ ୧୪ଟି ଓ ୫୩ଟି ସହକାରୀ ପ୍ରଫେସର ପଦବୀରୁ ୨୨ଟି ଖାଲି ପଡିଥିଲା । ସେହିଭଳି ବନମହାବିଦ୍ୟଳୟରେ ସମସ୍ତ ପ୍ରଫେସର ପଦବୀ ଖାଲି ପଡିଥିବା ବେଳେ ମାତ୍ର ଜଣେ ସହଯୋଗୀ ପ୍ରଫେସର ଓ ୧୦ଜଣ ସହକାରୀ ପ୍ରଫେସରଙ୍କୁ ନେଇ ଏହି ଅନୁଷ୍ଠାନ ଚାଲିଛି ।

ରାଜ୍ୟ ସରକାର ପଶୁ ସଂପଦର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରୁଛନ୍ତି । ଗୋପାଳନ, ଛେଳି, ବତକ, କୁକୁଡ଼ା, ଘୁଷୁରୀ ଆଦି ପାଳନ, ମତ୍ସ୍ୟ ଚାଷ ଆଦି ଉପରେ ସରକାର ପ୍ରାଧାନ୍ୟ ଦେଉଥିବାବେଳେ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଭୁବନେଶ୍ୱରର ପଶୁପାଳନ ମହାବିଦ୍ୟାଳୟରେ ଗତ ନଭେମ୍ବର ସୁଦ୍ଧା ୨୦ଟି ପ୍ରଫେସର ପଦବୀରୁ ୧୩ଟି, ୩୦ଟି ସହଯୋଗୀ ପ୍ରଫେସର ପଦବୀରୁ ୧୯ ଓ ୭୨ ସହକାରୀ ପ୍ରଫେସର ପଦବୀରୁ ୨୦ଟି ମଧ୍ୟ ଖାଲି ପଡିଥିଲା। ରଙ୍ଗେଇଲୁଣ୍ଡାରେ ଥିବା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟରେ ୯ଟିଯାକ ପ୍ରଫେସର ପଦବୀ ଖାଲି ପଡିଥିବାବେଳେ ୧୪ଟି ସହଯୋଗୀ ପ୍ରଫେସର ପଦବୀରୁ ୧୧ଟି ୨୦ଟି ସହକାରୀ ପ୍ରଫେସର ପଦବୀରୁ ୧୩ଟି ଖାଲି ରହିଥିଲା । ଚିପିଲିମାର ଉଦ୍ୟାନ କୃଷି ମହାବିଦ୍ୟାଳୟ, ଭବାନୀପାଟଣା କୃଷି ମହାବିଦ୍ୟାଳୟରେ ସମସ୍ତ ପ୍ରଫେସର ପଦବୀ ମଧ୍ୟ ଖାଲି ପଡିଛି ।

ଖାଲି ପଡିଥିବା ଶିକ୍ଷକ ପଦବୀ ମଧ୍ୟରୁ ୬୩ଟି ପ୍ରଫେସର, ୮୦ଟି ସହଯୋଗୀ ପ୍ରଫେସର ଓ ୧୨୮ଟି ସହକାରୀ ପ୍ରଫେସର ପଦବୀ ପୂରଣ ପାଇଁ ଅନୁମତି ମିଳିଥିଲେ ବି ପ୍ରକ୍ରିୟା ଜାରି ରହିଥିବାରୁ ଏହା ପୂରଣ ହେବାରେ ବିଳମ୍ବ ଘଟୁଛି । ଆଗାମୀ ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ ଏ ସମସ୍ତ ଶିକ୍ଷକ ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ଲାଗି ଦାବି ହେଉଛି ।

କୃଷି ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ପାହ୍ୟାର ୩ଟି, ଦ୍ୱିତୀୟ ଶ୍ରେଣୀ ପାହ୍ୟାର ୩୧ଟି ଓ ତୃତୀୟ ଶ୍ରେଣୀ ପାହ୍ୟାର ୩୨ଟି ପଦବୀ ଖାଲି ରହିଛି । ବିଶ୍ୱବିଦ୍ୟାଳୟ ସହିତ ଏହାର ଅନୁବନ୍ଧିତ ୧୦ଟିଯାକ ସରକାରୀ କଲେଜରେ ମୋଟ ୫ଟି ପ୍ରଥମ ଶ୍ରେଣୀପାହ୍ୟାର, ୧୪୨ଟି ଦ୍ୱିତୀୟ ଶ୍ରେଣୀପାହ୍ୟାର ଓ ୨୧୮ଟି ତୃତୀୟ ଶ୍ରେଣୀ ପାହ୍ୟାର ପଦବୀମଧ୍ୟ ଖାଲି ପଡିଛି । ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ପରିସରରେ ସରକାରୀ କଳ ହସ୍ତକ୍ଷେପ କରିବାକୁ ନେଇ ଏହାର ସ୍ୱାୟତ୍ତତା ନଷ୍ଟ ହେଉଛି ଏବଂ ଏଥିଯୋଗୁ ପଦବୀ ଖାଲି ହେବା ପୂର୍ବରୁ ତାହା ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇପାରୁ ନାହିଁ ବୋଲି ଶିକ୍ଷାବିତ୍ ଓ ଗବେଷକମାନେ ମତ ଦେବା ସହିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଏହାର ଅନୁବନ୍ଧିତ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଖାଲି ପଡିଥିବା ପଦବୀ ସବୁକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବାକୁ ଛାତ୍ରଛାତ୍ରୀମାନେ ବି କହୁଛନ୍ତି । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶନିବାର ୧୦ ମେ ୨୦୨୫, ଭୁବନେଶ୍ୱର
Saturday 10 May 2025, Bhubaneswar



# ଶେଷ ପ୍ରହାରର ଆବଶ୍ୟକତା

ଆଜିକୁ ୭୮ ବର୍ଷ ହେବ ପାକିସ୍ତାନ ଭାରତ ବିରୋଧରେ ପରୋକ୍ଷ ଯୁଦ୍ଧ ବା ଛାୟା ଯୁଦ୍ଧ ଚଳାଇଛି। ଚାରି ଚାରି ଥର ସମ୍ମୁଖ ଯୁଦ୍ଧରେ ପାକିସ୍ତାନ ପରାଜିତ ହୋଇଛି। କାର୍ଗିଲ ଯୁଦ୍ଧରେ ମଧ ଭାରତୀୟ ସେନା ବିଜୟ ହାସଲ କରିଥିଲା। ସମ୍ମୁଖ ଯୁଦ୍ଧରେ ବାରମ୍ବାର ପରାଜିତ ହେବା ପରେ ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀଙ୍କ ମାଧମରେ ଭାରତ ବିରୋଧରେ ଲଢ଼େଇ ଜାରି ରଖିଛି। ଗତ ୪୦ ବର୍ଷ ଭିତରେ ଭାରତର ବହୁ ସାଧାରଣ ନାଗରିକ, ନିରୀହ ନିରସ୍ତ୍ର ବ୍ୟକ୍ତି ଏଥିରେ ପ୍ରାଣ ହରାଇଛନ୍ତି। କାଠମାଣ୍ଡୁ ଏୟାର ଇଣ୍ଡିଆ ବିମାନ ଅପହରଣଠାରୁ ଆରମ୍ଭ କରି ପଠାନକୋଟ ଏୟାରବେସ ଉପର ଆତଙ୍କୀ ହମଲା, ସଂସଦ ଭବନ ଉପରେ ଆକ୍ରମଣ, ମୁମ୍ବାଇ ଆକ୍ରମଣ, ପୁଲୱାମା ଆକ୍ରମଣରେ ଅନେକ ବ୍ୟକ୍ତି ଶହୀଦ ହୋଇଛନ୍ତି। ଭାରତ ଏହାର ଜବାବ ଦେଇଛି ସତ୍ୟ, ମାତ୍ର ଏହା ନିର୍ଣ୍ଣାୟକ ହୋଇନାହିଁ। ପାକିସ୍ତାନ ପୁଣି ମୁଣ୍ଡ ଟେକିଛି, ଭାରତକୁ ଆଘାତ ଦେବାକୁ ପାକିସ୍ତାନ ବାରମ୍ବାର ପ୍ରୟାସ କରୁଛି। ପହଲଗାମରେ ପାକ ଆତଙ୍କବାଦୀ ୨୬ଜଣ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଏହା ଭାରତର ସହନଶୀଳତାର ପରୀକ୍ଷା ବୋଲି କୁହାଯାଇପାରେ। ଏବେ ସହିବାର ସମୟସୀମା ଅତିକାନ୍ତ ହୋଇଛି। ଏବେ ପାକିସ୍ତାନକୁ ସବକ ଶିଖାଇବାର, ପାକିସ୍ତାନକୁ ସମୂଳେ ଧ୍ୱଂସ କରିବାର ସମୟ ଉପନୀତ। ଏଥିରେ ଅବହେଳା ଏବଂ ସହନଶୀଳତା ଭାରତର ଦୁର୍ବଳତାକୁ ପଦାରେ ପକାଇବ। ଆଗକୁ ପୁଣି ଆତଙ୍କବାଦୀମାନେ ଭାରତରେ ଅନୁପ୍ରବେଶ କରି ନରହତ୍ୟା କରିବେ ଭାରତୀୟ ନାଗରିକଙ୍କୁ ବିନା ଦୋଷରେ ଦଣ୍ଡିତ କରିବେ। କେବଳ କାଶ୍ମୀର ଉପତ୍ୟକାରେ ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ପାକିସ୍ତାନ ସବୁବେଳେ ଆତଙ୍କୀ ହମଲା କରିଛି। ଇସ୍ରାଏଲରେ ହମାସ ଆକ୍ରମଣର ଜବାବ ଯେପରି ଇସ୍ରାଏଲ ଦେଇଛି ଭାରତ ମଧ ସମାନ ଆଭିମୁଖ୍ୟ ଏବଂ ପାକିସ୍ତାନ ବିରୋଧରେ କଠୋର ନିଷ୍ପତ୍ତି ନେବା ଉଚିତ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ନିରୀହ ବ୍ୟକ୍ତି ପ୍ରାଣ ହରାଇବା ପରେ ଏହାର ଜବାବରେ ଭାରତୀୟ ସେନା ଯେଉଁ କଠୋର ପଦକ୍ଷେପ ନେଇଛି ତାହା ଯଥାର୍ଥ। ଭାରତୀୟ ସେନା ଏବଂ ସରକାରଙ୍କ ପଛରେ ଦେଶବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି। ତେଣୁ ଭାରତ ସରକାର ଆଉ ପଛକୁ ହଟିବା ଅନୁଚିତ। ଭବିଷ୍ୟତରେ ଭାରତ ସରକାରଙ୍କୁ ଏହି ସୁଯୋଗ ଆଉ ଥରେ ମିଳିବ କି ନାହିଁ। ଏବେ ଦେଶବାସୀ ଚାହୁଁଛନ୍ତି ପାକିସ୍ତାନ ବିରୋଧରେ ଏହା ଶେଷ ଲଢ଼େଇ ହେଉ। ଆଉ ପାକିସ୍ତାନ ସହ ଭବିଷ୍ୟତରେ ଯୁଦ୍ଧ କରିବାର ଆବଶ୍ୟକତା ନପଡୁ। ଏବେ ପାକିସ୍ତାନ ଉପରେ ଶେଷ ପ୍ରହାରର ଆବଶ୍ୟକତା ରହିଛି। କଥାରେ ଅଛି ନଇଁ ପଡ଼ିଥିବ ଯେବେ ବିଧାଏ ମାରିବ ସେବେ। ଏବେ ପାକିସ୍ତାନ ଦୁର୍ବଳ ହୋଇ ନଇଁପଡ଼ିଛି। ଏବେ ଏହାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାର ଆବଶ୍ୟକତା ରହିଛି। ପହଲଗାମ ଆକ୍ରମଣର ଦୁଇ ସପ୍ତାହ ପରେ ପ୍ରଥମେ ଭାରତୀୟ ସେନାର ଅପରେସନ ସିନ୍ଦୁର ଆରମ୍ଭ ହେଲା। ପାକିସ୍ତାନ ସୀମା ଭିତରେ ଥିବା ଆତଙ୍କୀ ଶିବୀରକୁ ଭାରତୀୟ ସେନା ଟାର୍ଗେଟ କରି ଭାରତୀୟ ସେନା ଏୟାର ଷ୍ଟ୍ରାଇକ କରିଥିଲା। ପ୍ରତିରକ୍ଷାମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଏଥିରେ ୧୦୦ ଆତଙ୍କୀ ପ୍ରାଣ ହରାଇଥିଲେ। ପାକିସ୍ତାନର ୯ଟି ସ୍ଥାନରେ ଏହି ଏୟାର ଷ୍ଟ୍ରାଇକ କରାଯାଇଥିଲା ଏବଂ ୨୪ଟି ଆତଙ୍କୀ ତାଲିକ କେନ୍ଦ୍ର ଏଥିରେ ଧ୍ୱଂସ ହୋଇଛି। ଏହା ଥିଲା ଏକପ୍ରକାର ସର୍ଜିକାଲ ଷ୍ଟ୍ରାଇକ। କିନ୍ତୁ ଏହାର ଦୁଇଦିନ ପରେ ପାକିସ୍ତାନ ଭାରତ ଉପରେ ମିସାଇଲ ମାଡ଼ ସହ ଡ୍ରୋନ ମାଧମରେ ଆକ୍ରମଣ ଉଦ୍ୟମ କରିଥିଲା। ଏହାର ଜବାବରେ ଭାରତୀୟ ସେନା ଜଳ, ସ୍ଥଳ, ଆକାଶ ତିନି ପଟୁ ଆକ୍ରମଣ ଆରମ୍ଭ କରିଛି। ଏହା ସହିତ ପାକିସ୍ତାନ ସହିତ ଭାରତର ପୂର୍ଣ୍ଣ ବା ଫୁଲଫ୍ଲେଜ ଯୁଦ୍ଧ ଆରମ୍ଭ ହୋଇଛି। ଭାରତର ୧୫ଟି ସହରକୁ ପାକ ସେନା ଟାର୍ଗେଟ କରିଥିବା ବେଳେ ଭାରତ ସିଧାସଳଖ ପାକିସ୍ତାନର ରାଜଧାନୀ ଇସଲାମାବାଦ, କରାଚୀ,



ରାୱଲପିଣ୍ଡି ଆଦି ୧୨ଟି ସହରକୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ କରିଛି। ଆଇଏନଏସ ବିକ୍ରାନ୍ତ କରାଚୀ ବନ୍ଦରକୁ ଆକ୍ରମଣ କରି ଧ୍ୱଂସଲୀଳା ସୃଷ୍ଟି କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ସାହବାଜ ସରିଫଙ୍କ ଘରଠାରୁ ମାତ୍ର ୨୦ କିମି ଦୂରରେ ବୋମାମାଡ଼ ହୋଇଛି। ଏହା ପରେ ସରିଫ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଛନ୍ତି। ପାକିସ୍ତାନର ୩ଟି ଲଢ଼ୁଆ ବିମାନକୁ ଭାରତ ଖସାଇବାରେ ସଫଳ ସଫଳ ହୋଇଛି। ତୁର୍କୀ ବ୍ୟତିତ ବିଶ୍ୱର ଅନ୍ୟ କୌଣସି ଦେଶ ପାକିସ୍ତାନକୁ ସମର୍ଥନ ବା ସହଯୋଗ କରୁନାହାଁନ୍ତି। ବାଂଲାଦେଶ ମଧ ପାକିସ୍ତାନକୁ ସମର୍ଥନ କରୁଥିବା ବେଳେ ଭାରତ ବିରୋଧରେ ସ୍ୱର ଉଠାଇବାକୁ ସାହସ କରିନାହିଁ। ପାକିସ୍ତାନ ପରେ ବାଂଲାଦେଶକୁ ସବକ ଶିଖାଇବାର ସମୟ ଆସିଛି। ଭାରତ ଓ ପାକିସ୍ତାନ ମଧରେ ଯୁଦ୍ଧ ନେଇ ଜାତିସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଚୀନ ଓ ରଷିଆ ନିରବତା ଅବଲମ୍ବନ କରୁଛନ୍ତି। ରଷିଆ ଭାରତକୁ ନିରବ ସମର୍ଥନ କରୁଛି। ଆମେରିକା ଏଥିରେ ମୁଣ୍ଡ ଖେଳାଇବ ନାହିଁ ବୋଲି କହିଛି। କିନ୍ତୁ ଆମେରିକା ପାକିସ୍ତାନକୁ ପହଲଗାମ ଆକ୍ରମଣ ନେଇ କଡ଼ା ଭାଷାରେ ସମାଲୋଚନା କରିବା ସହ ତୁରନ୍ତ ଆତଙ୍କୀଙ୍କୁ ସହଯୋଗ ବନ୍ଦ କରିବାକୁ କହିଛି। ଏହା ସହିତ ଭାରତ ଓ ପାକିସ୍ତାନ ମଧରେ ପରମାଣୁ ଯୁଦ୍ଧ ନହେଉ ବୋଲି ଆମେରିକା ଆଶା କରିଛି। ଦୁଇ ଦେଶ ମଧରେ ମଧସ୍ଥତା ଲାଗି ଆମେରିକା ପ୍ରସ୍ତୁତ ବୋଲି କହିଛି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଭାରତ ଆଉ ପଛକୁ ହଟିବା ଅନୁଚିତ। ଏବେ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ରହିଛି ପାକିସ୍ତାନକୁ ଧୂଳି ଚଟାଇବାର। ୧୯୭୧ରେ ଶେଷ ଥର ପାଇଁ ସୁଯୋଗ ମିଳିଥିଲା ପିଓକେକୁ ଦଖଲ କରିବାର। ଏହି ସୁଯୋଗ ହାତଛଡ଼ା କରାଗଲା। ୫୪ ବର୍ଷ ପରେ ଏବେ ପୁନର୍ବାର ସୁଯୋଗ ଆସିଛି ପାକିସ୍ତାନକୁ ସମ୍ପୂର୍ଣ୍ଣ ଧୂଳିସାତ କରିବାକୁ। ପିଓକେ ଦଖଲ ସହିତ ବେଲୁଚିସ୍ତାନକୁ ସ୍ୱାଧୀନ କରିବାର ସୁଯୋଗ ଆସିଛି। କିନ୍ତୁ ସବୁଠାରୁ କଥା ହେଲା ପାକିସ୍ତାନରେ ଥିବା ଆତଙ୍କବାଦର ଭିତ୍ତିଭୂମିକୁ ସମ୍ପୂର୍ଣ୍ଣର୍ ନଷ୍ଟ କରିବା। ପାକିସ୍ତାନରୁ ଆତଙ୍କବାଦୀମାନେ ଭାରତରେ ଅନୁପ୍ରବେଶ କରି ବାରମ୍ବାର ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। ସଂସଦ ଭବନ ଉପରେ ଆକ୍ରମଣ ହେଲା, ମୁମ୍ବାଇ ଉପରେ ଆକ୍ରମଣ ହେଲା। ଏହାକୁ ଭାରତ ବରଦାସ୍ତ କରିବା ଭୁଲ ଥିଲା। ଏବେ ମୋଦି ସରକାର ଆଉ ଏହାକୁ ବରଦାସ୍ତ କରିବା ଅନୁଚିତ। ଯଦି ପୁନର୍ବାର ଭବିଷ୍ୟତରେ ଭାରତରେ ପହଲଗାମ ଘଟଣାର ପୁନରାବୃତ୍ତି ହୁଏ, ଜଣେ ବି କେହି ନିରୀହ ବ୍ୟକ୍ତି ପ୍ରାଣ ହରାନ୍ତି ତେବେ ଏଥିପାଇଁ ବର୍ତ୍ତମାନର ସରକାର ଦାୟୀ ରହିବେ। ପାକିସ୍ତାନକୁ ଆଉ କ୍ଷମା ନାହିଁ ଏବେ ଆତଙ୍କବାଦ ବିରୋଧରେ ଲମ୍ବା ଲଢ଼େଇ ଶେଷ କରିବାର ସୁଯୋଗ। ପାକିସ୍ତାନର ଆର୍ଥିକ ସ୍ଥିତି ଅତି ଦୁର୍ବଳ। ସାମରିକ ଦୃଷ୍ଟିରୁ ଏହା ବହୁ ପଛରେ ପଡ଼ିଛି। ତେଣୁ ଏବେ ଯଦି ସୁଯୋଗର ସଦବ୍ୟବହାର କରାନଯାଏ ପୁଣି ୫୦ ବର୍ଷ ଅପେକ୍ଷା କରିବାକୁ ପଡ଼ିପାରେ। ସେତେବେଳେ ହୁଏତ ପାକିସ୍ତାନ ଶକ୍ତିଶାଳି ହୋଇଯାଇଥାଇପାରେ। ୧୯୭୧ ଯୁଦ୍ଧ ବେଳେ ପାକିସ୍ତାନର ଯାହା ଶକ୍ତି ଥିଲା ପରବର୍ତ୍ତୀ ସମୟରେ ତାହା ଯଥେଷ୍ଟ ବୃଦ୍ଧି ପାଇଛି। ତେଣୁ ପାକିସ୍ତାନକୁ ଆଉ ଆଗକୁ ବଢ଼ିବାକୁ ସୁଯୋଗ ଦିଆନଯାଉ। ଭାରତର ସାମାନ୍ୟ ଆକ୍ରମଣରେ ପାକିସ୍ତାନେର ଅଣ୍ଟା ଭାଙ୍ଗିଛି। ଏବେ ଆଉ ପାକିସ୍ତାନକୁ ଅଣ୍ଟା ସଳଖିବାକୁ ସୁଯୋଗ ଦେବା ଅନୁଚିତ। ଏବେ ବି ଏଲଓସି ନିକଟରେ ପାକ ସେନାର ଆକ୍ରମଣରେ ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଉଛନ୍ତି। ଭାରତୀୟ ନାଗରିକଙ୍କ ରକ୍ତର ମୂଲ୍ୟ ଦେବାକୁ ପଡ଼ିବ। ସେମାନଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦିଆନଯାଉ। ବିଗତ ୭୮ ବର୍ଷ ଭିତରେ ହଜାର ହଜାର ଭାରତୀୟ ନାଗରିକ ସେ ଯବାନ ହୁଅନ୍ତୁ ବା ସାଧାରଣ ନାଗରିକ ହୁଅନ୍ତୁ ନିଜ ଜୀବନ ହରାଇଛନ୍ତି। ଅନେକ ପରିବାର ଉଜୁଡ଼ି ଯାଇଛି। ଅନେକ ମା' କୋଳରୁ ପୁଅକୁ ଛଡ଼ାଇ ନିଆଯାଇଛି। ଆମର ଅନେକ ଭଉଣୀଙ୍କ ମଥାରୁ ସିନ୍ଦୁ ଲିଭିଯାଇଛି। ଏହାକୁ ଆଉ ଅଧିକ ସହ୍ୟ କରିବାର ଆବଶ୍ୟକତା ନାହିଁ। ପୁରା ଦମ ଲଗାଇ ପାକିସ୍ତାନକୁ ଏଭଳି ପରାଜିତ କରାଯିବା ଉଚିତ ଯେମିତିକି ଆଗାମୀ ୧୦୦ ବର୍ଷ ଭିତରେ ଏହା ଆଉ ଥରେ ଭାରତ ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ସାହସ ଜୁଟାଇ ପାରିବ ନାହିଁ।

# ସିନ୍ଦୂରର ନ୍ୟାୟ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଜାମ୍ମୁ-କାଶ୍ମୀରର ପହଲଗାମରେ ଗତମାସ ୨୨ତାରିଖରେ ୨୬ଜଣ ଭାରତୀୟ ତଥା ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିବାର ଦୁଇ ସପ୍ତାହ ପରେ ଭାରତୀୟ ସେନାବାହିନୀ ପାକିସ୍ଥାନର ଦୁଇଟି ଏବଂ ପାକ ଅଧିକୃତ କାଶ୍ମୀର (ପୋକ୍)ର ୭ଟି ସ୍ଥାନରେ ପ୍ରଚଣ୍ଡ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କେବଳ ମୁହଁତୋଡ ଜବାବ ଦେଇନାହିଁ, ଆତଙ୍କବାଦୀଙ୍କ ୨୪ଟି ଆଡ୍ଡାସ୍ଥଳକୁ ଧ୍ୱଂସ କରିଦେଇଛି। ଯେଉଁଥିରେ ଶତାଧିକ ଆତଙ୍କବାଦୀଙ୍କ ମୃତ୍ୟୁ ମଧ ଘଟିଛି। କେବଳ ଏତିକି ନୁହେଁ, ଭାରତୀୟ ସେନାବାହିନୀର 'ଅପରେସନ ସିନ୍ଦୂର' ନାମରେ ସାମରିକ କାର୍ଯ୍ୟାନୁଷ୍ଠାନ ପାକିସ୍ଥାନକୁ ଥରହର କରିଦେଇଛି। ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ପାଲଟା ଯବାବ ଦେବା ଲାଗି ପାକିସ୍ଥାନର ସେନାବହିନୀକୁ ସେଠାକାର ସରକାର ପୂର୍ଣ୍ଣ ସ୍ୱାଧୀନତା ଦେଇଥିବାବେଳେ ଭାରତୀୟ ଯବାଦ ପାକ୍ ଉଦ୍ୟମକୁ ପଣ୍ଡ କରିଦେବାରେ ସମର୍ଥ ହେବା ଆଉ ଏକ ବୀରତ୍ୱର ଗାଥା ବହନ କରେ। ତେବେ ଦୁଇ ପରମାଣୁ ଶକ୍ତି ସମ୍ପନ୍ନ ପଡୋଶୀ ରାଷ୍ଟ୍ରଙ୍କ ମଧରେ ଏବେ ଯେଭଳି ଉତେଜନା ଦେଖାଦେଇଛି। ତାହା ଯୁଦ୍ଧରେ ପରିଣତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏହା ନିସନ୍ଦେହ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଏୟାର ଷ୍ଟ୍ରାଇକ ଅପ୍ରତ୍ୟାଶିତ ନଥିଲା। ଯେକୌଣସି ମୁହୂର୍ତ୍ତରେ ଭାରତୀୟ ସେନା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆଶଙ୍କା ରହିଥିଲା। କାରଣ ପାକିସ୍ଥାନ ମାଟିରେ ଆତଙ୍କବାଦୀଙ୍କ ଆଡ୍ଡା ଓ ତାଲିମ ଶିବିର ଉପରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ନୂଆ ନୁହେଁ। ୨୦୧୬ରେ ଉରି ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପ୍ରକୃତ ନିୟନ୍ତ୍ରଣ ରେଖା(ଏଲଓସି)ରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ଚଢାଉ କରି ଧ୍ୱଂସର ସ୍ତୁପ ସୃଷ୍ଟି କରିଥିଲେ। ଯେଉଁଥିରେ ସାରା ବିଶ୍ୱ ସ୍ତମ୍ଭିଭୂତ ହୋଇପଡ଼ିଥିଲା। ସେହିପରି ୨୦୧୯ରେ ପୁଲୱାମା ଆକ୍ରମଣ ଘଟଣାରେ ବାଲକୋଟ'ର ଏୟାର ଷ୍ଟ୍ରାଇକ କରି ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଏବେ ପହଲଗାମ ଆକ୍ରମଣ ଘଟଣାରେ ଭାରତ 'ଅପରେସନ ସିନ୍ଦୂର' ନାମରେ ନାମିତ କରିଛି। ଯାହାର ଏକ ଭାବାବେଗ ରହିଛି। ଭାରତୀୟ ସଂସ୍କୃତିରେ 'ସିନ୍ଦୂର' ହେଉଛି ବିବାହିତା ମହିଳାଙ୍କର ସୌଭାଗ୍ୟର ଚିହ୍ନ, ଯାହାର ସେମାନଙ୍କର ପବିତ୍ର ବନ୍ଧନର ପ୍ରତୀକ। ପତି-ପତ୍ନୀଙ୍କର ପ୍ରେମର ପ୍ରତୀକ। ସଧବା ନାରୀ ପାଇଁ ସିନ୍ଦୂର ଏକ କସମେଟିକ ନୁହେଁ। ସଧବା'ର ପରିଚୟ। କିନ୍ତୁ ପହଲଗାମରେ ପତ୍ନୀ ସମ୍ମୁଖରେ ସ୍ୱାମୀକୁ



ଧର୍ମ ପଚାରି ଯେଉଁଭଳି ଗୁଳିକରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ, ତାହା ଥିଲା ଅମାନବୀୟ। ଜଣକ ପରେ ଜଣେ ବିବାହିତା ମହିଳାଙ୍କ ମୁଣ୍ଡରୁ ସିନ୍ଦୂର ପୋଛି ନିସଙ୍ଗ କରିଥିଲେ। ଏବେ ଭାରତୀୟ ଯବାନ ଏକ ସମୟରେ ମାତ୍ର ୨୫ ମିନିଟରେ ୯୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିହତ କରି ସିନ୍ଦୂର'ର ନ୍ୟାୟ ଦେଇଛନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ। କେବଳ ଏତିକି ନୁହେଁ, ଏହି ଅପରେସନ ସିନ୍ଦୂର'ର ଯେଉଁମାନେ ନେତୃତ୍ୱ ନେଇଥିଲେ, ସେମାନେ ଥିଲେ ମହିଳା ପୁଣି ଦୁଇ ସମ୍ପ୍ରଦାୟର। ଜଣେ ହିନ୍ଦୁ ଓ ଜଣେ ମୁସଲମାନ ମହିଳା କମାଣ୍ଡର। ସେମାନେ ଅପରେସନର ସଫଳତା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଉଥିବାବେଳେ ସମଗ୍ର ଦେଶରେ ସୃଷ୍ଟି ହୋଇଥିଲା, ଅଦଭୂତ୍ ଭାବାବେଗ ଓ ଦେଶପ୍ରେମ। ଦେଶବ୍ୟାପୀ ଖେଳି ଯାଇଥିଲା ଖୁସିର ଲହରୀ। ଏହା ନିସନ୍ଦେହ ଯେ, ସିନ୍ଦୂର'ର ଶକ୍ତି କେତେ, ତାହା ଆଜି ଅପରେସନ ସିନ୍ଦୂର ସମଗ୍ର ବିଶ୍ୱବାସୀଙ୍କୁ ପ୍ରଦର୍ଶିତ କରିବାରେ କେବଳ ସମର୍ଥ ହୋଇନାହିଁ ସିନ୍ଦୂର'ର ଅନ୍ତର୍ନିହିତ ଶକ୍ତି କେତେ ତାହା ଅବଗତ କରାଇ ଦେଇଛି ବୋଲି କହିବାକୁ ହେବ। ଉଲ୍ଲେଖଯୋଗ୍ୟ ଯେ, କାଶ୍ମୀର'କୁ ନେଇ ୧୯୬୫ ଏବଂ ୧୯୭୧ ଯୁଦ୍ଧର ପାକିସ୍ଥାନ ପରାଜିତ ଏବଂ ବିଭାଜିତ ହେବା ପରେ ଆତଙ୍କବାଦ ବିରୁଦ୍ଧରେ ଛାୟା ଯୁଦ୍ଧ ଜାରି ରଖିଛି। ଆତଙ୍କବାଦକୁ ପାକିସ୍ଥାନ ସରକାର ଓ ସେନାବାହିନୀ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହନ ଦେଇଆସିଛି। ୨୦୦୧ ପାର୍ଲିଆମେଣ୍ଟ ଉପରେ ଆକ୍ରମଣ, ୨୦୦୮ରେ ମୁମ୍ବାଇରେ ଆକ୍ରମଣ, ୨୦୧୯ରେ ପୁଲୱାମା ଆକ୍ରମଣ ଏହାର ହେଉଛି ଜ୍ୱଳନ୍ତ ଉଦାହରଣ। ସେହିପରି ଆତଙ୍କୀ ହିଂସାକାଣ୍ଡ ଦ୍ୱାରା ୧୯୮୯ରେ କାଶ୍ମୀରର ହିନ୍ଦୁ ପଣ୍ଡିତଙ୍କୁ ବାହାର କରିଦେଇଥିବାବେଳେ ଭାରତର ଅର୍ଥନୀତି, ଶାସନ, ସମ୍ପ୍ରଦାୟ ମଧରେ ଅସ୍ଥିରତା ସୃଷ୍ଟି କରିବା ପାକ୍ ପ୍ରାୟୋଜିତ ଆତଙ୍କବାଦର ମୂଳ ଉଦ୍ଦେଶ୍ୟ ଲକ୍ଷ୍ୟ। ତେବେ ପହଲଗାମ୍ ଆକ୍ରମଣ ପରେ ଦେଶ ତଥା କାଶ୍ମୀରରେ ଯେଉଁଭଳି ଏକତା, ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରକାଶ ପାଇଛି, ତାହା ମଧ ଅଦଭୂତପୂର୍ବ। ଆତଙ୍କବାଦ ବିରୁଦ୍ଧରେ ହଜାର ହଜାର କାଶ୍ମୀର ମୁସଲିମ୍ ବିକ୍ଷୋଭ ପ୍ରଦର୍ଶନ କରିବା, ପାକିସ୍ଥାନ ବିରୁଦ୍ଧରେ ନାରା ଦେବା ହେଉଛି, ଭାରତରେ ବିବିଧତା ମଧରେ ଏକତା'ର ନିଦର୍ଶନ। ସେହିପରି ଅପରେସନ ସିନ୍ଦୂର' ପ୍ରତି ଦେଶର ରାଜନୈତିକ ଦଳଗୁଡିକ ଯେପରି ଐକ୍ୟଭାବ ପ୍ରଦର୍ଶନ କରିଛନ୍ତି, ତାହା ସିନ୍ଦୂର'ର ନ୍ୟାୟକୁ ପ୍ରତିପାଦିତ କରୁଛି। ଏଥିରୁ ପାକିସ୍ଥାନ ଶିକ୍ଷା କରିବ, ବୋଲି ଆଶା କରାଯାଏ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ପାପର ସୃଷ୍ଟି

ଅନୀତା ପଟ୍ଟନାୟକ



ମୋ ମନରେ ପିଲା ଦିନରୁ ଅସୁମାରୀ ପ୍ରଶ୍ନ ଉଠେ। ସଠିକ ଉତ୍ତର ପାଏନା ଯଥା ମରୀଚିକା କେଉଁ ପର୍ବ ଶ୍ରେଣୀରୁ ଜାତ ହୁଏ। ଏହା କେଉଁ ସମୁଦ୍ରରେ ପଡ଼େ ଏପରି କାହିଁକି? ଆମର ଦୁଇଟି ଆଖି ଅଛି। ଗୋଟିଏ ଡାହାଣ ପାଖରେ ଗୋଟିଏ ବାମ ପାଖରେ, ବାହୁରୁ ଭିନ୍ନ, ପରସ୍ପର ଠାରୁ ମଧ ଭିନ୍ନ। ହେଲେ ଆଖିରେ ଦୁଇଟି ଦୃଶ୍ୟ ଦେଖାଯାଏ ନାହିଁ କାହିଁକି? ଆଖି ଦୁଇଟିର ଦୃଷ୍ଟିଭଙ୍ଗୀ ଏକ ଓ ସମାନ କାହିଁକି ହୋଇଥାଏ। ମୁଁ ହୃଦୟଙ୍ଗମ କରୁଛି ଯେ ସତଚିତ, ବିବେକ ଓ ଚେତନା ଏହିପରି ଅନେକ ଶବ୍ଦ ବ୍ୟବହାର କରୁଥିଲେ ମଧ ଏସବୁର କାମ ଏକ। କଦର୍ଯ୍ୟ, ଅଶ୍ଳୀ, ଅସୁନ୍ଦର, ଅଧୋପତନକାରୀ ପାପ, ଅପରାଧ ଏହା କେବେ ଠାରୁ ଜାତ, ଆମେ କାନ ଦ୍ୱାରା ଶୁଣୁଥିବା ଦୁର୍ଗୁଣ, ପରନିନ୍ଦା ଦେବନିନ୍ଦା, ଗୁଜବ ଏସବୁର ଜାତ କେବେ ହେଲା? ଦ୍ୱେଷ ଲୋଭ ମଣିଷ ଭିତରେ କେବେ ପ୍ରବେଶ କଲା? ଜିଭ, ମନ ଓ ହାତରେ କରୁଥିବା ଦୁଷ୍କର୍ମ, ଅନ୍ୟକୁ କଷ୍ଟ ଦେଉଥିବା ବଚନ, ଖରାପ ଆବେଗ, ଖରାପ ବାସନା, ପରନିନ୍ଦା, ବିଶୃଙ୍ଖଳା, ଅସ୍ଥିରତା, ଏସବୁରୁ ଉତ୍ପତ୍ତି କେବେ ଓ କେବେଠୁ ହେଲା? ଗୋଟିଏ ବାକ୍ୟରେ କହିବାକୁ ହେଲେ କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ମଣିଷ ଭିତରେ କେବେ ପ୍ରବେଶ କଲା ଏହାର ଉତ୍ପତ୍ତି କେଉଁଠାରୁ?

ଶୀତ ଦିନିଆ ସକାଳ ହୋଇଥାଏ। ମୋର ପିତା ଫୀକର ଚରଣ ପଟ୍ଟନାୟକ ନୟାଗଡ଼ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ସେ ଖୁବ କମ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା କହୁଥିବାରୁ ମୁଁ ଡରରେ ମୋର ମନ ଭିତରେ ଥିବା ଏପରି ପ୍ରଶ୍ନ ପଚାରି ପାରେ ନାହିଁ। ସେ ଅତ୍ୟନ୍ତ ସରଳ ନିଷ୍କପଟ ସ୍ୱଭାବର ବ୍ୟକ୍ତି ଥିଲେ। ଜୀବନର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲେ। ସେ ଦିନେ ଶୀତ ଦିନିଆ ସକାଳରେ ମନ୍ଦିର, ଗୀର୍ଜା, ମସଜିଦ ଗୁରୁଦ୍ୱାର ପ୍ରଭୃତିକୁ ବୁଲାଇ ନେବା ପାଇଁ ମୋର ମା ଓ ମତେ ପ୍ରସ୍ତାବ ଦେଲେ। ମତେ ଭାରି ଖୁସି ଲାଗିଲା। କାରଣ ମୁଁ ମନ୍ଦିର ଦେଖିଥିଲି। ହେଲେ ଗୀର୍ଜା, ମସଜିଦ, ଗୁରୁଦ୍ୱାର କେବେ ଦେଖି ନଥିଲି। ଆମେ ନେପାଳ ଯାଇ ପାଗୋଡା ବି ଦେଖିବା।



ଗୀର୍ଜାରେ ଯାଇ ଦେଖିଲେ, ଯୀଶୁଙ୍କର ଗୋଟିଏ କ୍ରୁସବିଦ୍ଧ କାଠରେ ନିର୍ମିତ ମୂର୍ତ୍ତି କାନ୍ଥରେ ଟଙ୍ଗା ଯାଇଛି। ସ୍କୁଲ ପିଲାମାନେ ବସିବା ପରି ଡେସ୍କ ଓ ବେଞ୍ଚ ପଡ଼ିଛି। ଖ୍ରୀଷ୍ଟଧର୍ମର ଅନେକ ଭକ୍ତ ସେଠାରେ ଉପସ୍ଥିତ ଅଛନ୍ତି। ଜଣେ ପାଦ୍ରୀ ବାଇବେଲରୁ କିଛି ପଂକ୍ତି ପଢ଼ି ଶୁଣାଇଲେ। ସମସ୍ତେ ନୀରବତାର ସହିତ ସେ ସବୁ ଶୁଣୁଥିଲେ। ସେ ଇଂରାଜୀରେ କହୁଥିବାରୁ ମୁଁ ଭଲ ଭାବରେ ବୁଝି ପାରୁ ନଥିଲି। ବାହାରକୁ ଆସିବା ପରେ ମୁଁ ବାପାଙ୍କୁ ସେ କ'ଣ କହୁଥିଲେ ତାର ସାରାଂଶ କହିବାକୁ କହିଲି।

ବାପା କହିଲେ, 'ଭଗବାନ ଏହି ସୁନ୍ଦର ପୃଥିବୀକୁ ଗଢ଼ିବା ସମୟରେ ଦୁଇଟି ପ୍ରାଣୀ ଜାତ କଲେ। ଜଣକର ନାମ ଆଦାମ ଓ ଅନ୍ୟ ଜଣଙ୍କର ନାମ ଥିଲା ଇଭ। ଆଦାମ ପୁରୁଷ ଓ ଇଭ ନାରୀ ଥିଲେ। ଗଛ, ଲତା, ପାଣି, ପବନ, ଅଗ୍ନି, ବାୟୁ, ଜଳ, ପର୍ବତ ସବୁ ସୃଷ୍ଟି ହୋଇଥିଲା। ସେ ଦୁଇ ଜଣ ଖୁବ ସୁନ୍ଦର ଓ ସାଥୀ ପରି ରହୁଥିଲେ। ସୃଷ୍ଟିକର୍ତ୍ତା ଏହି ଦୁଇ ଜଣକୁ ଗୋଟିଏ ଗଛର ଫଳକୁ ଦେଖାଇ କହିଥିଲେ ଏହା ତୁମ ପାଇଁ ନିଷିଦ୍ଧ ଫଳ। ଏହାକୁ କେବେ ହେଲେ ଖାଇବ ନାହିଁ ସେ ଦୁଇ ଜଣଙ୍କ ମଧରେ କୌଣସି ଖରାପ ଚିନ୍ତା କିମ୍ବା ଦୁଷ୍କର୍ମ ନଥିଲା। ସେମାନେ ଅତ୍ୟନ୍ତ ପବିତ୍ର ଥିଲେ। ଦିନେ ସେମାନେ ପ୍ରଭୁଙ୍କର କଥା ନମାନି ପ୍ରଥମେ ଇଭ ଓ ପରେ ପରେ ଆଦାମ ଉକ୍ତ ନିଷିଦ୍ଧ ଫଳକୁ ଭକ୍ଷଣ କରିଥିଲେ। ସେମାନଙ୍କ ମଧରେ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ସୃଷ୍ଟି ହେଲା ଓ ସେହିଠାରୁ ମାନବ ଜଗତର ସୃଷ୍ଟି।

ପାଦ୍ରୀ କହିଥିଲେ, ଏସବୁ ଘଟିଥିଲା କାରଣ ସେମାନେ ପ୍ରଭୁଙ୍କର ଆଜ୍ଞାବହ ହୋଇନଥିଲେ। ମୁଁ ବାପାଙ୍କୁ ପଚାରିଲି, ଆଜ୍ଞାବହର ଅର୍ଥ କ'ଣ? ପିତା, ମାତା, ଗୁରୁଜନ ଏମାନଙ୍କ କଥା ଶୁଣିବାକୁ ଆଜ୍ଞାବାହ ହେବା କ'ଣ ବୁଝାଯାଏ କି? ବାପା କହିଲେ ନା। ଆମ ଭିତରେ ସତଚିତ, ବିବେକ, ଚେତନା ରହି ଅଛି। ଏହା ସବୁ ସମୟରେ ଚେତାଇ ଦିଏ କେଉଁଠି ଠିକ କେଉଁଠି ଭୁଲ। ଆମେ ବିବେକର କଥା ନଶୁଣି, ଆଜ୍ଞାବାହ ନହୋଇ, ଇନ୍ଦ୍ରିୟ ମାନଙ୍କର କଥାରେ ପରିଚାଳିତ ହେଉ ଓ ସେହିଠାରୁ ଆରମ୍ଭ ହୁଏ ଦୁଷ୍କର୍ମ ଓ ପଶୁତ୍ୱ। ସେ ଦିନ ମୁଁ ମୋର ପିଲା ଦିନର ସମସ୍ତ ଅସୁମାରୀ ପ୍ରଶ୍ନର ଉତ୍ତର ପାଇଥିଲି। କାରଣ ପ୍ରକୃତ ଉତ୍ତର ନପାଇ ମୁଁ ମରିଚିକା ପଛରେ ଧାଇଁ ଥିଲି ଓ ମୋର ଦୁଇଟି ଆଖିର ଗୋଟିଏ ଦୃଷ୍ଟିଭଙ୍ଗୀ ଅଛି ବୋଲି ଜାଣି ପରିଥିଲି। ଭଗବାନଙ୍କର ଆଜ୍ଞାବହ ନ ହେବାହିଁ ପାପ ବୋଲି ଉଲବ୍ଧି କଲି।

**ଅବସରପ୍ରାପ୍ତ, ପ୍ରଧାପିକା, ସିଡିଏ, କଟକ**
**ମୋବାଇଲ୍: ୯୬୯୨୯୮୦୦୨୬**

# ତୁମଠୁ ଆରମ୍ଭ, ତୁମଠି ଶେଷ



ଡାକ୍ତର ସମ୍ରାଟ କର

ହେ ମହାପ୍ରଭୁ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା। ତୁମଠୁ ଆରମ୍ଭ, ତୁମଠି ଶେଷ। ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ। ଅଗତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି। ତୁମେ ଦେବତା ହେଲେ ମଧ ତୁମ ଭିତରେ ପୁରି ରହିଛି ତମାମ ମଣିଷ ପଣିଆ। ଆମପରି ତୁମେ ବି ବଡ଼ି ଭୋରରୁ ଉଠ, ସ୍ନାନ, ମାଜଣା କର ସକାଳଠୁ ବିଶ୍ରମକୁ ଯିବା ପର୍ଯ୍ୟନ୍ତ ଷାଠିଏ ପଉଟି ଭୋଗ ନୈବେଦ୍ୟ ହୋଇଥାଏ। ରାତିରେ ନିଦ ଯାଅ ଆଉ ବର୍ଷର ବିଭିନ୍ନ ଋତୁ ଅନୁଯାୟୀ କେବଳ ବେଶ ବଦଳାଇ ନଥାଅ ବରଂ ଭିନ୍ନ ଭିନ୍ନ ପୋଷାକ ପିନ୍ଧ ଆଉ ଆଚରଣରେ ତ ସେ ଠିକ ଆମ ଭଳି। ସେ ହେଉଛନ୍ତି ଦଇତା ମାନଙ୍କର ଜ୍ଞାତି, ବନ୍ଧୁ ଆଉ କୁଟୁମ୍ବ ଓ ସହୋଦର। ଠିକ ଏଇଥିପାଇଁ ତୁମର ନବକଳେବର ସମୟରେ ଦଇତାମାନେ ତୁମ ନିମିତ୍ତ ଶୌଚ ହୁଅନ୍ତି, ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି ସତରେ ମଣିଷରୂପୀ ଏପରି ଦେବତା ସମଗ୍ର ବିଶ୍ୱରେ ବିରଳ।

ତୁମେ ଓଡ଼ିଆ ଜାତିର କୁଳ ଦେବତା। ଆମ ସତ୍ତା, ଭାବ, ଭକ୍ତି, ଶକ୍ତି, ଶ୍ରୀଜଗନ୍ନାଥ। ହେ ଦାରୁ ଦେବତା! ସବୁ ତୁମରି ଲୀଳା। ତୁମେ ଇଛା କଲ, ଶବର ଦେବତାରୁ ହେଲ ବିଶ୍ୱ ନିୟନ୍ତା। ଆଜି ତୁମରି ଇଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର। କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ। ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ। ଦର୍ଶନ କରେ, ମନ ପୁରେନି। ଅଭାବବୋଧକୁ ଧରି ଘରକୁ ଫେରେ।

କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ୍ତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ। କବିର କବିତାରେ, ନାଟକର ସଂଳାପରେ, ଧାରାବାହିକ ଭାସ୍ୟକାରଙ୍କ ଭାବ ବିଶ୍ଳେଷଣରେ ସବୁଠି, ସବୁ କ୍ଷେତ୍ରରେ, ସବୁ ରୂପରେ, ସବୁ ଭାବରେ ତାଙ୍କ କରୁଣାର ଧାରା ପ୍ରବାହିତ ହୋଇଥାଏ। ମହାକୁମ୍ଭ ଘାଟରୁ ଦୁନିଆର ହାଟ ପର୍ଯ୍ୟନ୍ତ ଯାହାଙ୍କ ମହିମା, କରୁଣା, ଲୀଳା ବିସ୍ତାରିତ ସେ ହେଉଛନ୍ତି ଆମ କୋଟି ଓଡ଼ିଆଙ୍କ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ। ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି। ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ।

ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି। ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସଭୁଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି। ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ। ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ। ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ



ଶ୍ରୀଜଗନ୍ନାଥ ଚେତନା। ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ। ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ।

ବନ୍ଧୁ ସଂଙ୍ଗଳିବା ହେଉ ବା ନୂଆ ବନ୍ଧୁ ଆରମ୍ଭ ହେଲାବେଳେ ମହାପ୍ରସାଦ ପୁଡ଼ିଆ ପ୍ରେରଣ ହୋଇଥାଏ ଶୁଭ ସଙ୍କେତ ଭାବରେ। ଚିଠି ଗୁଆର ନିମନ୍ତ୍ରଣ ସହିତ ମହାପ୍ରସାଦ ପଠାଇବାର ବିଧି ମଧ ରହିଛି। ଘରେ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ ହୁଏ। ବିବାହ ବନ୍ଧନର ପୂର୍ବ ନିର୍ବନ୍ଧ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକା ଯାଇ ବୈବାହିକ ସମ୍ବନ୍ଧ ଘୋଷିତ ହୋଇଥାଏ। କହିବାକୁଗଲେ ଏହି ସମ୍ବନ୍ଧ ବା ସମ୍ପର୍କକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ ହୋଇଥାଏ। ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ହୋଇଥାଏ ବାଗଦତ୍ତ ଓ କନ୍ୟାଟି ହୋଇଥାଏ ବାଗଦତ୍ତା। ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ। ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି। ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ। ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ। ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ। ମହାପ୍ରସାଦ ମାଧମରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ। ମହାପ୍ରଭୁଙ୍କ ପବିତ୍ର ଅବଢ଼ା କୁଡୁଆକୁ ଦାଣ୍ଡ ପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି କୋଟି ଓଡ଼ିଆଙ୍କ ବିଶ୍ୱାସ। ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳଇ ବୋଲି ବିଶ୍ୱାସ ରହିଛି। ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି। ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ। ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି।

ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆମ ଓଡ଼ିଆ ଜାତିର ଏକମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ବାହାରେ ଓ ବିଦେଶରେ ଓଡ଼ିଶାରୁ ଆସିଛି କହିଲେ ପ୍ରାୟତଃ ଅନେକ ଓଡ଼ିଶାକୁ ହଠାତ୍ ନ ଚିହ୍ନି ପାରୁଥିଲେ 'ଜଗନ୍ନାଥ ଦେଶ' କହିଲେ ସମସ୍ତେ ଭାବପୂର୍ଣ୍ଣ, ହୃଦୟପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ହୋଇଯାଇଥାନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ଜାତି ଆଜି ବିଶ୍ୱ ଦରବାରରେ ମୁଖ୍ୟତଃ ହିଁ ପରିଚିତ। ଶ୍ରୀଜଗନ୍ନାଥ ସଂସ୍କୃତିରେ କାଳକ୍ରମେ କେତେକ ପରିବର୍ତ୍ତନ ଦେଖା ଦେଇଥିଲେ ମଧ ଶ୍ରୀଜଗନ୍ନାଥ ସଂସ୍କୃତି ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ସଂସ୍କୃତି କହିଲେ ଅସଂଗତ ହେବନାହିଁ। ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍: ୯୧୩୨୪୩୩୩୩୩**

# ସିନ୍ଧୁ ଜଳ ମାମଲାରେ ହସ୍ତକ୍ଷେପ କରିବନି ବିଶ୍ୱବ୍ୟାଙ୍କ

**ପାକିସ୍ତାନକୁ ବଡ଼ ଝଟକା**



**ନୂଆଦିଲ୍ଲୀ,୯।୫:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା। ପାକିସ୍ତାନ ଏହି ମାମଲାରେ ବହୁତ ଖପ୍ପା ହୋଇଥିଲା ଏବଂ ପାକିସ୍ତାନର ଅନେକ ବଡ଼ ନେତା ମଧ୍ୟ ଜଳ ଚୁକ୍ତିନାମା ସମ୍ପର୍କରେ ଧମକ ଦେଇଥିଲେ। ଏହି ସମୟରେ, ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି ଏବଂ ଏଥିରେ ବିଶ୍ୱ ବ୍ୟାଙ୍କର କ'ଣ ଭୂମିକା ରହିପାରିବ ତାହା ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ଏଥିପାଇଁ ଜାତିସଂଘରୁ ନେଇ ବିଶ୍ୱ ବ୍ୟାଙ୍କକୁ ଆବେଦନ କରିଥିଲା।

ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ଉପରେ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଅଜୟ ବାଙ୍ଗା କହିଛନ୍ତି, 'ମଧ୍ୟସ୍ଥତା ବ୍ୟତୀତ ଆମର ଅନ୍ୟ କୌଣସି ଭୂମିକା ନାହିଁ। ବିଶ୍ୱ ବ୍ୟାଙ୍କ କିପରି ହସ୍ତକ୍ଷେପ କରିବ ଏବଂ ସମସ୍ୟାର ସମାଧାନ କରିବ ସେ ବିଷୟରେ ଗଣମାଧ୍ୟମରେ ଅନେକ କଳ୍ପନାଜଳ୍ପନା ଚାଲିଛି, କିନ୍ତୁ ଏସବୁ ଅର୍ଥହୀନ। ବିଶ୍ୱ ବ୍ୟାଙ୍କର ଭୂମିକା କେବଳ ମଧ୍ୟସ୍ଥତା ଭାବେ ରହିଛି ।' ସବୁ ଦିଗରୁ ବିରୋଧର ସମ୍ମୁଖୀନ ହେଉଥିବା ପାକିସ୍ତାନକୁ ଏବେ ବିଶ୍ୱବ୍ୟାଙ୍କ ମଧ୍ୟ ଏକ ବଡ଼ ଝଟକା ଦେଇଛି। ଭାରତ ଦ୍ୱାରା ଅପରେସନ ସିନ୍ଦୂର ପରେ ପାକିସ୍ତାନ ଆତଙ୍କିତ ଅବସ୍ଥାରେ ଅଛି ଏବଂ ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଏହାର ପ୍ରୟାସ ବାରମ୍ବାର ବିଫଳ ହେଉଛି।

ଉଲ୍ଲେଖ ଥାଉ କି ଭାରତ ଉପରେ ଅନ୍ତର୍ଜାତୀୟ ଚାପ ପକାଇବାକୁ ଚେଷ୍ଟା କରୁଥିବା ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଛି। ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅକିଲ ମଲିକ କହିଛନ୍ତି ଯେ ଇସଲାମାବାଦ ବିଶ୍ୱ ବ୍ୟାଙ୍କରେ ଏହି ପ୍ରସଙ୍ଗ ଉଠାଇବା ସମେତ ଅତି କମରେ ତିନୋଟି ଭିନ୍ନ ଆଇନଗତ ବିକଳ୍ପ ନେଇ କାମ କରୁଛି। ପ୍ରଧାନମନ୍ତ୍ରୀ ମୋଦି ପୂର୍ବରୁ ଘୋଷଣା କରିସାରିଛନ୍ତି ଯେ ଭାରତର ଅଧିକାର ଥିବା ଜଳ ଏବେ ଭାରତ ପାଇଁ ବ୍ୟବହାର କରାଯିବ। ସେ କହିଛନ୍ତି, 'ଜଳ ପ୍ରସଙ୍ଗରେ (ସିନ୍ଧୁ ଜଳ ଚୁକ୍ତିନାମାକୁ ଉଲ୍ଲେଖ କରି) ଗଣମାଧ୍ୟମରେ ଆଲୋଚନା ହେଉଛି... 'ଭାରତର ଅଧିକାର ଥିବା ଜଳ ଭାରତ ସପକ୍ଷରେ ପ୍ରବାହିତ ହେବ।'




**ନୂଆଦିଲ୍ଲୀ, ୯।୫:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଶୁକ୍ରବାର ଦିନ ତାଙ୍କର ବ୍ରିଟେନ ସହଯୋଗୀ ଡେଭିଡ୍ ଲ୍ୟାମୀଙ୍କ ସହ ଫୋନରେ କଥା ହୋଇଛନ୍ତି। ସେ କହିଥିଲେ ଯେ ଦେଶରେ ଆତଙ୍କବାଦ ପ୍ରତି 'ଶୂନ୍ୟ-ସହିଷ୍ଣୁତା' ରହିବା ଉଚିତ। ଜୟଶଙ୍କର-ଲ୍ୟାମୀ ଙ୍କ ଚର୍ଚ୍ଚା ମଧ୍ୟରେ ନୂଆଦିଲ୍ଲୀ ଏବଂ ଇସ୍ଲାମାବାଦ ମଧ୍ୟରେ ବଢୁଥିବା ଉତ୍ତେଜନା ହ୍ରାସ ଲାଗି ଫୋକସ କରାଯାଇଥିଲା। 'ଆମର ଚର୍ଚ୍ଚା ଆତଙ୍କବାଦ ବିରୋଧୀ କାର୍ଯ୍ୟକଳାପ ଉପରେ କେନ୍ଦ୍ରିତ ଥିଲା, ଯାହା ପାଇଁ 'ଶୂନ୍ୟ-ସହିଷ୍ଣୁତା' ଥିବା ଉଚିତ,' ବୋଲି ଜୟଶଙ୍କର ତାଙ୍କ ସୋସିଆଲ୍ ମିଡିଆରେ ପୋଷ୍ଟରେ କରିଛନ୍ତି। ଏହାସହ ଜୟଶଙ୍କର ଆମେରିକାର ରାଷ୍ଟ୍ର ସଚିବ ମାର୍କୋ ରୁବିଓ, ଇଟାଲୀର ଉପ ପ୍ରଧାନମନ୍ତ୍ରୀ ଆଣ୍ଟୋନିୟ ତାଜାନୀ ଏବଂ ଇଉରୋପୀୟ ସଂଘ ବୈଦେଶିକ ବ୍ୟାପାର ଓ ସୁରକ୍ଷା ନୀତିର ଉଚ୍ଚ ପ୍ରତିନିଧି କାଜା କାଲାସ ସହ କଲେ ଫୋନରେ ମଧ୍ୟ କଥା ହୋଇଥିଲେ। ବୁଧବାର ସକାଳେ

## ଜୟଶଙ୍କରଙ୍କ ସହ କଥା ହେଲେ ବ୍ରିଟେନ ବୈଦେଶିକ ସଚିବ



ଭାରତର ଅପରେସନ ସିନ୍ଦୂର ଏବଂ ପରବର୍ତ୍ତୀ ସମୟରେ ଭାରତର ୧୫ଟି ସହର ଉପରେ ଆକ୍ରମଣ କରିବାକୁ ପାକିସ୍ତାନର ବିଫଳ ପ୍ରୟାସ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯଥେଷ୍ଟ ବୃଦ୍ଧି ପାଇଛି।

ଆମେରିକୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଟାମି ବ୍ରୁସ୍ କହିଛନ୍ତି ଯେ ରୁବିଓ ତୁରନ୍ତ ଉତ୍ତେଜନା ହ୍ରାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଭାରତ ଓ ପାକିସ୍ତାନ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଆମେରିକାର ସମର୍ଥନ ଜଣାଇବା ସହ ଯୋଗାଯୋଗରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରୋତ୍ସାହିତ କରିଛନ୍ତି। ବ୍ରୁସ୍ ଆହୁରି ମଧ୍ୟ କହିଛନ୍ତି, ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପାଇଁ ସଚିବ ସମବେଦନା ଜଣାଇଛନ୍ତି ଏବଂ ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତ ସହ କାମ କରିବାକୁ ଆମେରିକାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ୟୁରୋପୀୟ ସଂଘ ଉଭୟ ପକ୍ଷଙ୍କୁ ଆଲୋଚନା କରିବାକୁ ଅନୁରୋଧ କରିଛି। ଭାରତ ଓ ପାକିସ୍ତାନ ମଧ୍ୟ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ନିଜର ଦାୟିତ୍ୱ ପାଳନ କରିବା ସହ ବେସାମରିକ ଜୀବନ ରକ୍ଷା ପାଇଁ ଯଥାସମ୍ଭବ ପଦକ୍ଷେପ ନେବା ଜରୁରୀ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପକ୍ଷଙ୍କ ସହ ମିଶି କାର୍ଯ୍ୟ କରିବ ବୋଲି ୟୁରୋପୀୟ ସଂଘ କହିଛି। ବ୍ରିଟିଶ ବୈଦେଶିକ ସଚିବ କହିଛନ୍ତି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ଉତ୍ତେଜନା ଏକ ଗମ୍ଭୀର ଚିନ୍ତାର ବିଷୟ। ଏହା ତୁରନ୍ତ ହ୍ରାସ ହେବା ଉଚିତ।

### କେନ୍ଦ୍ର ସରକାର ଓ ସଶସ୍ତ୍ରବଳଙ୍କୁ

# ଶୁଭେଚ୍ଛା ଜଣାଇଲେ ଆରଏସଏସ ଅଧିକାରୀ




**ନୂଆଦିଲ୍ଲୀ,୯।୫:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭାରତର ଅପରେସନ ସିନ୍ଦୂର ଅଭିଯାନ ସମ୍ପର୍କରେ ସମର୍ଥନରେ ବାହାରିଛି। ପହଲଗାମ ଆକ୍ରମଣର ପରେ ପାକିସ୍ତାନର ଆତଙ୍କବାଦୀଙ୍କ ବିରୋଧରେ ସେନାବାହିନୀ ପକ୍ଷରୁ ନିଆଯାଇଥିବା ଦୃଢ଼ ପଦକ୍ଷେପକୁ ପ୍ରଶଂସା କରାଯାଇଛି। ଆରଏସଏସ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ, ଆରଏସଏସ ମୁଖ୍ୟ ଡ଼ା. ମୋହନ ଭାଗତ ଓ ଦତ୍ତାତ୍ରେୟ ହୋସବାଲେ କହିଛନ୍ତି, 'ପହଲଗାମରେ ନିରୀହ ପର୍ଯ୍ୟଟକଙ୍କ ଉପରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ଯେଉଁ ବର୍ବର ଆକ୍ରମଣ କଲେ ଆମ ସରକାର ଓ ସେନାବାହିନୀ ସିନ୍ଦୂର ମାଧ୍ୟମରେ ତାହାର ଉଚିତ ଜବାବ ଦେଇଛନ୍ତି। ସେଥିପାଇଁ ଆମେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପୂର୍ଣ୍ଣ ସମର୍ଥନ ଦେଉଛି। ଆତଙ୍କବାଦ ବିରୋଧରେ ଭାରତର ଏହି ପଦକ୍ଷେପ ପୀଡ଼ିତ ପରିବାରକୁ ନ୍ୟାୟ ଦେବା ସହିତ ସମ୍ପୂର୍ଣ୍ଣ ଦେଶର ସ୍ୱାଭିମାନ ଓ ଆତ୍ମସମ୍ମାନକୁ ବଢ଼ାଇଛି। ଆମେ ଏହାକୁ ସମର୍ଥନ କରୁଛୁ ଯେ, ପାକିସ୍ତାନର ଆତଙ୍କବାଦୀଙ୍କ ବିରୋଧରେ ଆମର ସେନା ବାହିନୀ ଯେଉଁ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଆମ ଦେଶର ସୁରକ୍ଷା ପାଇଁ ନିହାତି ଆବଶ୍ୟକ। ଦେଶର ଏଭଳି ସଂକଟମୟ ସମୟରେ ସରକାର ଓ ସେନାବାହିନୀ ସହ ଦେଶବାସୀ ଛିଡା ହୋଇଛନ୍ତି। ପାକିସ୍ତାନୀ ସେନା ଦ୍ୱାରା ଭାରତର ସୀମାରେ ଥିବା ଧାର୍ମିକ ସ୍ଥାନ ଏବଂ ଜନବସତି ଉପରେ ଯେପରି ଆକ୍ରମଣ କରାଯାଉଛି ତାହାକୁ ଉଭୟ ଅଧିକାରୀ ଦୃଢ଼ ନିନ୍ଦା କରିଛନ୍ତି।

### ଗୃହ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ

# ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖ



**ନୂଆଦିଲ୍ଲୀ,୯।୫:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଗୃହମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଏକ ପତ୍ର ଲେଖାଯାଇଛି। ଯେଉଁଥିରେ ଆବଶ୍ୟକୀୟ ସତର୍କତା ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ ଭାବରେ ଲାଗୁ କରିବାକୁ ସିଭିଲ୍ ଡିଫେନ୍ସ ନିୟମର ଆପାତକାଳୀନ ଶକ୍ତିକୁ ବ୍ୟବହାର କରିବାକୁ ପାଇଁ କୁହାଯାଇଛି। ପତ୍ରରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଶତ୍ରୁ ଆକ୍ରମଣ ସମୟରେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟକୁ ମନେ ପକାଇବା ସହ ଲୋକ, ସେମାନଙ୍କର ସମ୍ପତ୍ତିର ସୁରକ୍ଷା, ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସିଭିଲ୍ ଡିଫେନ୍ସ ନିୟମ, ୧୯୬୮ର ଧାରା-୧୧ ରାଜ୍ୟ ସରକାରକୁ କାର୍ଯ୍ୟାକାଳୀନ ଦ୍ରୁତ ଚଳାଚଳ କରିବାକୁ ଶକ୍ତିପ୍ରଦାନ କରେ, ଯାହା ଲୋକଙ୍କୁ ଓ ସମ୍ପତ୍ତିକୁ କ୍ଷତି କିମ୍ବା ଦୁର୍ବଳତାରୁ ରକ୍ଷା କରିବା ପାଇଁ। ଏହା ଦ୍ୱାରା ଆବଶ୍ୟକ ସେବା, ଯାହା ମଧ୍ୟରେ ବିଦ୍ୟୁତ, ପାଣି ଯୋଗାଇବା ଏବଂ ଗାଡ଼ି ଚଳାଚଳ ଅନ୍ୟାନ୍ୟ କାର୍ଯ୍ୟରେ ଅବଧି ଦେବା ସୁନିଶ୍ଚିତ କରାଯିବ।' ରାଜ୍ୟଗୁଡିକୁ ନିୟମାନୁସାରେ ବିଭିନ୍ନ ଜରୁରୀକାଳୀନ ସାମଗ୍ରୀ ଆମଦାନୀ ପାଇଁ ସେମାନଙ୍କ ଜରୁରୀକାଳୀନ କ୍ଷମତା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଅଧିକାରୀ କହିଛନ୍ତି, ଯାହା ଛଡା ତାଙ୍କର ନିଜସ୍ତରରେ ତାଙ୍କର ଖର୍ଚ୍ଚ କରିବା ପାଇଁ ଚାଲାଣ କରିବାକୁ ଆବଶ୍ୟକ ପରିସର ଅଟେ।

**● ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ**

# ଭାରତ ଛାଡ଼ନ୍ତୁ ରୋହିଙ୍ଗ୍ୟା ମୁସଲମାନ

**ନୂଆଦିଲ୍ଲୀ,୯।୫:** ଭାରତରେ କେବଳ ଭାରତୀୟ ରହିବେ। ରୋହିଙ୍ଗ୍ୟା ମୁସଲମାନ ଭାରତ ଛାଡ଼। ଗୁରୁବାର ସୁପ୍ରିମକୋର୍ଟ ଦିଲ୍ଲୀରୁ ରୋହିଙ୍ଗ୍ୟା ମୁସଲମାନଙ୍କ ସମ୍ଭାବ୍ୟ ନିର୍ବାସନ ଉପରେ ରୋକ୍ ଲଗାଇବାକୁ ମନା କରି ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଦୀପଙ୍କର ଦତ୍ତା ଏବଂ ଏନ.କୋଟେଶ୍ୱର ସିଂହଙ୍କ ଖଣ୍ଡପୀଠ ଏନେଇ ଶୁଣାଣି କରିଛନ୍ତି। କୋର୍ଟ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଯାୟୀ, ଦେଶରେ ରହିବା ପାଇଁ କେବଳ ଭାରତୀୟ ନାଗରିକଙ୍କ ଅଧିକାର ରହିଛି। ବିଦେଶୀ ନାଗରିକଙ୍କ ପାଇଁ ବିଦେଶୀ ଅଧିନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସଲିସିଟର ଜେନେରାଲ ତୁଷାର ମେହେତା ଏନେଇ କହିଛନ୍ତି ଯେ, ୟୁଏନ୍‌ଏଚ୍‌ସିଆର୍ ଦ୍ୱାରା ରୋହିଙ୍ଗ୍ୟାଙ୍କୁ ଶରଣାର୍ଥୀ ମାନ୍ୟତା ମିଳିଛି। ହେଲେ ଭାରତ ଏହାକୁ ମାନିବାକୁ ବାଧ୍ୟ ନୁହେଁ। ରୋହିଙ୍ଗ୍ୟା ହେଉଛନ୍ତି ବିଦେଶୀ ନାଗରିକ। ସୁପ୍ରିମକୋର୍ଟ ଏନେଇ ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି ଯେ, ଭାରତରେ ରହିବାକୁ କେବଳ ଭାରତୀୟଙ୍କୁ ଅଧିକାର ମିଳିଛି।

# ପଠାନକୋଟ ସୀମାନ୍ତବର୍ତ୍ତୀ ହିମାଚଳ ଅଞ୍ଚଳରେ 'ହାଇ ଆଲର୍ଟ'



**ସିମଲା,୯।୫:** ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ କହିଛନ୍ତି ଯେ ପଞ୍ଜାବର ପଠାନକୋଟ ସୀମାବର୍ତ୍ତୀ ରାଜ୍ୟର ଅଞ୍ଚଳରେ 'ହାଇ ଆଲର୍ଟ' ଜାରି କରାଯାଇଛି । ଏହା ସହିତ ହିମାଚଳର ନୁରପୁର ଏବଂ ଇନ୍ଦୋରା ସୀମାନ୍ତ ଅଞ୍ଚଳରେ ବିମାନ ଆକ୍ରମଣ ସତର୍କତା ସାଇରନ୍ ବାଜିଲେ 'ବ୍ଲାକଆଉଟ୍' ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିବାକୁ ପୁଲିସକୁ କୁହାଯାଇଛି । ସୁଖୁ ଏଠାରେ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟମାନଙ୍କ ସହିତ ଏକ ବୈଠକ କରିଥିଲେ ।

ଏହି ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଚିନ୍ତିତ ହେବାର କିଛି ନାହିଁ କିନ୍ତୁ ଆମକୁ ଆମର ସୁରକ୍ଷା ସୁନିଶ୍ଚିତ କରିବାକୁ ପଡିବ। ଆମକୁ ଆମର ଦାୟିତ୍ୱ ପାଳନ କରିବାକୁ ପଡିବ ଏବଂ ସଜାଗ ରହିବାକୁ ପଡିବ। ସେ ସାଧାରଣ ନାଗରିକଙ୍କୁ କେବଳ ସରକାରୀ ସୂଚନା ଉପରେ ଭରସା କରିବାକୁ ନିବେଦନ କରିଛନ୍ତି। ଏଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ସେ କହିଛନ୍ତି ଯେ, ସାଧାରଣ ପ୍ରଶାସନ ବିଭାଗର ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ସମେତ ନିୟନ୍ତ୍ରଣ କକ୍ଷଗୁଡ଼ିକ ଲୋକଙ୍କୁ ସାହାଯ୍ୟ କରିବା ଏବଂ ଆବଶ୍ୟକ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖୋଲା ରହିବ । ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ ଜମ୍ମୁ-କାଶ୍ମୀରରେ ବର୍ତ୍ତମାନ ପାଠପଢୁଥିବା ପ୍ରାୟ ୧୦୩ ଜଣ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ।' ଏହି ସମୟରେ, ଅଧିକାରୀମାନେ କହିଛନ୍ତି ଯେ ପଞ୍ଜାବ ଏବଂ ଜମ୍ମୁ କାଶ୍ମୀରକୁ ଅନେକ ବସ୍ ରୁଟ୍ ବନ୍ଦ କରିଦିଆଯାଇଛି । ହିମାଚଳ ସଡ଼କ ପରିବହନ ନିଗମ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଟରା, ପଠାନକୋଟ, ଅମୃତସର ଏବଂ ଜଳନ୍ଧର ଅଭିମୁଖେ ବସ୍ ଚଳାଚଳ ବନ୍ଦ କରିଦେଇଛି ।

# ଧର୍ମର ପରିଭାଷା ଶିଖାଇଲେ ସୋଫିୟା

- ସମ୍ପ୍ରଦାୟ ସମାନ, ଆଭିମୁଖ୍ୟରେ ଆକାଶ-ପାତାଳ ଫରକ୍
- ଧମନୀରେ ବହୁଛି ସେନା ରକ୍ତ




**ନୂଆଦିଲ୍ଲୀ,୯।୫:** ପହଲଗାମ ଆତଙ୍କୀ ହମଲାର ପ୍ରତିଶୋଧ ନେଇଛି ଭାରତ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ବାୟୁସେନା ପାକିସ୍ତାନ ଓ ପିଓକେରେ ଏୟାରଷ୍ଟ୍ରାଇକ କରି ୯ ଆତଙ୍କୀ ଆଡ୍ଡା ଧ୍ୱଂସ କରିବା ସହ ୭୦ରୁ ଊର୍ଦ୍ଧ୍ୱ ଆତଙ୍କୀଙ୍କୁ ନିପାତ କରିଛି। 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ସେନା ପହଲଗାମ୍ ଆତଙ୍କୀ ହମ୍‌ଲାରେ ନିଜ ପ୍ରିୟଜନଙ୍କୁ ହରାଇ ଦୁଃଖରେ କାଳାତିପାତ କରୁଥିବା ପୀଡ଼ିତଙ୍କୁ ଆଶ୍ୱସ୍ତି ଦେଇଛି। ତେବେ ପହଲଗାମ୍‌ରେ ପାକିସ୍ତାନ ସମର୍ଥିତ ଆତଙ୍କୀମାନେ ଯେପରି ଧର୍ମ ପଚାରି ରକ୍ତ ବୁହାଇଲେ, ତାହା ସମସ୍ତଙ୍କୁ ବ୍ୟଥିତ କରିଥିଲା। କୌଣସି ଧର୍ମରେ କଦାପି ହିଂସାକୁ ପ୍ରଶ୍ରୟ ଦିଆଯାଉନଥିଲେ ହେଁ ଆତଙ୍କୀମାନେ ବାଛି ବାଛି ହିନ୍ଦୁଙ୍କୁ ନିପାତ କରିଥିଲେ। ଆତଙ୍କୀଙ୍କ ଏହି ଚିନ୍ତାଧାରାକୁ ଭାରତରେ ବସବାସ କରୁଥିବା ମୁସଲିମ୍ ଧର୍ମାବଲମ୍ବୀମାନେ ମଧ୍ୟ ସହଜରେ ଗ୍ରହଣ କରିପାରିନଥିଲେ, ବରଂ ସେମାନଙ୍କ ମଧ୍ୟରେ ଅଧିକ ପ୍ରତିକ୍ରିୟା ପ୍ରକାଶ ପାଇଆସିଛି। 'ଅପରେସନ୍ ସିନ୍ଦୂର'ର ନେତୃତ୍ୱ ନେଉଥିବା ଦୁଇ ମହିଳା ଅଧିକାରୀଙ୍କ ମଧ୍ୟରୁ ଜଣେ କର୍ଣ୍ଣେଲ୍ ସୋଫିୟା କ୍ୟୁରେଶୀ ମୁସଲିମ୍ ଧର୍ମାବଲମ୍ବୀ ହୋଇଥିଲେ ହେଁ ସେ ଆତଙ୍କୀଙ୍କୁ ଧର୍ମର ଅସଲ ପରିଭାଷା ଶିଖାଇଛନ୍ତି ବୋଲି କହିଲେ ଭୁଲ୍ ହେବ ନାହିଁ। କାରଣ ବନ୍ଧୁକ ମୂନରେ ନିରୀହ ଲୋକଙ୍କ ଜୀବନ ନେଇ ଇସଲାମ ଧର୍ମର ପ୍ରଚାର କରୁଥିବାର ଦ୍ୱାହି ଦେଉଥିବା ଆତଙ୍କୀମାନଙ୍କୁ ସୋଫିୟା କଡ଼ା ଭାଷାରେ ଜବାବ ଦେଇଛନ୍ତି। ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ନିପାତ କରି ଆତଙ୍କୀମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ସମର୍ଥନ ଦେଇଆସୁଥିବା ଦେଶକୁ ଜବରଦସ୍ତ ସବକ୍ ଦେଇଛନ୍ତି। ସେ ପ୍ରମାଣିତ କରିଛନ୍ତି ଯେ କେହି କୌଣସି ଧର୍ମର ସହ ଜଡ଼ିତ ହୁଅନ୍ତୁ ନା କାହିଁକି, ଅନ୍ୟାୟର କଡ଼ା ଜବାବ ଦେବାରେ ହିଁ ବୀରତ୍ୱର ପ୍ରମାଣ ମିଳିଥାଏ। କାହା ଜୀବନ ନେଇ ସଂସାର ଉଜାଡୁଥିବା କୌଣସି ବ୍ୟକ୍ତି କଦାପି ବୀର ପଦବାଚ୍ୟ ନୁହେଁ, ବରଂ ସେ ହିଁ ସବୁଠାରୁ ବଡ଼ ଭୀରୁ। ଭାରତ ପରି ଏକ ଧର୍ମନିରପେକ୍ଷ ଦେଶରେ ଏକଦା ମହିଳାମାନଙ୍କୁ ସେନାବାହିନୀର ପ୍ରମୁଖ ପଦରେ ବସିବାର ସୁଯୋଗ ଦିଆଯାଉନଥିବା ବେଳେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଏହି ଚିନ୍ତାଧାରାରେ ପୂର୍ଣ୍ଣଚ୍ଛେଦ ଲାଗିଥିଲା। ଏପରିକି ୨୦୨୦ରେ ସୋଫିଆଙ୍କୁ ଯେତେବେଳେ ବାୟୁସେନାର ଏକ ପ୍ରମୁଖ ପଦରେ ନିଯୁକ୍ତି ପାଇଁ ଚର୍ଚ୍ଚା ଜୋର୍ ଧରିଥିଲା, ସେତେବେଳେ କେବଳ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମା ବଳରେ ହିଁ ସେ ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ସୋଫିୟା ମଧ୍ୟ ପୁଣେରେ ଅନୁଷ୍ଠିତ ବିଭିନ୍ନ ଦେଶର ସେନା ବାହିନୀକୁ ନେଇ ଅନୁଷ୍ଠିତ ହୋଇଥିବା ସମରାଭ୍ୟାସରେ ଏକମାତ୍ର ମହିଳା ଭାବେ ଭାରତୀୟ ସେନାର ନେତୃତ୍ୱ ନେଇଥିଲେ। ଏଥିରେ ୧୮ଟି ଆସିଆନ୍ ଦେଶ ଅଂଶଗ୍ରହଣ କରିଥିବା ବେଳେ ସୋଫିୟା ଏକମାତ୍ର ମହିଳା କମାଣ୍ଡର୍ ଭାବେ ସାମିଲ୍ ହୋଇଥିଲେ। ସେହିପରି ତାଙ୍କ ପାଖରେ ଅନ୍ତର୍ଜାତୀୟ ସ୍ତରର ଅଭିଜ୍ଞତା ମଧ୍ୟ ଥିଲା। ସେ ୨୦୦୬ରେ କଙ୍ଗୋଠାରେ ଅନୁଷ୍ଠିତ ମିଳିତ ଜାତିସଂଘ ପିସ୍‌କିପିଙ୍ଗ୍ ମିଶନ୍‌ରେ ଅଂଶଗ୍ରହଣ କରିଥିଲେ। ଗୁଜରାଟରେ ଜନ୍ମଗ୍ରହଣ କରିଥିବା ସୋଫିଆଙ୍କ ପୂର୍ବପିଢ଼ି ମଧ୍ୟ ଦେଶସେବାରେ ବ୍ରତୀ ଥିଲେ। ତାଙ୍କ ଜେଜେବାପା ଭାରତୀୟ ସ୍ଥଳସେନାରେ ନିୟୋଜିତ ଥିଲେ। ବାୟୋ କେମିଷ୍ଟ୍ରିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସୋଫିୟା ଅଫିସର୍ସ ଟ୍ରେନିଂ ଏକାଡେମୀରେ ପ୍ରଶିକ୍ଷଣ ଶେଷ କରିଥିଲେ। ବ୍ୟାପକ ଅଭିଜ୍ଞତା ସହ କର୍ଣ୍ଣେଲ୍ ସୋଫିୟା ବାୟୁସେନାରେ ନେତୃତ୍ୱ ଓ ଦକ୍ଷତା ପ୍ରମାଣିତ କରିବା ସହ ଖ୍ୟାତି ଅର୍ଜନ କରିଥିଲେ। ତେବେ କର୍ଣ୍ଣେଲ୍ ସୋଫିୟା ତାଙ୍କ ବଳିଷ୍ଠ ନେତୃତ୍ୱ ବଳରେ 'ଅପରେସନ୍ ସିନ୍ଦୂର'ରେ ହାସଲ କରିଥିବା ସଫଳତା ମାଧ୍ୟମରେ ଆତଙ୍କୀଙ୍କୁ କଡ଼ା ଜବାବ ଦେଇ ଭାରତର ଅମଙ୍ଗଳ ଚିନ୍ତା କରୁଥିବା ବ୍ୟକ୍ତିଙ୍କୁ କଦାପି ମାଫ୍ କରାଯିବ ନାହିଁ ବୋଲି ଏକ ସନ୍ଦେଶ ଦେଇଛନ୍ତି।

# ସୀମା ସ୍ଥିତି ସମୀକ୍ଷା କଲେ ଶାହ

**● ଅନୁପ୍ରବେଶ ବେଳେ ୭ ଆତଙ୍କୀ ନିପାତ**

**ନୂଆଦିଲ୍ଲୀ,୯।୫:** ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଭାରତର ପାକିସ୍ତାନ ସୀମା ସହିତ ବର୍ତ୍ତମାନର ପରିସ୍ଥିତି ଓ ଦେଶର ବିମାନବନ୍ଦର ସୁରକ୍ଷାର ସମୀକ୍ଷା କରିଛନ୍ତି। ଦୁଇ ଦେଶ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସୀମା ସୁରକ୍ଷା ବଳ କହିଛି ଯେ ଜମ୍ମୁର ଆନ୍ତର୍ଜାତିକ ସୀମାରେ ଅନୁପ୍ରବେଶ ଉଦ୍ୟମ ବେଳେ ୭ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ପାକିସ୍ତାନର ଏକ ରେଞ୍ଜର ପୋଷ୍ଟକୁ ମଧ୍ୟ ନଷ୍ଟ କରାଯାଇଛି। ଭାରତ-ପାକିସ୍ତାନ ସୀମାରେ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ସହ ଶ୍ରୀ ଶାହ ଦେଶର ସମସ୍ତ ବିମାନବନ୍ଦରରେ ସୁରକ୍ଷା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପକୁ ସମୀକ୍ଷା କରିଛନ୍ତି। ଯେଉଁଠାରେ ବିଏସଏଫ ଭାରତ-ପାକିସ୍ତାନ ସୀମାରେ ସୁରକ୍ଷା କରୁଛି, ଅନ୍ୟପକ୍ଷରେ କେନ୍ଦ୍ରୀୟ ଇଣ୍ଡଷ୍ଟ୍ରିଆଲ୍ ସୁରକ୍ଷା ବଳ ଦେଶର ବିମାନ ବନ୍ଦର, ମେଟ୍ରୋ ନେଟର୍କ ଓ ଅନ୍ୟାନ୍ୟ ମୁଖ୍ୟ ସଂସ୍ଥାନଗୁଡିକୁ ସୁରକ୍ଷିତ ଦାୟିତ୍ୱରେ ରହିଛି। ସମ୍ମିଳନୀରେ କେନ୍ଦ୍ରୀୟ ଗୃହ ସଚିବ ଗୋବିନ୍ଦ ମୋହନ, ଇଣ୍ଟେଲିଜେନ୍ସ ବ୍ୟୁରୋର ନିର୍ଦ୍ଦେଶକ ତପନ ଡେକା, ବିଏସଏଫ, ସିଆଇଏସଏଫ ଓ ସିଭିଲ୍ ଏଭିଏସନ ସୁରକ୍ଷା ନିର୍ଦ୍ଦେଶକମାନେ ଯୋଗଦେଇଥିଲେ।। ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର ଉପରେ ଭାରତର ଆକ୍ରମଣ ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତର ଆକ୍ରମଣ ଜବାବରେ ଗୁରୁବାର ରାତିରେ ପାକିସ୍ତାନ ପକ୍ଷରୁ ସୀମାର ୪ଟି ରାଜ୍ୟରେ ପ୍ରବଳ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ କରାଯାଇଥିଲା। ଯାହାକୁ ଭାରତ ବିଫଳ କରିବାରେ ସଫଳ ହୋଇଛି।

**ପାକିସ୍ତାନକୁ ଆଇଏମଏଫ ସହାୟତା ପ୍ରସଙ୍ଗ**

# ଭୋଟ୍ ଦେଲାନି ଭାରତ

**ନୂଆଦିଲ୍ଲୀ,୯।୫:** ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ପାକିସ୍ତାନକୁ ୨.୩ ବିଲିୟନ ଡଲାରର ନୂଆ ଋଣ ପ୍ରଦାନ ପ୍ରସ୍ତାବକୁ ବିରୋଧ କରିଛି। ଭାରତ କହିଛି ଯେ ଏହି ଅର୍ଥ ରାଷ୍ଟ୍ରୀୟ ପୃଷ୍ଠପୋଷଣରେ ସୀମାପାର ଆତଙ୍କବାଦକୁ ଅର୍ଥଯୋଗାଣ କରିବା ପାଇଁ ଅପବ୍ୟବହାର ହୋଇପାରେ। ଏହି କାରଣରୁ ଭାରତ ଆଇଏମଏଫର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାକିସ୍ତାନକୁ ଋଣ ଅନୁମୋଦନ ପାଇଁ ହୋଇଥିବା ଭୋଟିଂରୁ ନିଜକୁ ଦୂରେଇ ରଖିଛି। ଏନେଇ ଭାରତର ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଭାରତ ପାକିସ୍ତାନର ପୂର୍ବତନ ଆଇଏମଏଫ କାର୍ଯ୍ୟକ୍ରମର ଦୁର୍ବଳ ରେକର୍ଡ ଓ ଋଣ ଅର୍ଥର ରାଷ୍ଟ୍ରୀୟ ପୃଷ୍ଠପୋଷଣରେ ସୀମାପାର ଆତଙ୍କବାଦ ପାଇଁ ଅପବ୍ୟବହାର ହେବାର ସମ୍ଭାବନା ଉପରେ ଗୁରୁତର ଚିନ୍ତା ପ୍ରକାଶ କରିଛି। ଭାରତ ଆହୁରି ମଧ୍ୟ ଉଲ୍ଲେଖ କରିଛି ଯେ, ସୀମାପାର ଆତଙ୍କବାଦର ପୃଷ୍ଠପୋଷଣକୁ ପୁରସ୍କୃତ କରାଯିବା ବିଶ୍ୱ ସମୁଦାୟ ପାଇଁ ଏକ ବିପଜ୍ଜନକ ବାର୍ତ୍ତା ପ୍ରେରଣ କରେ, ଭାରତର ଏହି ଚିନ୍ତା ଅନେକ ସଦସ୍ୟ ଦେଶ ମଧ୍ୟରେ ସମର୍ଥନ ପାଇଥିଲେ ମଧ୍ୟ, ଆଇଏମଏଫର ପ୍ରତିକ୍ରିୟା ପ୍ରକ୍ରିୟାଗତ ଏବଂ ବୈଷୟିକ ଔପଚାରିକତା ଦ୍ୱାରା ସୀମିତ ରହିଛି।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳାଙ୍କ ସୂଚନା

# ସପ୍ତାହେ ପରେ ଆରମ୍ଭ ହେବ ଆଇପିଏଲ୍

**ନୂଆଦିଲ୍ଲୀ,୯।୫:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତୁରନ୍ତ ପ୍ରଭାବରେ ଚଳିତ ଆଇପିଏଲ ୨୦୨୫ର ବାକି ମ୍ୟାଚ ଗୁଡ଼ିକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି ଯେ ବର୍ତ୍ତମାନ ଆଇପିଏଲ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ଅଛି। ପରେ, ପରିସ୍ଥିତି ଦେଖିବା ଏବଂ ଆଲୋଚନା କରିବା ପରେ, ଆମେ ବାକି ମ୍ୟାଚ ଗୁଡ଼ିକୁ କିପରି ପରିଚାଳନା କରିବୁ ତାହା ନିଷ୍ପତ୍ତି ନେବୁ। ସେନା ପାଇଁ ଆମେ ଗର୍ବିତ, ବିସିସିଆଇ ସେନା ଏବଂ ସରକାରଙ୍କ ସହିତ ଛିଡ଼ା ହୋଇଛି।

ଏହି ସମୟରେ ରାଜୀବ ଶୁକ୍ଳାଙ୍କୁ ପଚରାଯାଇଥିଲା ଯେ ମ୍ୟାଚ ଭାରତରେ ହେବ ନା ବିଦେଶରେ? ଏହି ପ୍ରଶ୍ନରେ ସେ କହିଥିଲେ, 'ଆମେ ସମସ୍ତଙ୍କ ସହ କଥା ହେବୁ ଏବଂ ମ୍ୟାଚ କିପରି ଆୟୋଜନ କରାଯିବ ତାହା ନିଷ୍ପତ୍ତି ନେବୁ।' ବିଦେଶୀ



ଖେଳାଳିମାନେ ଏଠାରେ ଗୋଟିଏ ସପ୍ତାହ ରହିବାକୁ ଚାହାଁନ୍ତି ନା ନିଜ ଦେଶକୁ ଫେରିବାକୁ ଚାହାଁନ୍ତି ତାହା ନିଜେ ନିଷ୍ପତ୍ତି ନେବେ। କ୍ରମାଗତ ଭାବରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ, କମିଟି ଆଇପିଏଲକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଆଇପିଏଲ ହେବ କି ନାହିଁ ତାହା ନିଷ୍ପତ୍ତି ଗଭର୍ଣ୍ଣିଂ କାଉନସିଲ ନେବ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବିସିସିଆଇ ଦେଶ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି।

ବୋର୍ଡ କହିଛି ଯେ ଆମେ ଭାରତ ସରକାର, ସଶସ୍ତ୍ର ବାହିନୀ ଏବଂ ଆମ ଦେଶର ଲୋକଙ୍କ ସହିତ ଆମର ଏକତା ପ୍ରକାଶ କରୁଛୁ। ବୋର୍ଡ ଆମର ସଶସ୍ତ୍ର ବାହିନୀର ସାହସ, ଧୈର୍ଯ୍ୟ ଏବଂ ସେବାକୁ ସଲାମ କରେ। ସେ ଅପରେଶନ ସିନ୍ଦୂର ମାଧମରେ ସମ୍ପ୍ରତି ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେଇଥିଲେ। ଯେଉଁଥିରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା।

# ଜଗତଜ୍ୟୋତିଙ୍କୁ ପ୍ରଥମ ସିଏସ୍ ଟ୍ରଫି

ଭୁବନେଶ୍ୱର, ୯।୫: ଓଡ଼ିଶାର ଜଗତଜ୍ୟୋତି ପତି ନିଜ ଖେଳ ଜୀବନର ପ୍ରଥମ ବଡ଼ ଟ୍ରଫି ଜିତିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଟା ସିଏସ୍୭ର ୧୬ ବର୍ଷରୁ କମ୍ ବାଳକ ବର୍ଗରେ ଡବଲ୍ସ ଟ୍ରଫି ହାସଲ କରିଛନ୍ତି। ଦିଲ୍ଲୀର ତନୀଶ ବିନ୍ଦାଲଙ୍କୁ ସାଥି କରି ସେ ଖେଳିଥିବା ବାଳକ ଯୁଗଳ ବର୍ଗର ଫାଇନାଲ୍‌ରେ ୯-୭ରେ ଅନ୍ୟତମ ଦିଲ୍ଲୀ ଯୋଡ଼ି ପ୍ରାକୁଳ ପ୍ରସାଦ ଓ ଅଭୟ ନୈନାଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ଜଗତଜ୍ୟୋତି ଏକକ ବର୍ଗର କ୍ୱାର୍ଟରଫାଇନାଲ୍‌ରେ ନିଜ ଯୁଗଳ ସାଥି ତନୀଶ ବିନ୍ଦାଲଙ୍କଠାରୁ ୬-୪, ୪-୬, ୭-୧୦ରେ ହାରିଯାଇଥିଲେ। ବର୍ତ୍ତମାନ ଜଗତଜ୍ୟୋତି ଆଇଟା ମାନ୍ୟତାର ୧୬ ବର୍ଷରୁ କମ୍ ଏକକ ବର୍ଗରେ ୨୮୦ ତମ ସ୍ଥାନରେ ରହି କ୍ରମେ ଉପରକୁ ଉଠୁଛନ୍ତି। କଟକ ସିଡିଏ ସେକ୍ଟର-୬ ଡିଏଭି ସ୍କୁଲ୍‌ରେ ଦଶମ ଶ୍ରେଣୀରେ ପଢ଼ୁଥିବା ଜଗତଜ୍ୟୋତି ହେଉଛନ୍ତି ଡିସିପି ଦମ୍ପତି ବିରଞ୍ଚି ନାରାୟଣ ପତି ଓ ରେଣୁବାଳା ତ୍ରିପାଠୀଙ୍କ ପୁତ୍ର। ଓଡ଼ିଶାର ପୂର୍ବତନ ଏକ ନମ୍ବର ତଥା ଅଭିଜ୍ଞ ଗୁରୁ ସନ୍ତୋଷ କୁମାର ମଲ୍ଲିକଙ୍କଠାରୁ ସେ ପ୍ରଶିକ୍ଷଣ ନେଇ ନିଜକୁ ଶାଣିତ କରିଛନ୍ତି। ୧୫ ବର୍ଷୀୟ ଜଗତଙ୍କ ଉଚ୍ଚତା (୫ ଫୁଟ ୧୦ ଇଞ୍ଚ)



ତାଙ୍କୁ ଟେନିସ୍ କ୍ୟାରିୟର ଗଢ଼ିବାରେ ସହାୟକ ହେବ, ଆଗାମୀ ଦିନରେ ସେ ନିଶ୍ଚିତ ଭଲ ପ୍ରଦର୍ଶନ କରିବାର ବିଶ୍ୱାସ କରାଯାଉଛି' ବୋଲି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

# ଜାତୀୟ ଜିମ୍ନାଷ୍ଟିକ୍ସରେ ଓଡ଼ିଶା ଏଏମ୍‌ଏନ୍‌ଏସ୍ ଏଚ୍‌ପିସିର ସଫଳତା



**ଭୁବନେଶ୍ୱର, ୯।୫:** ନିକଟରେ ଶେଷ ହୋଇଥିବା ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର (ଏଚ୍‌ପିସି)ର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଓଡ଼ିଶା କନିଷ୍ଠ ଦଳର ପ୍ରତିନିଧିତ୍ୱ କରି ଆଜାଦ ଲସକର୍ ଦୁଇଟି କାଂସ୍ୟ ଏବଂ ବୀରୁ ଚନ୍ଦ୍ର ରାଓ ଗୋଟିଏ କାଂସ୍ୟ ଜିତିଥିଲେ। ଓଡ଼ିଶା ବରିଷ୍ଠ ଦଳ ପାଇଁ ପ୍ରୀତି ଝଙ୍ଗାର ରୌପ୍ୟ ପଦକ ଜିତିଥିଲେ। ଏହିଭଳି ଭାବେ ଓଡ଼ିଶାକୁ ଏହି ୩ ଜଣ ୪ ପଦକ ଦେଇଥିଲେ। ସର୍ଭିସେସ ସ୍ପୋର୍ଟସ କଂଟ୍ରୋଲ୍ ବୋର୍ଡ (ଏସ୍‌ଏସ୍‌ସିବି)ର ପ୍ରତିନିଧିତ୍ୱ କରି ତପନ ମହାନ୍ତି ଗୋଟିଏ ଲେଖାଏଁ ବ୍ୟକ୍ତିଗତ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଦଳଗତ ରୌପ୍ୟ ପଦକ ମଧ୍ୟ ହାସଲ କରିଥିଲେ। ରେଳବାଇ ପାଇଁ ଖେଳିଥିବା କରିସ୍ମା ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପ୍ରଣତି ନାୟକଙ୍କୁ ନେଇ ଦଳଗତ ରୌପ୍ୟ ହାସଲ କରିଛନ୍ତି। ଏହିଭଳି ଭାବେ ଏଚ୍‌ପିସିର ୬ ଜିମ୍ନାଷ୍ଟ୍ ୯ ପଦକ ଜିତି ଗୌରବ ବଢ଼ାଇଛନ୍ତି।

# ସେମିରେ ସୋହିନୀ, ଆହାନ

ଆଇଟିଏଫ୍ ଜେ୩୦ ବିଶ୍ୱ ଟୁର୍

ଭୁବନେଶ୍ୱର, ୯।୫ : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍‌ର ସେମିଫାଇନାଲ୍‌ରେ ଦୁଇ ଓଡ଼ିଆ ଝିଅ ଶୀର୍ଷ ମାନ୍ୟତାପ୍ରାପ୍ତ ସୋହିନୀ ମହାନ୍ତି ଏବଂ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆହାନ ନିଜ ନିଜ ସ୍ଥାନ ପକ୍କା କରିଛନ୍ତି। ବାଳିକା ଏକକ କ୍ୱାର୍ଟରଫାଇନାଲ୍‌ରେ ସୋହିନୀ ସିଧାସଳଖ ୬-୧, ୬-୪ ସେଟ୍‌ରେ ସ୍ୱନିକା ରୟଙ୍କୁ ଏବଂ ଆହାନ ୬-୩, ୬-୪ ସେଟ୍‌ରେ ଆହିଦା ସିଂହଙ୍କୁ ମାତ୍ ଦେଇଥିଲେ। ଓଡ଼ିଆ ଝିଅ ଅଭୀପ୍ସା ଦେହୁରୀ ଏବଂ ତାଙ୍କ କର୍ଣ୍ଣାଟକ ସାଥୀ ଶ୍ରୀନୀତି ବାଳିକା ଯୁଗଳ ଫାଇନାଲ୍‌ରେ ପହଞ୍ଚିଛନ୍ତି। ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୬-୦, ୬-୩ ସେଟ୍‌ରେ ମନ୍ଦାଗାଲା ପ୍ରିହ୍ନି ଓ ଆରାଧା ବର୍ମାଙ୍କୁ ହରାଇଥିଲେ। ଶୁକ୍ରବାର ଫାଇନାଲ୍‌ରେ ଏହି ଯୋଡ଼ି ଆଲିନା ଫରିଦ ଓ ଆଞ୍ଜେଲ ପଟେଲଙ୍କୁ ଭେଟିବେ। ଆଲିନା ଓ ଆଞ୍ଜେଲ ୬-୩, ୬-୧ ସେଟ୍‌ରେ ଅନନ୍ୟା ଜୈନ ଓ ଇନ୍‌ସିୟା ମୋୱାଲାଙ୍କୁ ପରାସ୍ତ କରିଥିଲେ।

ନୀଳାଚଳ ଟ୍ରଫି ଟ୍ୱେଣ୍ଟି-୨୦ କ୍ରିକେଟ୍

# ଅନ୍ତିମ ୪ରେ ରାଉରକେଲା, ରାଞ୍ଚି







ପୁରୀ, ୯।୫: ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଚାଲିଥିବା ନୀଳାଚଳ ଟ୍ରଫି ଟ୍ୱେଣ୍ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଗୁରୁବାର ରାଉରକେଲା ସ୍ପୋର୍ଟସ ଏକାଡେମି ଓ ରାଞ୍ଚି ମେକନ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ରାଉରକେଲା ଦଳ ୪୯ ରନ୍‌ରେ ପୁରୀ ପାୟୋନିୟରକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ବିଭାସ ସ' (୫୫ ରନ୍, ୩୬ ବଲ୍)ଙ୍କ ଅର୍ଦ୍ଧଶତକ ବଳରେ ୧୭୩ ରନ୍ କରିଥିଲା। ମହମ୍ମଦ ସୋଏବ୍ ଖାନ୍ ୪୬ (୩୫) ରନ୍‌ର ଉପଯୋଗୀ ପାଳି ଖେଳିଥିଲେ। ପାୟୋନିୟର ପକ୍ଷରୁ ଦୀନେଶ ସାହୁ (୩/୪୪) ବୋଲିଂ ସଫଳତା ପାଇଥିଲେ। ଜବାବରେ ପାୟୋନିୟର ୧୨୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ମୟଙ୍କ ପଟ୍ଟନାୟକ ୩୩ (୨୦), ରମଣ ରାଓ ୨୩ (୨୪) ରନ୍ କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସୋଏବ୍ ଖାନ୍‌ଙ୍କୁ ରାଜକୁମାର ସ୍ୱାଇଁ ମହାପାତ୍ର, ଶକ୍ତିପ୍ରସନ୍ନ ନାୟକ, ରାକେଶ ରାଉତରାୟ, ଦେବକାନ୍ତ ରାୟ ପ୍ରମୁଖ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ରାଞ୍ଚି ମେକନ୍ ୯ ୱିକେଟ୍‌ରେ କୋଲକାତା ନ୍ୟୁ ଷ୍ଟାର୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କୋଲକାତା ନ୍ୟୁ ଷ୍ଟାର୍ ୨୦ ଓଭରରେ ୮ ୱିକେଟ୍ ହରାଇ ୧୧୮ ରନ୍ କରିଥିଲା। ଅଭିଜିତ ମଣ୍ଡଳ ୪୮ (୩୭) ରନ୍ କରିଥିଲା ବେଳେ ସୁମିତ ସୌରଭ ୩ ଏବଂ ଅନୁପ ସିଂହ ୨ ୱିକେଟ୍ ନେଇଥିଲେ। ଜବାବରେ ରାଞ୍ଚି ମେକନ୍ ରାକେଶ (୬୮*, ୩୨ ବଲ୍)ଙ୍କ ଅର୍ଦ୍ଧଶତକ ଏବଂ ଯୁବରାଜ ସିଂହଙ୍କ ୩୨ (୨୬ ବଲ୍) ରନ୍ ବଳରେ ଗୋଟିଏ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରାକେଶ ଓ ସୁପର ସିକ୍ସର ଅଭିଜିତ୍‌ଙ୍କୁ ଡ. ଅର୍ଣ୍ଣବ ପଟ୍ଟନାୟକ ଓ ରାକେଶ ରାଉତରାୟ ପୁରସ୍କୃତ କରିଥିଲେ। ମ୍ୟାଚ୍‌ଦ୍ୱୟକୁ ପରିଚାଳନା କରିଥିଲେ ଓସିଏ ପ୍ୟାନେଲ୍ ଅମ୍ପାୟାର ଚନ୍ଦ୍ରମୋହନ ବରାଳ, ଦେବବ୍ରତ ଦାଶ ଓ ସମ୍ବିତ କୁମାର ରାଉତ। ଶୁକ୍ରବାର ପ୍ରଥମ ସେମିଫାଇନାଲ୍‌ରେ ଭୁବନେଶ୍ୱରର ବାପୁଜୀ ସ୍ପୋର୍ଟିଂ-ରାଞ୍ଚି ମେକନ ଏବଂ ଦ୍ୱିତୀୟରେ କଟକର ରାଇଜିଂ ଷ୍ଟୁଡେଣ୍ଟ-ରାଉରକେଲା ସ୍ପୋର୍ଟସ ଏକାଡେମି ମୁହାଁମୁହିଁ ହେବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରାକ୍ରମ...

ଅନ୍ୟପକ୍ଷରେ ଜମ୍ମୁ ବିମାନବନ୍ଦରର ସାଇରନ୍ ବାଜିବା ପରେ ଅଞ୍ଚଳରେ ଏକ ପ୍ରକାରର ଭୟର ପରିବେଶ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଲୋକମାନେ ଶୀଘ୍ର ସେମାନଙ୍କର ଦୋକାନ ବନ୍ଦ କରି ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରଜୌରୀ ଜିଲ୍ଲାର ସମସ୍ତ ଦୋକାନ ବନ୍ଦ କରିଦିଆଯାଇଛି । ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । ସାମରିକ ସୂତ୍ର ଅନୁଯାୟୀ, ପାକିସ୍ତାନ ସେନା ଦ୍ୱାରା ୧୦ରୁ ୧୨ ରାଉଣ୍ଡ ଗୁଳିବର୍ଷା କରାଯିବା ପରେ ପୁଞ୍ଚ ସେକ୍ଟରରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ନିୟନ୍ତ୍ରଣ ରେଖା ନିକଟରେ ଦୁଇଟି ତୋପ ସେଲ୍ ପଡ଼ିଥିବା ମଧ୍ୟ ନିଶ୍ଚିତ ହୋଇଛି । ଯଦିଓ ଏପର୍ଯ୍ୟନ୍ତ କୌଣସି ଧନ ଜୀବନ ହାନୀ ନେଇ ସୂଚନା ନାହିଁ ତଥାପି ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି । ନିରନ୍ତର ଗୁଳିବର୍ଷାକୁ ଦୃଷ୍ଟିରେ ରଖି ସେନା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି । ସୀମାନ୍ତ ଗ୍ରାମଗୁଡ଼ିକରେ ବଙ୍କରଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି ଏବଂ ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ଆଜି ପାକିସ୍ତାନ ପକ୍ଷରୁ ପଠାନକୋଟରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ପାକିସ୍ତାନ ଆକ୍ରମଣର ଭାରତୀୟ ସେନା କଡ଼ା ଜବାବ ଦେଉଛି। ପଠାନକୋଟ ପୂର୍ବରୁ ଉରିରେ ପାକିସ୍ତାନ ପଟୁ ପୁଣି ଗୁଳିବର୍ଷା ମଧ୍ୟ ଜାରି ରହିଛି। ରାତି ବଢ଼ିବା ସହ ପାକିସ୍ତାନ ପକ୍ଷରୁ ପୁଣି ଥରେ ଜମ୍ମୁ ଓ କଶ୍ମୀର ଓ ଅନ୍ତର୍ଜାତୀୟ ସୀମାରେ ଥିବା ଅନ୍ୟାନ୍ୟ ରାଜ୍ୟ ଯଥା ପଞ୍ଜାବ, ଗୁଜରାଟ ଓ ରାଜସ୍ଥାନରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଓ ରକେଟ ଆକ୍ରମଣ ଆରମ୍ଭ ହୋଇଛି । କିନ୍ତୁ ଭାରତୀୟ ସେନାବାହିନୀ ସତର୍କ ରହି ଏସବୁ ଆକ୍ରମଣକୁ ବିଫଳ କରିଚାଲିଛି। ଭାରତର ମଜଭୁତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏସବୁ ଡ୍ରୋନ ଓ ରକେଟକୁ ଖସାଇଦେଇଛି।

ସେପଟେ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋସିଆଲ୍ ମିଡିଆରେ କହିଛନ୍ତି ଯେ ସେ ରହୁଥିବା ସ୍ଥାନରେ ଗୋଳା ବର୍ଷଣର ଶବ୍ଦ ଶୁଣାଯାଉଛି। ଏଥିସହ ସେ ରାଜ୍ୟର ଜନସାଧାରଣଙ୍କୁ ଘର ବାହାରକୁ ନ ଆସି ଭିତରେ ରହି ନିଜକୁ ସୁରକ୍ଷିତ ରଖିବା ସକାଶେ ନିବେଦନ କରିଛନ୍ତି। ସେହିପରି କେହି ବି କୌଣସି ପ୍ରକାର ଗୁଜବ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ, ଭିତ୍ତିହୀନ କିମ୍ବା ଅସମ୍ପୂର୍ଣ୍ଣ ସୂଚନାର ପ୍ରସାରଠାରୁ ସମସ୍ତେ ବିରତ ରହନ୍ତୁ ଏବଂ ଆମେ ସମସ୍ତେ ମିଳିମିଶି ପାକିସ୍ତାନର ମୁକାବିଲାରେ ସେନାବାହିନୀକୁ ସମ୍ପୂର୍ଣ୍ଣ ସହଯୋଗ କରିବା ବୋଲି ଓମାର୍ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଅନ୍ୟପକ୍ଷରେ ଯୁଦ୍ଧରେ ଟେରିଟୋରିଆଲ୍ ଆର୍ମିକୁ ସାମିଲ୍ କରିବା ସକାଶେ ସ୍ଥଳସେନା ମୁଖ୍ୟଙ୍କୁ ସରକାର କ୍ଷମତା ଦେଇଛନ୍ତି। ୩୨ଟି ବାଟାଲିଅନ୍‌ର ୧୪ଟି ଟେରିଟୋରିଆଲ୍ ଆର୍ମି ବାଟାଲିଆନ୍ ବିଭିନ୍ନ କମାଣ୍ଡରେ ମୁତୟନ ହେବେ।

## ସେନା...

ଅନେକ ସ୍ଥାନରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏଥିସହ ନିୟନ୍ତ୍ରଣ ରେଖାରେ ଆର୍ଟିଲେର ଆକ୍ରମଣ ମଧ୍ୟ କରିଥିଲା। ଭାରତୀୟ ସଶସ୍ତ୍ର ବଳ ଏହାର କଡ଼ା ଜବାବ ଦେଇଥିଲା। ଭାରତ ବୁଧବାର 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ-ଅଧିକୃତ କାଶ୍ମୀରରେ ଆତଙ୍କବାଦୀ କେନ୍ଦ୍ର ଓ ଲଞ୍ଚ ପ୍ୟାଡ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, 'ଆମର କାର୍ଯ୍ୟକଳାପ ସ୍ଥିର ଓ ଦୃଢ଼ ଥିଲା। କୌଣସି ପାକିସ୍ତାନୀ ସେନା କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଇନି। ଆତଙ୍କ କାର୍ଯ୍ୟସୂଚୀରେ ସୁବିଧାଗୁଡ଼ିକର ଭୂମିକାର ମୂଲ୍ୟାଙ୍କନ ଏବଂ ନାଗରିକ ଜୀବନ ସୁରକ୍ଷା ଆମର ପ୍ରାଥମିକତା ଥିଲା। ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତର ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳରେ ପ୍ରବଳ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ କରିଥିଲା। ଯାହାକୁ ସେନା ଦୃଢ଼ତାର ସହ ମୁକାବିଲା କରିଥିଲା। ଏହି ଅଞ୍ଚଳଗୁଡ଼ିକ ହେଲା ଅବନ୍ତିପୋରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମ୍ରିତସର, କପୁରତାଲା, ଜଳନ୍ଧର, ଲୁଧିଆନା, ଆଦାମପୁର, ବଟିଣ୍ଡା, ଚଣ୍ଡୀଗଡ଼, ନାଲ, ଫଲୋଦୀ, ଉତ୍ତରଲାଇ ଓ ଭୁଜ। ପାକିସ୍ତାନର ଏହି ଆକ୍ରମଣକୁ ଆଣ୍ଟି ଏୟାର ଡିଫେନ୍ସ ଦ୍ୱାରା ବିଫଳ କରାଯାଇଥିଲା। ପାକିସ୍ତାନର ଗୁଳିଗୋଳା ଆକ୍ରମଣରେ ଭାରତର ୧୬ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଲେଖାଏଁ ମହିଳା ଓ ଶିଶୁ ଅଛନ୍ତି। ତେଣୁ ପାକିସ୍ତାନର ଯେକୌଣସି ଆକ୍ରମଣର ମୁକାବିଲା ପାଇଁ ସେନା ପ୍ରସ୍ତୁତ ଥିବା ଉକ୍ତ ବୈଠକରେ କୁହାଯାଇଛି।

## ୪୦୦ ତୁର୍କୀ...

ପର୍ଦ୍ଦାଫାସ କରିବା ପାଇଁ ଫଟୋଗ୍ରାଫ୍ ଦେଖାଇବା ସହ ଆକ୍ରମଣ ସମୟରେ ପାକିସ୍ତାନ କିପରି ବେସାମରିକ ବିମାନକୁ ଢାଲ ଭାବେ ବ୍ୟବହାର କରିବାର ଲଜ୍ଜାଜନକ ପ୍ରୟାସ କରିଥିଲା ତାହା ସେ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ପକ୍ଷରୁ ୩୦୦ରୁ ୪୦୦ଟି ଡ୍ରୋନ୍ ବ୍ୟବହାର କରାଯାଇଥିଲା। କିନ୍ତୁ ଭାରତ ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ସିଂହଭାଗ ଡ୍ରୋନ୍‌କୁ ଖସାଇ ପାକିସ୍ତାନର ଉଦ୍ୟମକୁ ପଣ୍ଡ କରିଦେଇଥିବା କର୍ଣ୍ଣେଲ୍ ସୋଫିୟା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତ ଅନୁସାରେ ଏହି ଆକ୍ରମଣରେ ତୁର୍କୀରେ ନିର୍ମିତ ଏକ ଡ୍ରୋନ୍ ବ୍ୟବହାର କରାଯାଇଥିଲା। ଭାରତୀୟ ବାୟୁସେନା ତୁରନ୍ତ ଏହି ଆକ୍ରମଣର ଜବାବ ଦେବାକୁ ଯାଇ ପ୍ରତିଆକ୍ରମଣରେ ଡ୍ରୋନ୍‌ର ବ୍ୟବହାର କରିଥିଲ। ଏହି ଡ୍ରୋନ୍ ଆକ୍ରମଣ ପାକିସ୍ତାନର ନିରୀକ୍ଷଣ ରାଡାର ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଥିଲା। ଏହି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ସେନା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହା ପାକିସ୍ତାନର ସାମରିକ ଅଭିଯାନ ପାଇଁ ଏକ ବଡ଼ ବିପର୍ଯ୍ୟୟ ବୋଲି କର୍ଣ୍ଣେଲ୍ ସୋଫିୟା କହିଛନ୍ତି।

ତାଙ୍କ କହିବାନୁସାରେ, ପାକିସ୍ତାନ ତା'ର ବାୟୁସୀମା ବନ୍ଦ କରିନାହିଁ, ବରଂ ଏହାକୁ ଢାଲ ଭାବେ ବ୍ୟବହାର କରିଛି। ଯେତେବେଳେ ପାକିସ୍ତାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଥିଲା, ସେତେବେଳେ ଉକ୍ତ ଦେଶର ଦୁଇ ପ୍ରମୁଖ ସହର କରାଚୀ ଏବଂ ଲାହୋରରେ ଯାତ୍ରୀବାହୀ ବିମାନ ଉଡୁଥିଲା, ଯାହା ସାଧାରଣ ନାଗରିକଙ୍କ ଜୀବନକୁ ବିପଦଗ୍ରସ୍ତ କରିଥିଲା। ଏହା ଅନ୍ତର୍ଜାତୀୟ ବିମାନ ସମେତ ସମସ୍ତ ବିମାନରେ ଯାତ୍ରା କରୁଥିବା ନାଗରିକଙ୍କ ପାଇଁ ମଧ୍ୟ ବିପଦପୂର୍ଣ୍ଣ ଥିଲା। ସମଗ୍ର ଅପରେସନ୍ ସମୟରେ ଭାରତୀୟ ସୁରକ୍ଷା ବାହିନୀ ସଂଯମତା ଅବଲମ୍ବନ କରିଥିଲେ ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ସୀମିତ ପ୍ରତିଆକ୍ରମଣ କରାଯାଇଥିଲା। ଏହି ପ୍ରତିରକ୍ଷାମୂଳକ ଓ ସମ୍ବେଦନଶୀଳ ମନୋଭାବକୁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରଶଂସା କରାଯାଉଥିବା କର୍ଣ୍ଣେଲ୍ ସୋଫିୟା କହିଛନ୍ତି।

## ୨୪ ଘଣ୍ଟା...

ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ । ଆଜିର ସମୀକ୍ଷା ବୈଠକରେ ସେ ଦେଶରେ ଥିବା ଡାକ୍ତରଖାନା ଓ ସ୍ୱାସ୍ଥ୍ୟ ସୁବିଧା ସଂପର୍କରେ ସବିଶେଷ ତଥ୍ୟ ହାସଲ କରିଥିଲେ। ଏହାଛଡ଼ା ଜରୁରୀକାଳୀନ ପରିସ୍ଥିତିରେ କିପରି ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରି ହେବ ସେ ନେଇ ଆଲୋଚନା କରିଥିଲେ। ସମସ୍ତ ସ୍ୱାସ୍ଥ୍ୟ ସେବାକୁ ନିୟନ୍ତ୍ରଣ କକ୍ଷରୁ ତଦାରଖ କରାଯିବା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି।

ସମସ୍ତ ରାଜ୍ୟ ବିଶେଷ କରି ସୀମାନ୍ତ ରାଜ୍ୟଗୁଡିକରେ ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଓ କମାଣ୍ଡ ରୁମ୍ ଖୋଲଯାଇ ତଦାରଖ କରାଯିବ। ଔଷଧ, ମେଡିକାଲ ଯନ୍ତ୍ରପାତି ଓ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ସମସ୍ତ ଆପାତକାଳୀନ ସ୍ୱାସ୍ଥ୍ୟ ପ୍ରଣାଳୀ ଚାଲୁ ରଖିବା, ସମସ୍ତ ରାଜ୍ୟ ସରକାର ବିଶେଷ କରି ସୀମା ଅଞ୍ଚଳର ଜିଲ୍ଲା ସ୍ତରରେ, ପ୍ରଭାବଶାଳୀ ସମନ୍ୱୟକୁ ଆବଶ୍ୟକତାରେ ଜରୁରୀ ସ୍ୱାସ୍ଥ୍ୟ ସେବା ନିଶ୍ଚିତ କରିବାକୁ ଜୋର ଦେଇଥିଲେ। ହସ୍ପିଟାଲ ଓ ଚିକିତ୍ସା ସଂସ୍ଥାଗୁଡିକୁ ଆବଶ୍ୟକୀୟ ଔଷଧ, ଅକ୍ସିଜେନ, ଟ୍ରମା କିଟ୍ ଓ ରକ୍ତ ସଂଗ୍ରହର ପ୍ରାକୃତିକ ପ୍ରାପ୍ୟତା ନିଶ୍ଚିତ କରିବାକୁ ସୁପାରିସ କରାଯାଇଛି। ଏହାସହିତ ଭାରତ-ପାକିସ୍ତାନ ସୀମାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲ୍‌କୁ ଆଲର୍ଟ ରହିବାକୁ କୁହାଯିବା ସହ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି।

## ୧୫ ପର୍ଯ୍ୟନ୍ତ...

ଅମୃତସର, ଚଣ୍ଡିଗଡ଼, ଭୁଜ, ଜାମନଗର ଓ ରାଜକୋଟ୍‌ରୁ ଯାତାୟାତ କରୁଥିବା ସମସ୍ତ ବିମାନ ମେ ୧୫ ସକାଳ ୫ଟା ୨୯ ସୁଦ୍ଧା ବାତିଲ କରାଯାଉଛି। ଏହି ଟିକେଟ୍ ଉପରେ ରିସିଡ୍ୟୁଲିଂ କିମ୍ବା କ୍ୟାନ୍ସଲେସନର ଚାର୍ଜ ଲାଗିବ ନାହିଁ।

ଇଣ୍ଡିଗୋ ବି ଘୋଷଣା କରିଛି ଯେ, ଶ୍ରୀନଗର, ଜମ୍ମୁ, ଅମୃତସର, ଲେହ, ଚଣ୍ଡିଗଡ଼, ଧର୍ମଶାଳା, ବିକାନେର, ଯୋଧପୁର, କିଶନଗଡ଼ ଓ ରାଜକୋଟ୍‌ର ଉଡ଼ାଣ ମେ ୧୫ ସକାଳ ୫ଟା ୩୦ ପର୍ଯ୍ୟନ୍ତ ବାତିଲ କରାଯାଇଛି।

ସେହିପରି ଦିଲ୍ଲୀର ଆଇଜିଆଇ ବିମାନବନ୍ଦରର ଅଧିକାରୀ କହିଛନ୍ତି ଯେ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ଶୁକ୍ରବାର ସକାଳ ୫ଟାରୁ ଅପରାହ୍ନ ୨ଟା ମଧ୍ୟରେ ମୋଟ ୬୬ଟି ଘରୋଇ ବିମାନ ବାତିଲ କରାଯାଇଥିଲା ଏବଂ ଅନ୍ୟ ସ୍ଥାନରୁ ଆସୁଥିବା ୬୩ଟି ବିମାନ ମଧ୍ୟ ବାତିଲ କରାଯାଇଥିଲା। ଏହି ସମୟ ମଧ୍ୟରେ ବିଦେଶକୁ ଯାଉଥିବା ୫ଟି ଏବଂ ବିଦେଶରୁ ଭାରତକୁ ଆସୁଥିବା ୪ଟି ବିମାନ ମଧ୍ୟ ବାତିଲ କରାଯାଇଛି।

## କାଶ୍ମୀର...

ରକ୍ଷା କରିବାରେ ସାହାଯ୍ୟ କରିବେ। ଏହି ଦୁଇ ଡଜନ ସିଆରପିଏଫରେ ୨୪୦୦ ଯବାନ ସାମିଲ ଅଛନ୍ତି, ଯେଉଁମାନେ ଅନୁପ୍ରବେଶ ଓ ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହେବେ। ବୈଠକରେ ଶାହ୍ ବିଏସଏଫ୍ ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ୍)ର ଡାଇରେକ୍ଟର ଜେନରାଲ୍ (ଡିଜି)ମାନଙ୍କୁ ସତର୍କତା ବୃଦ୍ଧି କରିବାକୁ କହିଥିଲେ ବୋଲି ସୂଚନା ମିଳିଛି।

## ଭିଜନ...

ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ଏକ ଡ୍ରାଫ୍ଟ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞମାନଙ୍କ ପରାମର୍ଶ ପରେ ଚୂଡ଼ାନ୍ତ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ। ଆଜି ଏକ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହାପରେ ସମ୍ବଲପୁର, ବାଲେଶ୍ୱର ଓ ଜୟପୁରରେ ଆହୁରି ୩ଟି ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜିର ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ, ଜନପ୍ରତିନିଧି, ଶିଳ୍ପ ଓ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଯୋଗଦେଇ ନିଜ ନିଜର ଚିନ୍ତାଧାରା ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।

ସେ କହିଛନ୍ତି ଯେ ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରାଯାଇଛି। ଏହା ଏକ ରଣନୈତିକ ପଦକ୍ଷେପ ଯାହାର ନାମ '୩୬ ପାଇଁ ୩୬' ରହିଛି। ଏହି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧି ଯାତ୍ରାକୁ ତ୍ୱରାନ୍ୱିତ କରିବ। ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ପର୍ଯ୍ୟଟନ, ବିଜ୍ଞାନ ଓ ଗବେଷଣା, ଅଭିନବ ଚିନ୍ତାଧାରା, ମହିଳା ସଶକ୍ତିକରଣ, ଗ୍ରାମ ବିକାଶ, ଆଦିବାସୀ କଲ୍ୟାଣ, ଓଡିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରସାର ଆଦି ୩୬ଟି କ୍ଷେତ୍ରରେ ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପଦକ୍ଷେପ ନିଆଯିବ। ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ଡକ୍ୟୁମେଣ୍ଟ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ 'ଜନ ଭାଗିଦାରୀ'ରେ ରାଜ୍ୟର ଜନସାଧାରଣଙ୍କ ସହ ପ୍ରବାସୀ ଓଡ଼ିଆଙ୍କଠାରୁ ୩.୨ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ମିଳିଛି। ଏହାକୁ ଆଧାର କରି ଡକ୍ୟୁମେଣ୍ଟ ପ୍ରସ୍ତୁତି ହେବ। ଏଥିରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ କରାଯାଇଛି। ଫଳରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯେଉଁଠି ଜନସାଧାରଣଙ୍କ ତଥ୍ୟ ଓ ପରାମର୍ଶକୁ ବିଶ୍ଳେଷଣ କରାଯାଇ ଏଆଇ ସହଯୋଗରେ ଦସ୍ତାବିଜ ପ୍ରସ୍ତୁତ ହେଉଛି। ଏଥିସହ ବିଧାୟକ ଓ ସାଂସଦଙ୍କଠାରୁ ମଧ୍ୟ ସେମାନଙ୍କ ଅଭିଜ୍ଞତାସମ୍ପନ୍ନ ମତାମତ ଆହ୍ୱାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ଲକ୍ଷ୍ୟ ବିଷୟକୁ ନେଇ ଆମର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ପଡିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଦେଶ ଆତ୍ମନିର୍ଭର ଭାରତ ଦିଗରେ ଅଗ୍ରସର ହେଉଛି। ୨୦୩୬ରେ ଓଡ଼ିଶାରେ ମହିଳା ସଶକ୍ତିକରଣ କିପରି ହେବ, ସେନେଇ ସ୍ପଷ୍ଟ ଦିଗ ନିର୍ଦ୍ଧାରିତ ହୋଇଛି। ରାଜ୍ୟରେ ଅଦ୍ୟାବଧି ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଛନ୍ତି ବୋଲି ସେ କହିଛନ୍ତି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଲଣ୍ଡା...

ସବ୍ୟସାଚୀ ନାୟକ। ଏମାନେ ସମସ୍ତେ ବିଜେଡି ଅଫିସ ଦାୟିତ୍ୱରେ। ତେବେ ଅରୁଣଙ୍କ କଥା ଟିକେ ନିଆରା। ଅଫିସ ଦାୟିତ୍ୱ ବଦଳରେ ତାଙ୍କୁ ଓବିସି ସେଲ୍ ଦାୟିତ୍ୱ ମିଳିଛି। ଅର୍ଥାତ୍ ବିଜେଡିର ପଛୁଆବର୍ଗଙ୍କ କଥା ବୁଝିବେ ବିଧାୟକ ଅରୁଣ ସାହୁ।

ତେବେ ତିନି ଜଣଙ୍କୁ ଉପସଭାପତି ପଦ ମିଳିଥିଲେ ମଧ୍ୟ ନବୀନ ଏମାନଙ୍କ ତାଙ୍କ ରାଜନୈତିକ ବ୍ୟାପାର କମିଟି (ପିଏସି)ରେ ନେଇନାହାନ୍ତି। ଏମାନେ ଅଫିସ୍ ଜଗିବେ। ଓବିସି ସେଲ୍ କଥା ବୁଝିବେ। ହେଲେ ଦଳର କୌଣସି ରାଜନୈତିକ ନିଷ୍ପତ୍ତିରେ ଏମାନେ ମୁଣ୍ଡ ପୂରାଇପାରିବେ ନାହିଁ। ଦେବୀ, ଅତନୁ ଓ ଅରୁଣଙ୍କୁ ପିଏସିରୁ ଦୂରରେ ରଖି ନବୀନ ସେମାନଙ୍କ ଅପମାନିତ କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ତିନି ଜଣ ପୂର୍ବତନ ମନ୍ତ୍ରୀ କେବଳ ବରିଷ୍ଠ ନୁହନ୍ତି ଓଡ଼ିଶା ରାଜନୀତିର ଜଣେ ଜଣେ ଚାଣକ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଦେବୀ ମିଶ୍ର ପୁରୁଖା ନେତା ହୋଇଥିବା ବେଳେ ନବୀନଙ୍କ ଶତ୍ରୁ ବିଜୟ ମହାପାତ୍ରଙ୍କୁ ହରାଇଥିଲେ ଅତନୁ। ଅରୁଣଙ୍କ ନାମ ମଧ୍ୟ ଅପରାଜେୟ ତାଲିକାରେ ରହିଛି। ତେବେ ଏହି ତିନି ଜଣଙ୍କୁ ଲଣ୍ଡା କରିବା ପଛରେ କୁଆଡେ କ୍ରୀତଦାସ ଖୁର ଚଳାଇଦେଇଥିବା କର୍ମୀମାନେ ଆଲୋଚନା କରୁଛନ୍ତି। କାରଣ କିଛିଦିନ ବୁଡାମାରି ରହିବା ପରେ ହଠାତ୍ ଆସି ନବୀନଙ୍କ ପାଖଲୋକ ହୋଇଥିବା କ୍ରୀତଦାସ ନିଜର ସୁରକ୍ଷା ପାଇଁ ଏହି ତିନି ଜଣଙ୍କୁ ଲଣ୍ଡା କରିଛନ୍ତି। କାରଣ ଏମାନେ ଯଦି ପିଏସିରେ ରହି ପରାମର୍ଶ ଦେବେ, ତେବେ କ୍ରୀତଦାସଙ୍କ ଉର୍ବରିଆ ବୁଦ୍ଧି କାର୍ଯ୍ୟ କରିବ ନାହିଁ। ଏହାଛଡା ଏମାନେ ସମୟ ସୁବିଧା ଦେଖି ବିଜେଡି ବିପର୍ଯ୍ୟୟରେ କ୍ରୀତଦାସଙ୍କ ଭୂମିକା କିଭଳି ରହିଛି, ତା'ର ପୋଲ୍ ମଧ୍ୟ ଖୋଲିଦେବାର ସମ୍ଭାବନା ରହିଛି। ତେଣୁ କାଇଦା କରି ଦଳରେ ତିନି ବରିଷ୍ଠ ନେତାଙ୍କୁ ଲଣ୍ଡା କରିବା ପାଇଁ ଯେଉଁ ଗୋଟି ଚାଳନା ହୋଇଥିଲା ନବୀନ ଶେଷରେ ସେଥିରେ ମୋହର ମାରିଛନ୍ତି।

କେବଳ ଏହି ତିନି ଜଣ ଲଣ୍ଡା ହୋଇନାହାନ୍ତି, ବରିଷ୍ଠମାନେ ବି ଏକପ୍ରକାର ସଫା ହୋଇଯାଇଛନ୍ତି। ପୂର୍ବତନ ମନ୍ତ୍ରୀ ଶଶୀ ଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ବରିଷ୍ଠ ନେତା ଭୂପିନ୍ଦର ସିଂହଙ୍କ ରାଜନୈତିକ କ୍ୟାରିଅରରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ଟଣାଯାଇଛି। ଏବେ ସମସ୍ତଙ୍କ ଦୃଷ୍ଟି ଲଣ୍ଡା ହୋଇଥିବା ଏହି ତ୍ରିମୂର୍ତ୍ତି ଓ ସଫା ହୋଇଥିବା ବରିଷ୍ଠଙ୍କ ଉପରେ। ଅପମାନର ନିଆଁରେ ଜଳୁଥିବା ଏହି ନେତାମାନେ ଆଗକୁ କି ପଦକ୍ଷେପ ନେବେ, ତାହା ଉପରେ ଏବେ ବିଜେଡି କର୍ମୀମାନେ ତୀକ୍ଷ୍ଣ ନଜର ରଖିଛନ୍ତି।

# ବିପଦରେ ଗାଁ ଅର୍ଥନୀତିର ପ୍ରମୁଖ ଆଧାର ଗୋସମ୍ପଦ



**କାକଟପୁର/ଅସ୍ତରଙ୍ଗ, ୯।୫ (ସଂଚାର ବ୍ୟୁରୋ):** ଜବରଦଖଲରେ ଗୋଚର ଜମି। ଚାରଣ ଜମି ଅଭାବରୁ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଥିବା ଗାଁ ରେ ଗାଈ ଗୋରୁଙ୍କ ସଂଖ୍ୟା ହ୍ରାସ ଘଟୁଛି। ପୂର୍ବରୁ ଏହି ଗୋ ସମ୍ପଦ ଗାଁ ଅର୍ଥନୀତିକୁ ସୁଦୃଢ଼ କରୁଥିଲା। ଆଉ ଏବେ ଚାରଣ ଜମି ଅଭାବରୁ ଗୋ ସମ୍ପଦ ହ୍ରାସ ଦ୍ୱାରା

## ଗୋଚର ଜମି ଜବରଦଖଲ

ଗ୍ରାମ୍ୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ଏହି ପ୍ରସଙ୍ଗକୁ ନେଇ ବୁଦ୍ଧିଜୀବୀମାନେ ବାରମ୍ବାର ପ୍ରଶାସନ ଆଗରେ ଉପସ୍ଥାପନ କରି ଆସୁଥିଲେ ମଧ୍ୟ ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ଓ ଅଭିଜ୍ଞ ସାମ୍ବାଦିକ ବିଜୟ ବେହେରା।

ପୂର୍ବରୁ ଗାଁର ଅଧିକାଂଶ ପରିବାର ଗାଈ ଗୋରୁ ପାଳୁଥିଲେ। ପ୍ରତିଦିନ ଗାଈଗୋରୁଙ୍କୁ ଫିଟାଇ ଚରାଇବାକୁ ନେଉଥିଲେ। ପ୍ରତି ଗାଁ କୋଠରୁ ଜଣେ ଜଣେ ଯାଉଥିଲେ ଜଗିବାକୁ। ସଞ୍ଜ ନଇଁବା ପୂର୍ବରୁ ଗାଈ ଗୋଠ ନେଇ ଗାଁକୁ ଫେରୁଥିଲେ। ହେଲେ ଏବେ ଆଉ ଗାଈ ଗୋଠ ଦେଖିବାକୁ ମିଳୁନି। ଗାଈର ଦୁଗ୍ଧ, ଗୋବର, ମୂତ୍ର ଆଦି ଔଷଧୀୟ ଗୁଣରେ ଭରପୁର। ଏହା ସହ ଗୋ ମୂତ୍ରରୁ ଫିନାଇଲ, ପଞ୍ଚଗବ୍ୟ ଭଳି ଔଷଧ ପ୍ରସ୍ତୁତ ଓ ବିକ୍ରି କରା କରି ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ଚେଷ୍ଟା କରୁଛନ୍ତି।

ଏହା ପୂର୍ବରୁ ଗୋବର ଖତ, ଗୋ ମୂତ୍ର, ଘଷି, ଦୁଗ୍ଧ, ଦହି, ଘିଅ ଆଦି ପ୍ରସ୍ତୁତି ଓ ବିକ୍ରିକରି ଦ୍ୱାରା ଗାଁ ଅର୍ଥନୀତି ସୁଦୃଢ଼ ହେଉଥିଲା। ଚାଷ ଓ ଚାଷୀଙ୍କର ଆର୍ଥିକ ଅଭିବୃଦ୍ଧିରେ କାରଣ ପାଲଟିଥିବା ଗୋ ସମ୍ପଦ ଏବେ କିଛୁ ଗୋଚର ଜମି ଜବର ଦଖଲ ଯୋଗୁଁ ଅସ୍ତିତ୍ୱ ସଙ୍କଟରେ ପଡ଼ିଛି। ଗୋପାଳକ ଏବେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ନିର୍ଯାତିତ ହେଉଛି। ଗୋ ସୁରକ୍ଷା ପାଇଁ ସରକାର ଗୋଚର ଜମିରୁ ଜବରଦଖଲ ହଟାଇବା ସହ ଏହାରି ଆଧାରରେ ଗାଁ ଅର୍ଥନୀତିକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଉଛନ୍ତି। ଅପରପକ୍ଷରେ ଗ୍ରାମାଞ୍ଚଳରେ ଗୋଚର ଜମିକୁ ଜବରଦଖଲ ମୁକ୍ତ କରି ଚାରଣଭୂମି ସୃଷ୍ଟି ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବୀ ହୋଇଛି।

ବିକାଶମଞ୍ଚର ଦାବିକୁ ୬ ବର୍ଷ ପୁରିଲା

# ବେତନଟୀକୁ ମିଳିଲାନି ଉପଖଣ୍ଡ ମାନ୍ୟତା

**ବୈଶିଙ୍ଗା, ୯।୫ (ସଂଚାର ବ୍ୟୁରୋ) :** ବେତନଟୀ, ବଡ଼ସାହି, ମୋରଡା ଓ ରସଗୋବିନ୍ଦ ପୁର ବ୍ଲକକୁ ନେଇ ଗଠିତ ହୋଇଥିଲା ବିକାଶ ମଞ୍ଚ। ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ସାଙ୍ଗକୁ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ୨୦୧୯ ମସିହାରେ ଗଠିତ ହୋଇଥିଲା ଅଣ ରାଜନୈତିକ ଅନୁଷ୍ଠାନ ବିକାଶ ମଞ୍ଚ। ୯ ଦଫା ଦାବି ନେଇ ଏହି ମଞ୍ଚ ଗଠିତ ହୋଇଥିଲେ ମଧ୍ୟ ବିଶେଷଭାବେ ବେତନଟୀକୁ ଉପଖଣ୍ଡ ମାନ୍ୟତା ଓ ବଡ଼ସାହି ଥାନା ଅଧୀନ ସାନକେରକେଲା ଓ ବୈଶିଙ୍ଗା ଥାନା ହରିପୁର ଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବିଶେଷଭାବେ ୨୦୧୯ ମସିହା ଅକ୍ଟୋବର ମାସ ୨୩ ତାରିଖରେ ବଡ଼ସାହି ବିଧାୟକଙ୍କ ସମେତ ୯ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ତତ୍କାଳୀନ ରାଜସ୍ୱ ସେକ୍ରେଟାରୀ, ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ତତ୍କାଳୀନ ରାଜସ୍ୱମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବାସହ ମୟୂରଭଞ୍ଜ ଜିଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହି ସ୍ମାରକ ପତ୍ରରେ ଉପଖଣ୍ଡ ନିମନ୍ତେ ଯେଉଁ ସବୁ ଦସ୍ତାବିଜର ଆବଶ୍ୟକ ତାହା ପ୍ରଦାନ କରାଯାଇଥିଲା। ଜନ ସଂଖ୍ୟା ଦୃଷ୍ଟିରୁ ବେତନଟୀକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନ କରାଯାଇଥିଲା। ତଥ୍ୟ ପ୍ରଦାନରେ କୌଣସି ତ୍ରୁଟି ନଥିଲେ ମଧ ବିଗତ ସରକାର ଉପଖଣ୍ଡ ମାନ୍ୟତା ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରିନଥିଲେ। ଉପଖଣ୍ଡ ନିମନ୍ତେ ବେତନଟୀ, ବଡ଼ସାହି, ମୋରଡା ଓ ରସଗୋବିନ୍ଦପୁର ବ୍ଲକରେ ମୋଟ ୯୦ଟି ପଞ୍ଚାୟତ ରହିଛି। ଏହି ବ୍ଲକ ମାନଙ୍କ ଅଧୀନରେ ୭୯୭ ଟି ଗ୍ରାମ ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ୫ ଲକ୍ଷ ହେବ। ଏହି ଚାରିଟି ବ୍ଲକରେ ୩୮ ୫ ଟି ପୋଷ୍ଟ ଅଫିସ,୯୭୦ଟି ବିଦ୍ୟାଳୟ ଓ ୨୨ ଟି ମହାବିଦ୍ୟାଳୟ ରହିଛି। ଚଉତିରିଶଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିବାବେଳେ ଚଉବନ ଟି ଆଶ୍ରମ ବିଦ୍ୟାଳୟ ରହିଛି। ଉପଖଣ୍ଡ ସ୍ତରୀୟ କୃଷି କାର୍ଯ୍ୟାଳୟ, ପୁଲିସ ଉପଖଣ୍ଡ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ, ପୂର୍ତ୍ତ ଓ ଗ୍ରାମ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ,ବନାଞ୍ଚଳ ଅଧିକାରୀ, ସୁବର୍ଣ୍ଣରେଖା ଡିଭିଜନ,ବିଚାର ବିଭାଗ ଅଦାଲତ ରହିଥିବାବେଳେ ଡାକ୍ତରଖାନାଟି ଉପଖଣ୍ଡ ମାନ୍ୟତା ପାଇନଥିବା ଜଣାଯାଇଛି। ଏତଦ ବ୍ୟତିତ ସବାଇଘାସ, ଆରଏମସି, ଆର ସି ଏମ ଏସ, ନବୋଦୟ ବିଦ୍ୟାଳୟ, ଚାରୋଟି ଆଦର୍ଶ ବିଦ୍ୟାଳୟ ରହିଛି। ବର୍ତ୍ତମାନର ସରକାର ବିକାଶମଞ୍ଚର ଏହି ଯଥାର୍ଥ ଦାବିକୁ ପୂରଣ କରିବା ନିମନ୍ତେ ମଞ୍ଚର କର୍ମକର୍ତ୍ତାମାନେନ ଦାବି କରିଛନ୍ତି।

# ପ୍ରାଣାନ୍ତକ ଆକ୍ରମଣ କରି ଲୁଟ ଉଦ୍ୟମ ମାମଲା, ଜେଲଗଲେ ୩ ଅଭିଯୁକ୍ତ



**ବାଲିଅନ୍ତା, ୯।୫ (ସଂଚାର ବ୍ୟୁରୋ) :** ଆଜି ବାଲିଅନ୍ତା ଥାନା ପୁଲିସ ଆକ୍ରମଣ କରି ଲୁଟ ଉଦ୍ୟମ ମାମଲାରେ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକମାନେ ହେଲେ ପ୍ରତାପ ରୁଦ୍ରପୁର ପଞ୍ଚାୟତ ଅଧୀନ ପାରି ବାସୁଦେଈପୁର ଭୋଇ ସାହିର ଯୋଗେଶ୍ୱର ଭୋଇ ଓରଫ ଜଗା (୨୭), ବୃନ୍ଦାବନ ଭୋଇ (୨୫) ଏବଂ ବଳରାମ ଭୋଇ (୨୫) । ତେବେ କୋର୍ଟରେ ସେମାନଙ୍କ ଜାମିନ ଖାରଜ ହୋଇଯିବାରୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୁଲିସ ଘଟଣାରେ ବ୍ୟବହୃତ ବାଇକ ସମେତ ଲୁହା ପାଇପ ଏବଂ ଭୁଜାଲି ଜବତ କରିଛି । ଅଭିଯୋଗ ଅନୁସାରେ ମୁରଲି ଏକ ଘରୋଇ ସଂସ୍ଥାରେ ଭୁବନେଶ୍ୱରରେ କାମ କରନ୍ତି । ଗତ ୬ ତାରିଖ ରାତି ସାଢେ ୧୦ଟା ସମୟରେ ବାଇକରେ ସାଙ୍ଗ ଜଗନ୍ନାଥ ଖଟୁଆ ସହିତ ଘରକୁ ଫେରୁଥିଲେ । ପାରିବାସୁଦେଈପୁର ବନ ବିହାରୀ ପୀଠ ନିଛାଟିଆ ରାସ୍ତାରେ ଅଟକାଇ ଲୁହା ପାଇପରେ ମାଡ଼ ମାରିବା ସହ ବେକରେ ଭୁଜାଲି ଲଗାଇ ଟଙ୍କା ଏବଂ ମୋବାଇଲ ଫୋନ ଛଡାଇ ନେବାକୁ ଉଦ୍ୟମ କରିଥିଲେ । ତେବେ ସେହି ସମୟରେ ଗ୍ରାମର ଅନ୍ୟ ଜଣେ ଯୁବକ ବାଇକରେ ଫେରୁଥିଲେ । ଗାଡି ଲାଇଟ ଦେଖି ଉପରୋକ୍ତ ଯୁବକମାନେ ଦୌଡ଼ି ପଳାଇ ଥିଲେ । ତେବେ ମୁରଲି ଅଭିଯୁକ୍ତ ଯୁବକ ମାନଙ୍କୁ ଚିହ୍ନି ପକାଇ ଥିଲେ । ସ୍ଥାନୀୟ ଲୋକେ ମୁରଲି ଏବଂ ତାଙ୍କ ସାଙ୍ଗ ଜଗନ୍ନାଥଙ୍କୁ ଚିକିତ୍ସା ନେଇ ଅଡ଼ସପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ । ମୁରଲିଙ୍କ ଅଭିଯୋଗକୁ ଭିତ୍ତିକରି ବାଲିଅନ୍ତା ପୁଲିସ ଯୋଗେଶ୍ୱର, ବୃନ୍ଦାବନ ଏବଂ ବଳରାମକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ।

# ଚଉଷଠୀ ଯୋଗିନୀ ପୀଠ ହୁଣ୍ଡିରୁ ଟଙ୍କା ଲୁଟ

**ବାଲିଅନ୍ତା, ୯।୫ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ଅଧୀନ ହୀରାପୁର ସ୍ଥିତ ପ୍ରସିଦ୍ଧ ଚଉଷଠୀ ଯୋଗିନୀ ପୀଠ ପରିସର ସଙ୍କଟେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ଥିବା କଂକ୍ରିଟ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ସବୁତକ ଦାନ ଟଙ୍କା ଲୁଟି ନେଇଛନ୍ତି। କଂକ୍ରିଟ ହୁଣ୍ଡି ଶାବଳରେ ଭଙ୍ଗାଯାଇଛି। ଏସଂପର୍କରେ ଆଜି ପୂର୍ବାହ୍ନରେ ମହାମାୟା ପୀଠ ମୁଖ୍ୟଟ୍ରଷ୍ଟି ତ୍ରିନ୍ନାଥ ପରିଡ଼ା ବାଳକାଟି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବାଳକାଟି ଫାଣ୍ଡି ପୁଲିସ ତଦନ୍ତ କରିଥିଲେ ହେଁ ଲୁଟେରାଙ୍କୁ ଠାବ କରିପାରିନି। ଟ୍ରଷ୍ଟର ଅଭିଯୋଗ ଅନୁସାରେ ପ୍ରତିଦିନ ସଂଧ୍ୟା ୬ଟାରେ ମନ୍ଦିର ଗେଟରେ ତାଲାପଡ଼େ। ହେଲେ ଗ୍ରାମର କିଛି ଅସାମାଜିକ ଯୁବକ କିଛି ମାସ ହେବ ରାତିରେ ପ୍ରାଚୀର ଡେଇଁ ପୀଠ ପରିସରରେ ମଦ ଏବଂ ଗଞ୍ଜାର ଆସର ଜମାଉଛନ୍ତି। ହୁଣ୍ଡିରୁ ଟଙ୍କା ଲୁଟ ସେହିମାନଙ୍କ କାମ ବୋଲି ଏତଲାରେ ଟ୍ରଷ୍ଟ ଦର୍ଶାଇଛି।

# ବାଲିଢ଼ି ଗ୍ରାମରେ ମା' ସାହାଡ଼ା ସୁନ୍ଦରୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ




**ଜଗତସିଂହପୁର, ୯।୫ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡା ଗ୍ରାମ ପଞ୍ଚାୟତର ବାଲିଢ଼ି ଗ୍ରାମରେ ଗ୍ରାମଦେବତୀ ମା' ସାହାଡ଼ା ସୁନ୍ଦରୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଅଛି। ଏହି ମହୋତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବାନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏକାଦଶୀ ଦିବସର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା, ଯଜ୍ଞାରମ୍ଭ ଓ ଯଜ୍ଞ ମଣ୍ଡପରେ ସମସ୍ତ ଦେବାଦେବୀ ପୂଜନ ସହିତ ଦେବୀଙ୍କର ସ୍ନାନ ଓ ଶୟନ ପରେ ସାଂସ୍କୃତିକ ସନ୍ଧ୍ୟାରେ ସମାଜସେବୀ ଡ଼ଃ ସୁନାକର ବେହେରା ମଞ୍ଚ ସଂଚାଳନ କରିବାସହ ଆନ୍ତର୍ଜାତୀୟ ସ୍ତରରେ ଓଡିଶୀ ନୃତ୍ୟ ପରିବେଷଣ କରି ଖ୍ୟାତି ଆଣିଥିବା ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ କଟକ ର କଳାକାର ନୃତ୍ୟ ଶିଳ୍ପୀମାନେ ଉପସ୍ଥିତ ଶ୍ରଦ୍ଧାଳୁଭକ୍ତ ମାନଙ୍କୁ ମନକୁ ମୋହିତ କରିଥିଲେ। ଆଜି ଦ୍ୱିତୀୟ ଦିବସର ଦ୍ୱାଦଶୀ ତିଥିରେ ମା ଙ୍କର ପ୍ରଣାପ୍ରତିଷ୍ଠା ଚକ୍ଷୁଦାନ ହଜାର ହଜାର ଭକ୍ତ ଙ୍କ ଗହଣରେ ଯଜ୍ଞାଚାର୍ଯ୍ୟ ବ୍ରାହ୍ମଣ ମାନେ ସମ୍ପନ୍ନ କରିଥିଲେ। ସନ୍ଧ୍ୟାର ପ୍ରବଚନ ଜ୍ଞାନଗଙ୍ଗା କାର୍ଯ୍ୟକ୍ରମ ମଞ୍ଚରେ ବରେଣ୍ୟ ସନ୍ଥ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜ ମାଙ୍କୁ ସମର୍ପିତ ଆଶ୍ରିବଚନ ପ୍ରଦାନକରି ଭକ୍ତମାନଙ୍କ ହୃଦୟରେ ଅମୃତମୟ ଭକ୍ତିମୟ ଭାବ ସୃଷ୍ଟି କରିଥିଲେ।ଯଜ୍ଞକର୍ତ୍ତା ମନୋରଞ୍ଜନ ସାହୁ କର୍ତ୍ତୀ ମାମିନା ସାହୁ ଙ୍କ ସହିତ ଗ୍ରାମବାସୀଙ୍କ ମଧ୍ୟରେ ଗ୍ରାମମୁରବି ଶ୍ରୀଯୁକ୍ତ ରବିନାରାୟଣ ସାହୁ, ବିଷ୍ଣୁ ଚରଣ ସାହୁ, ବାବାଜୀ ଚରଣ ସାହୁ, ଭାସ୍କର ଦାସ, ରାମ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ସାହୁ, ସାଧୁ ଚରଣ ସାହୁ, ଉପେନ୍ଦ୍ର ସାହୁ, ନିରଞ୍ଜନ ଦାସ, ନଟବର ସାହୁ ଙ୍କ ସହିତ ଗ୍ରାମର ସମସ୍ତ ଯୁବକ ବନ୍ଧୁ ମାନେ ପୂର୍ଣ୍ଣ ସହଯୋଗ କରି ମାଙ୍କର ଏହି ଭବ୍ୟ ଦିବ୍ୟ ଉତ୍ସବକୁ ଅଧିକ ସରସ ସୁନ୍ଦର କରି ଗଢ଼ି ତୋଳିଥିଲେ।

# ନର୍ସମାନେ ଆଗ ଧାଡ଼ିର ସୈନିକ: ସୋଆ ଉପସଭାପତି




**ଭୁବନେଶ୍ୱର, ୯।୫ (ସଂଚାର ବ୍ୟୁରୋ) :** କୋଭିଡ ମହାମାରୀ ବିରୁଦ୍ଧରେ ହେଉ ଅଥବା ହସ୍ପିଟାଲରେ ରୋଗୀ ସେବା-ଏହି କାର୍ଯ୍ୟକୁ ଅକୁଣ୍ଠ ଚିତରେ ସମର୍ପଣ ଭାବ ରଖି ନର୍ସମାନେ ଆଗ ଧାଡ଼ିର ସୈନିକ ଭଳି କାର୍ଯ୍ୟ କରିଥାନ୍ତି। ସବୁ ପରିସ୍ଥିତିରେ ନର୍ସମାନେ ନିଜ ସୁଖସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ କାର୍ଯ୍ୟ କରି ଆସିଛନ୍ତି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଶୁକ୍ରବାର ଆୟୋଜିତ ଆନ୍ତର୍ଜାତିକ ସେବିକା ସପ୍ତାହ-୨୦୨୫ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କର ମହାନ ସେବା କାର୍ଯ୍ୟକୁ ସ୍ମରଣ କରିବା ନିମନ୍ତେ ତାଙ୍କ ଜନ୍ମ ଦିନକୁ ସାରା ବିଶ୍ୱରେ ଆନ୍ତର୍ଜାତିକ ସେବିକା ଦିବସ ଭାବେ ପାଳନ କରାଯାଉଥିବା ବେଳେ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସପ୍ତାହବ୍ୟାପୀ ଏହି ଉତ୍ସବ ପାଳନ କରାଯାଇଛି। ସେବିକାମାନଙ୍କୁ ସମାଜରେ ସେମାନଙ୍କ ଅବଦାନ ପାଇଁ ସମ୍ମାନ ଜଣାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀମତି ଦାସ କହିଛନ୍ତି।

ଏହି ଅବସରରେ କଟକ ସ୍ଥିତ ଏସ୍‌ସିବି ନର୍ସିଂ କଲେଜର ଅଧ୍ୟକ୍ଷା ଡକ୍ଟର ମମତା ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସେବିକାମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ। ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ଇନ୍‌ଚାର୍ଜ ପ୍ରଫେସର (ଡାକ୍ତର) ସୌମ୍ୟରଞ୍ଜନ ଦାଶ ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସମାନଙ୍କୁ ସମ୍ ହସ୍ପିଟାଲର ମେରୁଦଣ୍ଡ ବୋଲି କହିବା ସହ ସୀମାରେ ସୈନିକମାନେ ଦେଶକୁ ଜଗିବା ଭଳି ରୋଗୀମାନଙ୍କ ଜୀବନ ରକ୍ଷା ନିମନ୍ତେ ନର୍ସମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ।

ଏହି ଅବସରରେ ନର୍ସମାନେ ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ଶପଥ ଗ୍ରହଣ କରିଥିଲେ।



# ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ

**ନୀଳଗିରି, ୯।୫ (ସଂଚାର ବ୍ୟୁରୋ) :** ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୦ପ୍ରତିଶତ ନମ୍ବରରଖି ଏ- ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୧୪ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପରେ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ନୀଳଗିରି ନିର୍ବାଚନ ମଣ୍ଡଳୀ ବୁଦ୍ଧିଜୀବୀ ଉପଦେଷ୍ଟା କମିଟିର ସଭାପତି ଅବସରପ୍ରାପ୍ତ ବିଇଓ ରବୀନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀ, ଅଭିଭାବକ, ପ୍ରଧାନଶିକ୍ଷକ ମାନଙ୍କୁ ଉଦବୋଧନ ଦେଇ ନିଜ ଜୀବନର ଅନୁଭୂତି ଉପରେ ଦିକ୍ଷାନ୍ତ ମୂଳକ ଅଭିବ୍ୟକ୍ତି ରଖି ଆତ୍ମବିଶ୍ୱାସକୁ ଦ୍ୱିତୀୟ ସୁଯୋଗ ପର୍ଯ୍ୟନ୍ତ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପିଲାମାନଙ୍କୁ ଭଲମଣିଷ ହେବାପାଇଁ ପରାମର୍ଶ ଦେବାସହିତ ଏଭଳି କାର୍ଯ୍ୟକ୍ରମର ଉଦ୍ଘାଟା ମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ, ଔପଦା ଗୋଷ୍ଠୀଉନ୍ନୟନ ଅଧିକାରୀ ସୁଶ୍ରୀ ଶ୍ୱାସ୍‌ବତି ଶଢୁଆଳ, ଔପଦା ଗୋଷ୍ଠୀଶିକ୍ଷାଧିକାରୀ ନାରାୟଣ ପ୍ରସାଦ ଦାସ, ନୀଳଗିରି ଗୋଷ୍ଠୀଶିକ୍ଷାଧିକାରୀ ଭୀମସେନ ବିଶ୍ୱାଳ ଯୋଗଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ। ଔପଦା ବ୍ଲକରୁ ୩ଜଣ, ବାହାନଗା ବ୍ଲକରୁ ୨ଜଣ ଏବଂ ନୀଳଗିରି ବ୍ଲକରୁ ୯ଜଣ ମୋଟ ୧୪ଜଣ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ ଓ ପ୍ରଧାନଶିକ୍ଷକ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କମିଟିର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ମାନେ ହେଲେ କୈଳାସ ଚନ୍ଦ୍ର ହାଇସ୍କୁଲର କାବେରୀ ବେହେରା, ଜୟପ୍ରକାଶ ବେହେରା, ମଧୁସ୍ମିତା ନାୟକ, ଜୀବନଜ୍ୟୋତି ଦାସ, ସ୍ମୃତିଲିପ୍ସା ସାହୁ, କୈବଲ୍ୟପ୍ରୀତମ୍ ବେହେରା, ଅଯୋଧ୍ୟା ମାରିଚି ବିଦ୍ୟାମନ୍ଦିରର ଭାଗ୍ୟଜ୍ୟୋତି ବାରିକ, ମିତ୍ରପୁର ସରକାରୀ ହାଇସ୍କୁଲର ନବନୀତ ପ୍ରଧାନ, ଔପଦା ବ୍ଲକ କରୁର ହାଇସ୍କୁଲର ବର୍ଷା ପଣ୍ଡା, ଫତେପୁର ହାଇସ୍କୁଲର ସିମନ ପୃଷ୍ଟି, ଆଉଥାର ପୁର ହାଇସ୍କୁଲର ଅନୁରାଧା ସ୍ୱାଇଁ, ଏବଂ ବାହାନଗା ବ୍ଲକ ଖନ୍ତାପଡ଼ା ହାଇସ୍କୁଲର ମନସ୍ୱିନୀ ପଣ୍ଡା, ଭାଗ୍ୟଶ୍ରୀ ପଣ୍ଡା।

# ଚିଲିକା ନିର୍ବାଚନମଣ୍ଡଳୀରେ ବିଜେପିର ମିଶ୍ରଣ ପର୍ବ



**ଖୋର୍ଦ୍ଧା, ୯।୫ (ସଂଚାର ବ୍ୟୁରୋ) :** ଆଜି ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଚୁଣୀ ସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭେଟେଶ୍ୱର ଗ୍ରା:ପ ଅନ୍ତର୍ଗତ ଭାପୁର ଗ୍ରାମର ବିଜେଡ଼ି କର୍ମୀ ମାନେ ବିଜୁ ଜନତା ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ତଥା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଓ ମାର୍ଗଦର୍ଶନ ଏବଂ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବିକାଶ ମୂଳକ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ୍ ହେଲେ। ଦଳରେ ସାମିଲ ହୋଇଥିବା ନୂତନ କାର୍ଯ୍ୟକର୍ତ୍ତା ମାନଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦଳୀୟ ଉତ୍ତରୀୟ ପିନ୍ଧାଇ ଭାଜପା ପରିବାରକୁ ସ୍ୱାଗତ କରିବା ସହ ଏହି ମିଶ୍ରଣ ପର୍ବ ଭେଟେଶ୍ୱର ଗ୍ରା:ପରେ ଆମ ଦଳକୁ ନିଶ୍ଚିତ ତୃଣମୂଳ ସ୍ତରରେ ସୁଦୃଢ଼ କରିବ ବୋଲି ମତପ୍ରକାଶ କରିଥିଲେ।

ଏହି ମିଶ୍ରଣ ପର୍ବ ଅବସରରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ,ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା,ଭେଟେଶ୍ୱର ଗ୍ରା:ପ ର ସରପଞ୍ଚ ସାବିତ୍ରୀ ଭୋଳ, ଗାଲୁଆ ଗ୍ରା:ପର ସରପଞ୍ଚ ସୁରେଶ ଚନ୍ଦ୍ର ବାରିକି,ଭେଟେଶ୍ୱର ଗ୍ରା:ପର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ତରଙ୍ଗ ବ୍ଲକରେ ଚାଲିଛି ଡ୍ରପଆଉଟ ସର୍ଭେ

➤ନିର୍ଦ୍ଧାରିତ ସମୟରେ ସରିବା ନେଇ ଆଶଙ୍କା ➤ପରିବାର ମୁଖ୍ୟ ଦେଉନାହାନ୍ତି ସଠିକ ତଥ୍ୟ



**କାକଟପୁର/ଅସ୍ତରଙ୍ଗ, ୯।୫ (ସଂଚାର ବ୍ୟୁରୋ) :** ମେ ପହିଲାରୁ ଆରମ୍ଭ ହୋଇଛି ଡ୍ରପ ଆଉଟ ସର୍ଭେ। ଶିକ୍ଷକ, ଶିକ୍ଷୟତ୍ରୀମାନେ ଘରକୁ ଘର ଯାଇ ସର୍ଭେ କରୁଛନ୍ତି। ସର୍ଭେ ଶେଷ ମେ ୭ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଆଉ ୨ ଦିନ ବଢ଼ାଇ ଦିଆଯାଇଛି। ସର୍ଭେ ସମୟରେ ଅନେକ ପ୍ରତିକୂଳ ପରିସ୍ଥିତି ସାମ୍ନା କରୁଛନ୍ତି ଶିକ୍ଷକ, ଶିକ୍ଷୟତ୍ରୀ।

ସରକାରଙ୍କୁ ଘାରିଛି ସ୍କୁଲ ଡ୍ରପ ଆଉଟ ଚିନ୍ତା। ବିଦ୍ୟାଳୟଠାରୁ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରାଯାଉଛି। ୧ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଚିହ୍ନଟ ପାଇଁ ଏହି ସର୍ଭେ କରାଯାଉଛି। ପ୍ରାଥମିକ, ଉଚ୍ଚ ମାଧମିକ ସ୍କୁଲକୁ କେଉଁ କାରଣରୁ ଛାତ୍ରଛାତ୍ରୀ ଯାଉ ନାହାନ୍ତି ତାର କାରଣ ସଂଗୃହିତ ତଥ୍ୟରୁ ଖୋଜାଯିବ। ଡ୍ରପ ଆଉଟ କମାଇବାକୁ ନେଇ ଅନେକ ଯୋଜନା କରାଯାଉଥିବା ବେଳେ ସ୍କୁଲକୁ ଯିବାକୁ ଅମଙ୍ଗ ହେଉଛନ୍ତି ଛାତ୍ରଛାତ୍ରୀ। ତେବେ କଣ ପାଇଁ ସ୍କୁଲକୁ ପିଲାମାନେ ଆସୁ ନାହାନ୍ତି ? ଅଧାରୁ ଛାଡୁଛନ୍ତି ପାଠପଢା ? ସେ ନେଇ ସର୍ଭେ ଗଣଶିକ୍ଷା ବିଭାଗ ତରଫରୁ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୧୨ଜଣ ସାଧନ ସଂଯୋଜକ କାର୍ଯ୍ୟର ନିରୀକ୍ଷଣ କରୁଥିବା ବେଳେ ୨୯୩ଜଣ ଶିକ୍ଷକ, ଶିକ୍ଷୟତ୍ରୀ ନିୟୋଜିତ ହୋଇ ସର୍ଭେ ତଥ୍ୟ ସଂଗ୍ରହ କରୁଛନ୍ତି ବୋଲି ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି।

# କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଘାଟିତ

ମୋଟ ପୁରସ୍କାର ରାଶି ୬୦ ଲକ୍ଷ

ଯୋଗଦେଲେ ୪୨ଟି ଦେଶର ୧୨୦୦ରୁ ଉର୍ଦ୍ଧ୍ୱ ଖେଳାଳି



**ଭୁବନେଶ୍ୱର, ୯।୫ (ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ଚେସ୍ ଫେଡେରେସନ (ଏଆଇସିଏଫ) ତତ୍ତ୍ୱାବଧାନରେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୧୬ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଭାରତୀୟ ଟେନିସ୍ ତାରକା ଲିଆଣ୍ଡର ପେସ୍ କହିଲେ, ଶିକ୍ଷା ଏବଂ କ୍ରୀଡ଼ା ଶିକ୍ଷା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଅନନ୍ୟ। କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ଅତି ଉତ୍କୃଷ୍ଟ। କ୍ରୀଡ଼ାରେ କିଟ୍ ଓ କିସ୍‌କୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ର କ୍ରୀଡ଼ାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ତାଙ୍କର ଦାୟିତ୍ୱ ବୋଲି ଲିଆଣ୍ଡର ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟତମ ଅତିଥି ମହାରାଷ୍ଟ୍ରର ପୁନେସ୍ଥିତ ଚେସ୍ ଇନ୍ ସ୍କୁଲ (ଫିଡେ)ର କମିଶନର ତଥା ଜିଏମ ଅଭିଜିତ କୁନ୍ତେ, ଶ୍ରୀ ସାମନ୍ତଙ୍କୁ ତାଙ୍କର ଦୃଷ୍ଟିକୋଣ ପାଇଁ ଧନ୍ୟବାଦ ଜଣାଇଥିଲେ। ଦୀର୍ଘ ୧୫ ବର୍ଷ ଧରି ନିରନ୍ତର ଏହି ଟୁର୍ଣ୍ଣାମେଣ୍ଟ କିଟ୍‌ରେ ଆୟୋଜନ କରାଯାଇଆସୁଥିବାରୁ ଶ୍ରୀ ସମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ଏଆଇସିଏଫର ପୂର୍ବତନ ଉପାଧ୍ୟକ୍ଷ ଭବେଶ ଭାଇ ପଟେଲ କହିଲେ, ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଅଧିକ ପାଣ୍ଠି, ବିପୁଳ ଭିତ୍ତିଭୂମି ସହ ଆୟୋଜକଙ୍କ ଏକ ବିଶାଳ ହୃଦୟ ରହିବା ଆବଶ୍ୟକ। ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କେବଳ ଓଡ଼ିଶାର ନୁହେଁ ଭାରତର ମଧ ଗର୍ବ ବୋଲି ସେ କହିଥିଲେ।

ସଭାପତିତ୍ୱ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଚେସରେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି। କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଏବଂ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଆସୁଛି। ଆଗାମୀ ବର୍ଷରେ ଏହାର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ।

୧୬ତମ କିଟ୍ ଆନ୍ତର୍ଜାତୀୟ ଚେସ୍ ମହୋତ୍ସବରେ ଭାରତ ସମେତ ୪୨ଟି ଦେଶର ଅନ୍ତର୍ଜାତୀୟ ଆର୍ବିଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡମାଷ୍ଟର ସମେତ ୧୨ଶହ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୋଟ ପୁରସ୍କାର ରାଶି ରହିଛି ୬୦ ଲକ୍ଷ। ଏହା ଭାରତରେ କୌଣସି ଚେସ୍ ଇଭେଣ୍ଟରେ ପ୍ରଦାନ କରାଯାଇଥିବା ଦ୍ୱିତୀୟ ସର୍ବାଧିକ ପୁରସ୍କାର ରାଶି। ମୋଟ ୪୩୬ଟି ପୁରସ୍କାର ତିନୋଟି ବର୍ଗରେ ବଣ୍ଟନ କରାଯିବ। 'ଏ' ବର୍ଗରେ ମୋଟ ୩୦ଲକ୍ଷ ଟଙ୍କା,୧୯୦୦ରୁ କମ୍ ରେଟେଡ୍ ଥିବା 'ବି' ବର୍ଗ ପାଇଁ ୧୫ଲକ୍ଷ ଏବଂ ୧୬୦୦ରୁ କମ୍ ରେଟେଡ୍ ଥିବା 'ସି' ବର୍ଗର ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଓଡ଼ିଶା ଚେସ୍ ଆସୋସିଏସନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଭାରତ-ପାକ୍ ଉତ୍ତେଜନା, ରାଜ୍ୟରେ ପ୍ରସ୍ତୁତି

**ଭୁବନେଶ୍ୱର,୯।୫:** ଆତଙ୍କବାଦୀଙ୍କ ଏକୁଡ଼ିଶାଳ ପାଲଟିଥିବା ପାକିସ୍ତାନ ଭାରତ ବିପକ୍ଷରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଏହାର ମୁକାବିଲା ପାଇଁ ଓଡ଼ିଶାରେ ବି ବିଭିନ୍ନ ସ୍ତରରେ ବ୍ୟାପକ ପ୍ରସ୍ତୁତି ହେଉଛି। ଏଥିଲାଗି ସାମରିକ, ଅର୍ଦ୍ଧସାମରିକ, ପୋଲିସ ଓ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାରର ସମ୍ଭାବ୍ୟ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡ଼ିଛି।

ଓଡ଼ିଶାରେ ଥିବା ବିଭିନ୍ନ ପ୍ରତିରକ୍ଷା ପ୍ରତିଷ୍ଠାନଗୁଡ଼ିକର ନିରାପତ୍ତା ଲାଗି ବ୍ୟାପକ ବନ୍ଦୋବସ୍ତ ହୋଇଛି। ଏଥିରେ ଯେଭଳି ସାମାନ୍ୟତମ ନିରାପତ୍ତା ତ୍ରୁଟି ନରୁହେ ତାହାକୁ ଆଖି ଆଗରେ ରଖି ବଲାଙ୍ଗୀର ଠାରୁ ବାଲେଶ୍ୱର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଖୋର୍ଦ୍ଧା ଆଦି ଜିଲ୍ଲାରେ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅବଶ୍ୟ ସେନା ବାହିନୀର ଏହା ନିୟମିତ ପଦକ୍ଷେପ ବୋଲି କୁହାଯାଉଛି।

ଓଡ଼ିଶାର ୪୮୦ କିମି ଦୈର୍ଘ୍ୟର ସାମୁଦ୍ରିକ ବେଳାଭୂମି ଥିବାରୁ ସାମୁଦ୍ରିକ ତଟର ସୁରକ୍ଷା ଲାଗି ସମୁଦ୍ର ଭିତରେ ଓ ଉପକୂଳର ସ୍ଥଳ ଭାଗରେ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। କେବଳ ସେତିକି ନୁହେଁ, ଅଣ ପ୍ରତିରକ୍ଷା ପ୍ରତିଷ୍ଠାନଗୁଡ଼ିକ ସମେତ ଜନବସତି ଅଞ୍ଚଳ ଯେଭଳି ନିରାପଦରେ ରହିପାରିବ ତାହା ଉପରେ ପ୍ରଶାସନ ଓ ପୋଲିସ ବିଶେଷ ଗୁରୁତ୍ୱାରୋପ କରୁଛନ୍ତି।



ଇତିମଧ୍ୟରେ ରାଜ୍ୟର ୧୨ଟି ଜିଲ୍ଲାରେ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ମକ୍‌ଡ୍ରିଲ୍ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ରାଜ୍ୟରେ ଥିବା ବନ୍ଦର, ବିମାନ ବନ୍ଦର, ଜଳ ଭଣ୍ଡାର, କଳକାରଖାନା ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ପ୍ରତିଷ୍ଠାନଗୁଡ଼ିକର ନିରାପତ୍ତା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରାଯାଉଛି। ଏହାଛଡ଼ା ଧର୍ମାନୁଷ୍ଠାନ ଓ କୀର୍ତ୍ତିରାଜି ଥିବା ସ୍ଥାନଗୁଡ଼ିକରେ ବି ନିରାପତ୍ତା ବ୍ୟବସ୍ଥା ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି ହେଉଛି। ଜନସାଧାରଣ ଆତଙ୍କିତ ନହୋଇ ଦେଶ ମାତୃକାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶୃଙ୍ଖଳା ଓ ସଂଯମ ରକ୍ଷା କରି ପୋଲିସ ଓ ପ୍ରଶାସନ କଳକୁ ସହଯୋଗ କରିବା ପାଇଁ ବି ବିଭିନ୍ନ ବୈଠକରେ ପରାମର୍ଶ ଦିଆଯାଉଛି। ସରକାରୀ ସଂସ୍ଥାର କ୍ଷେତ୍ର ଅଧିକାରୀମାନେ ଏ ଦିଗରେ ସଜାଗ ଦୃଷ୍ଟି ରଖୁଥିବାବେଳେ ପୋଲିସ ଓ ନିରାପତ୍ତା ରକ୍ଷୀମାନଙ୍କ ଦାୟିତ୍ୱ ବେଶ୍ ବଢ଼ିଯାଇଥିବା ଲକ୍ଷ୍ୟ କରାଯାଉଛି। ଏ ପରିପ୍ରେକ୍ଷୀରେ ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ ବ୍ୟାପକ କରାଯାଉଛି। ଅନେକ ସ୍ଥଳରେ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର ବୈଠକ ଆୟୋଜନ କରି ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନଙ୍କ ସହିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରୁଛନ୍ତି। ରେଞ୍ଜ ଡିଆଇଜିମାନଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ଏସ୍‌ପିଙ୍କ ସ୍ତରରେ ବିଭିନ୍ନ ଅଞ୍ଚଳରେ ଘନଘନ ବୈଠକମାନ ବସୁଛି। ରାଜ୍ୟ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ସମେତ ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ପରିସ୍ଥିତି ଉପରେ ନଜର ରଖିଛନ୍ତି। ବିଶେଷକରି ଖାଦ୍ୟ ଶସ୍ୟ ପରିବହନ ସମେତ ଗମନାଗମନରେ ଯେଭଳି ସମସ୍ୟା ନଉପୁଜେ ଏବଂ ବେଆଇନ୍ ମହଜୁଦକାରୀ ଓ ଅପମିଶ୍ରଣକାରୀମାନଙ୍କୁ ଦମନ କରାଯାଏ ସେ ଦିଗରେ ବି ଉଚ୍ଚ ପ୍ରଶାସନିକ ସ୍ତରରେ ଆଲୋଚନା ହେଉଛି। ଉପୁଜିଥିବା ପରିସ୍ଥିତିକୁ ସହଜରେ ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ଯେଉଁ ମାର୍ଗ ନିର୍ଦ୍ଦେଶିକା ଦେଉଛନ୍ତି ସେ ସବୁକୁ ଉଭୟ ସହର ଓ ଗ୍ରାମାଞ୍ଚଳରେ ଠିକଣା ଭାବେ ପ୍ରତିପାଳନ ଲାଗି ଦଳମତ ନିର୍ବିଶେଷରେ ଲୋକ ପ୍ରତିନିଧିଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ମଧ୍ୟ ଦାୟିତ୍ୱ ବଢ଼ିଯାଇଛି।(ତଥ୍ୟ)

● ବଢ଼ିଲା ପାରାଦୀପ ବନ୍ଦର ସୁରକ୍ଷା

## ଜାହାଜ ଉପରେ ନଜର, ପାଟ୍ରୋଲିଂ କଡ଼ାକଡ଼ି



**ପାରାଦୀପ,୯।୫(ସଂଚାର ବ୍ୟୁରୋ):** ପାରାଦୀପରେ ହାଇ ଆଲର୍ଟ। ବଢ଼ିଲା ପାରାଦ୍ୱୀପ ବନ୍ଦର ସୁରକ୍ଷା। ଉତ୍ତେଜନାକୁ ଦୃଷ୍ଟିରେ ରଖି ବଢ଼ିଲା ବନ୍ଦର ସୁରକ୍ଷା । ଏନେଇ ସୂଚନା ଦେଲେ ପାରାଦ୍ୱୀପ ପୋର୍ଟ ଅଧ୍ୟକ୍ଷ। ବନ୍ଦର ସୁରକ୍ଷା ସ୍ତର ୨କୁ ବୃଦ୍ଧି କରାଯାଇଛି । ସୁରକ୍ଷା ସ୍ତର ବୃଦ୍ଧି ସହ ସବୁ ଜାହାଜ ଉପରେ ନଜର ରଖାଯାଇଛି। ସୁରକ୍ଷା କର୍ମୀ ସଂଖ୍ୟା ବୃଦ୍ଧି କରାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ସେହିପରି ଭାରତ-ପାକିସ୍ତାନ ଉତ୍ତେଜନାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମ ଅଞ୍ଚଳ ବୁଲିବା ଉପରେ ରୋକ ଲଗାଯାଇଛି । ଆଜିଠାରୁ ପର୍ଯ୍ୟଟକଙ୍କୁ ହୀରାକୁଦ ଡ୍ୟାମ୍ ବୁଲିବା ମନା ହୋଇଛି । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଯବାନ ମୁତୟନ ହୋଇଛନ୍ତି । ସେପଟେ କେନ୍ଦ୍ରାପଡା ଜିଲ୍ଲାରେ ଥିବା ଲାଇଟ୍‌ହାଉସକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି ।

## ୩୮ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି , ୯।୫ (ସଂଚାର ବ୍ୟୁରୋ) :** ୩୮ ମାଓବାଦୀ ଆତ୍ମସମର୍ପଣ । ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରୀ କୋତ୍ତାଗୁଡେମ ଜିଲ୍ଲା ଏସପିଙ୍କ ନିକଟରେ ୩୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ଦୁଇ ଜଣ ପାର୍ଟି ମେମ୍ବର, ୧୬ ଜଣ ମିଲିସିଆ ମେମ୍ବର, ୭ ଜଣ ଭିସିଏମ୍‌ଏସ୍ ସଦସ୍ୟ,୬ଜଣ କେଏଏମ୍‌ଏସ୍ ସଦସ୍ୟ, ୩ ଜଣ ସିଏନ୍‌ଏମ୍ ସଦସ୍ୟ ଓ ୪ ଜଣ ଜିଆର୍‌ଡିଏସ୍ ସଦସ୍ୟ ରହିଛନ୍ତି । ଆତ୍ମସମର୍ପଣ ବେଳେ ମାଓ ସଂଗଠନରେ ମିଳିଥିବା ବନ୍ଧୁକ ସହ ଅସ୍ତ୍ରଶସ୍ତ୍ର ସବୁ ପୋଲିସ ପାଖରେ ହସ୍ତାନ୍ତର କରିଛନ୍ତି । ଆତ୍ମସମର୍ପଣ ପରେ ତେଲଙ୍ଗାନା ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବା ବୋଲି ଭଦ୍ରାଦ୍ରୀ କୋତ୍ତାଗୁଡେମ ଏସପି କହିଛନ୍ତି । ତେଲଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ସମସ୍ତ ୩୮ ଜଣ ମାଓବାଦୀ ଛତିଶଗଡ ବିଜାପୁର ଜିଲ୍ଲାର ବୋଲି ଜଣାପଡିଛି। ଛତିଶଗଡ ଅପେକ୍ଷା ତେଲଙ୍ଗାନା ରାଜ୍ୟ ସରକାରଙ୍କ ସରେଣ୍ଡର ପଲିସି ଭଲ ରହିଥିବା ହେତୁ ନିଜ ଅଞ୍ଚଳରୁ ଲୁଚି ଛପି ଯାଇ ତେଲେଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ତେବେ ଯେଉଁ ମାଧ୍ୟମରେ ହେଉ ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତରେ ଫେରିବାର ଆବଶ୍ୟକତା ରହିଛି ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି କହିଛନ୍ତି ।

## ହୀରାକୁଦ ଓ କେନ୍ଦ୍ରାପଡ଼ା ପର୍ଯ୍ୟଟକଙ୍କ ପାଇଁ ମନା

**ସମ୍ବଲପୁର/କେନ୍ଦ୍ରାପଡ଼ା,୯।୫(ସଂଚାର ବ୍ୟୁରୋ):** ସମ୍ବଲପୁର ହୀରାକୁଦରେ ବଢିଲା ସୁରକ୍ଷା ବ୍ୟବସ୍ଥା। ଭାରତ-ପାକିସ୍ତାନ ଉତ୍ତେଜନାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମ ଅଞ୍ଚଳ ବୁଲିବା ଉପରେ ରୋକ ଲଗାଯାଇଛି । ଆଜିଠାରୁ ପର୍ଯ୍ୟଟକଙ୍କୁ ହୀରାକୁଦ ଡ୍ୟାମ୍ ବୁଲିବା ମନା ହୋଇଛି । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଯବାନ ମୁତୟନ ହୋଇଛନ୍ତି। ସେପଟେ କେନ୍ଦ୍ରାପଡା ଜିଲାରେ ଥିବା ଲାଇଟ୍‌ହାଉସକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି।

## ଓଡ଼ିଆ ଛାତ୍ରଙ୍କ ପାଇଁ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଭାରତ-ପାକିସ୍ତାନ ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ଜମ୍ମୁରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଛି। ଏନେଇ ଓଡ଼ିଶା ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ଛାତ୍ରୀଛାତ୍ରଙ୍କ ପାଇଁ ଏହି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୭୪୨୮୧୩୫୦୪୪ ଓ ୦୧୧-୨୪୬୭୯୨୦୧ ନମ୍ବରରେ ଯୋଗାଯୋଗ କରିବାକୁ ପରିବାରବର୍ଗଙ୍କୁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି। ଏଥିସହିତ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଧିକାରୀଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତକାଲି ରାତିରେ ପାକିସ୍ତାନର ଡ୍ରୋନ ମାଡ଼ ପରେ ବିଶ୍ୱବିଦ୍ୟାଳୟ ଖାଲି କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

## ଟିପିସିଓଡିଏଲ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ବୁଲିଲେ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି



**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ବିଭାଗୀୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ପାୱାର ହାଉସ ଛକ ନିକଟରେ ଥିବା ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି ଓଡ଼ିଶା ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା। ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳରେ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲର ନେତୃତ୍ୱ ଦଳ ଉପସ୍ଥିତ ଥିଲେ। ଟିପିସିଓଡିଏଲ ଅଧିକାରୀମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଣ୍ଟ୍ରୋଲ୍ ଓ ଡାଟା ଆକ୍ୱିଜିସନ (ସ୍କାଡା) ପ୍ଲାଟଫର୍ମ କିଭଳି ବିଦ୍ୟୁତ ନେଟୱାର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହ ବୁଦ୍ଧିମତ୍ତା ସହ ତ୍ରୁଟିକୁ ଅଲଗା କରୁଛି ଏବଂ ଗ୍ରୀଡ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି ସେନେଇ ସୂଚନା ଦେଇଥିଲେ।

କମିଟିର ସଦସ୍ୟମାନଙ୍କୁ ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା ଯେଉଁଥିରେ ରହିଛି କେନ୍ଦ୍ରୀୟ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ସିପିଏସସିସି) ଓ ଗୁରୁତ୍ୱପୂର୍ଣ୍ଣ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ୍ ସେଣ୍ଟର (ଏପିଏସସିସି)। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛି, ଯାହାଦ୍ୱାରା ୨୪ ଘଣ୍ଟା ନିରୀକ୍ଷଣ, ନିରବଚ୍ଛିନ୍ନ ଯୋଗାଣ ପରିଚାଳନା ଓ ଟିପିସିଓଡିଏଲର ସମଗ୍ର ନେଟୱାର୍କରେ ବିଦ୍ୟୁତ ବିଭ୍ରାଟର ଦ୍ରୁତ ସମାଧାନ ସୁନିଶ୍ଚିତ କରାଯାଇପାରୁଛି। ପ୍ରଯୁକ୍ତିରେ ହୋଇଥିବା ଏହି ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ କମିଟିର ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରରେ ମୁତୟନ କରାଯାଇଥିବା ଅତ୍ୟାଧୁନିକ ବ୍ୟବସ୍ଥା ବାସ୍ତବରେ ପ୍ରଶଂସାଯୋଗ୍ୟ। ବାତ୍ୟା ଓ ଉଗ୍ରବାଦ ଭଳି ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା ରହିଛି।

ସେହିପରି ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କମିଟିର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ନବସୃଜନ, ପ୍ରଯୁକ୍ତି ଓ ଗ୍ରାହକ କୈନ୍ଦ୍ରିକ ସେବା ଜରିଆରେ କମ୍ପାନୀ ପରିଚାଳନାକୁ ସୁଦୃଢ଼ କରିବା ଜାରି ରଖିଥିବା ବେଳେ ସେମାନଙ୍କ ମତାମତ ବେଶ ମୂଲ୍ୟବାନ ବୋଲି ମଧ୍ୟ ସେ କହିଛନ୍ତି।

## ପୁଲିସର ଚଢ଼ାଉ: ୩ ବନ୍ଧୁକ, ୭୦ ଗୁଳି ଜବତ



**କେନ୍ଦ୍ରାପଡ଼ା, ୯।୫ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ସହର ଥାନା ଅନ୍ତର୍ଗତ ଇନ୍ଦାକୋଠାରେ ଗତ ୪ ତାରିଖରେ ଗୁଳିକାଣ୍ଡ ହୋଇଥିଲା। ଏହି ଗୁଳିକାଣ୍ଡରେ ଅପରାଧୀଙ୍କୁ ଧରିବାକୁ ଜିଲା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଏହି କ୍ରମରେ ଗୁରୁବାର ବିଳମ୍ବିତ ରାତିରେ ଟାଉନ ଥାନା ଅନ୍ତର୍ଗତ ସହରର ଦିଲାରପୁରର ସେକ ୱାସିମ୍‌ଙ୍କ ଘର ଉପରେ ଶୁକ୍ରବାର ଚଢ଼ାଉ ହୋଇଥିଲା। ଏହି ସମୟରେ ଘର ମଧ୍ୟରେ ଥିବା ୩ ବନ୍ଧୁକ ଓ ୭୦ ଗୁଳି ଜବତ ହୋଇଛି। ତେବେ ଚଢ଼ାଉ ପୂର୍ବରୁ ଘର ମାଲିକ ୱାସିମ୍ ଫେରାର ହୋଇଛନ୍ତ। ଘରର ଜଣେ ମହିଳା ସଦସ୍ୟଙ୍କୁ ଟାଉନ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି।

## ବୃଦ୍ଧଙ୍କୁ ଶୁଣ୍ଢରେ କଚାଡ଼ି ମାରିଲା ଦନ୍ତା



**ପାଟଣା,୯।୫(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କେନ୍ଦେଇପୋଷି ବିଟ୍ କେନ୍ଦେଇପୋଷି ଶନି ମନ୍ଦିର ନିକଟସ୍ଥ କାଜୁ ବଗିଚାରେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଶୁକ୍ରବାର ପୂର୍ବାହ୍ନରେ ଜନୈକ ୬୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ମୁରୁସୁଆଁ ପଞ୍ଚାୟତ ଭାଲୁପାହାଡ଼ି ତନୁ ସାହିର ଗଣେଶ୍ୱର ମହାନ୍ତ। ହାତୀ ଦେଖିବାକୁ ଆସିଥିବା ସମୟରେ ଗଣେଶ୍ୱର ଅଚାନକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ଦନ୍ତାଟି ଶୁଣ୍ଢରେ ଟେକି ନେଇ ତଳେ କଚାଡ଼ି ଦେବା ଫଳରେ ଗଣେଶ୍ୱର ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼

### ଲୁଟିନେଲେ ୧୫ କିଲୋ ରୁପା ଅଳଙ୍କାର

**ବାଲୁଗାଁ,୯।୫(ସଂଚାର ବ୍ୟୁରୋ):** ବାଲୁଗାଁରେ ସୁନା ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଛି । ୨ ରାଉଣ୍ଡ ଗୁଳିମାଡ କରି ଲୁଟି ନେଲେ ୧୫ କିଲୋ ରୂପା ଅଳଙ୍କାର। ବାଲୁଗାଁ ଥାନା ଅନ୍ତର୍ଗତ ନିମିକ୍ଷେତା ଗାଁ ପଛ ପଟ ରାସ୍ତାରେ ଗୁଳି ମାଡ଼ କରିଛନ୍ତି ୫ ଦୁର୍ବୃତ୍ତ । ବ୍ୟବସାୟୀଙ୍କ ଛାତି ଓ ହାତରେ ଗୁଳି ବାଜିଥିବା ସୂଚନା ମିଳିଛି। ସୂଚନାନୁସାରେ, ଦୁଇଟି ପଲସରରେ ୫ ଜଣ ଦୁର୍ବୃତ୍ତ ଆସି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବ୍ୟବସାୟୀଙ୍କୁ ପ୍ରଥମେ ବାଲୁଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ସାଢ଼େ ୬ ଲକ୍ଷ ଲୁଟିଥିବା ୩ ଠକ ଗିରଫ

● ନକଲି ମୁମ୍ବାଇ ପୁଲିସ୍ କହି ଲୁଟିଥିଲେ

**ମାଲକାନଗିରି,୯।୫(ସଂଚାର ବ୍ୟୁରୋ):** ନକଲି ପୁଲିସ ସାଜିବା ସହ ନକଲି ଡକ୍ୟୁମେଣ୍ଟ ମାଧ୍ୟମରେ ଗରିବ ନିରୀହ ଲୋକଙ୍କୁ ଠକୁଥିବା ଏକ ଦଳକୁ ଅସଲି ପୁଲିସ୍ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ଠକ ଦଳର ସଦସ୍ୟମାନେ ପୁଲିସ ପୋଷାକ ପିନ୍ଧି ଲୋକଙ୍କୁ ଧମକଚମକ ଦେଇ ଲୁଟୁଥିଲେ। କିନ୍ତୁ ଏମାନଙ୍କ ସବୁ ଚାଲାକି ଅସଲ ପୁଲିସ୍ ଆଗରେ ଧରାପଡ଼ିଛି। ନକଲି ମୁମ୍ବାଇ ପୁଲିସ ସାଜିଥିବା ଏହି ଠକ ଦଳର ୩ ସଦସ୍ୟଙ୍କୁ ମାଲକାନଗିରି ପୁଲିସ ଗିରଫ କରିଛି। ରାଜସ୍ଥାନରୁ ଏମାନଙ୍କୁ ଗିରଫ କରାଯାଇଥିବା ବେଳେ ମାଲକାନଗିରି ଜିଲ୍ଲା ସଦର ମହକୁମାର ଦୁର୍ଗାଗୁଡି ସାହିର ଅଶୋକ ତ୍ରିପାଠୀ ନାମକ ବ୍ୟକ୍ତିଙ୍କଠାରୁ ଏମାନେ ସାଢ଼େ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଗତ ମାର୍ଚ୍ଚ ୮ରେ ଶ୍ରୀ ତ୍ରିପାଠୀଙ୍କୁ ନକଲି ପୁଲିସ ପୋଷାକ ପିନ୍ଧି ନିଜକୁ ମୁମ୍ବାଇ ପୁଲିସ ଭାବେ ଭିଡିଓ କଲ ମାଧ୍ୟମରେ ଧମକ ଦେଇଥିଲେ ଏମାନେ। ଅଶୋକଙ୍କ ମୋବାଇଲ ନମ୍ବର ଓ ଆଧାର କାର୍ଡରେ ଏକାଧିକ ମନି ଲଣ୍ଡରିଂ ମାମଲା ରୁଜୁ ହୋଇଥିବା କହି ଏହି ଠକମାନେ ଧମକ ଦେଇଥିଲେ। ଏଥିସହ ସାଢ଼େ ୬ ଲକ୍ଷ ନ ଦେଲେ ଶ୍ରୀ ତ୍ରିପାଠୀଙ୍କୁ ଗିରଫ କରାଯିବ ବୋଲି ସେମାନେ ଡରାଇଥିଲେ। ଏଥିରେ ଶ୍ରୀ ତ୍ରିପାଠୀ ଭୟଭୀତ ହୋଇ ତୁରନ୍ତ ଉପରୋକ୍ତ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ପରେ ସେ ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ମାଲକାନଗିରି ଥାନା ପୁଲିସ ତଦନ୍ତ କରିବା ସହ ଏହି ମାମଲାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

**ମୟୂରଭଞ୍ଜ,୯।୫(ସଂଚାର ବ୍ୟୁରୋ):** ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଓ ୧୫ ହଜାର ଟଙ୍କା ଜୋରିମାନା। ଏଥିସହ ଜୋରିମାନା ଅନାଦେୟ ପରିପ୍ରେକ୍ଷୀରେ ସମ୍ପୃକ୍ତ ଅଭିଯୁକ୍ତକୁ ଅଧିକ ୬ ମାସ କାରାଦଣ୍ଡ ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ମାମଲାର ବିଚାର କରି ଶୁକ୍ରବାର ଏହି ରାୟ ଶୁଣାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପକ୍ସୋ କୋର୍ଟ। ଅଭିଯୁକ୍ତ ରାସଗୋବିନ୍ଦପୁର ଥାନା ଅଧୀନସ୍ଥ ବଧିମୁହ ଗ୍ରାମର ଶରତ ପରମାଣିକ ଜନୈକ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଦୁଷ୍କର୍ମ କରୁଥିବା ନେଇ ଗତ ୨୦୨୨ ଡିସେମ୍ବର ୨୫ ତାରିଖରେ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଶରତ ଉକ୍ତ ନାବାଳିକାଙ୍କ ସହ କେତେକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରଖି ତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ଏକାଧିକ ବାର ଦୁଷ୍କର୍ମ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ମାମଲାରେ ରାସଗୋବିନ୍ଦପୁର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ ମାମଲାର ବିଚାର କରି କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି।

ପାକିସ୍ତାନକୁ ଭାରତର କଡ଼ା ଜବାବ

## ସମ୍ବଲପୁରରେ ପୂର୍ବତନ ସୈନିକ ମନାଇଲେ ଖୁସି



**ସମ୍ବଲପୁର,୯।୫(ସଂଚାର ବ୍ୟୁରୋ):** ଭାରତ ମାତା କୀ ଜୟ... ବନ୍ଦେ ମାତରମ... ନାରାରେ କମ୍ପୁଛି ସମ୍ବଲପୁର। ସମସ୍ତଙ୍କ ମୁହଁରେ ଭାରତୀୟ ସେନାଙ୍କ ପ୍ରଶଂସା। ଗତକାଲି ରାତିରେ ଭାରତୀୟ ସେନା ଯେଉଁଭଳି ଭାବେ ପାକିସ୍ତାନର ସମସ୍ତ ଆକ୍ରମଣର ପାଲଟା ଜବାବ ଦେଇଥିଲା, ତାହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ପାକିସ୍ତାନ ଉପରେ ଭାରତର ଘନ ଘନ ଆକ୍ରମଣର ଖୁସି ମନାଇଛନ୍ତି ଭାରତର ପୂର୍ବତନ ସୈନିକ। ସମ୍ବଲପୁରର ଶହୀଦ ଛକ ନିକଟରେ କିଛି ଅବସରପ୍ରାପ୍ତ ସୈନିକ ସେମାନଙ୍କ ପୁରୁଣା ସୈନିକ ଡ୍ରେସ ପିନ୍ଧି ବେଶ ଖୁସି ମନାଇଛନ୍ତି।

ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତର କିଛି ଅଞ୍ଚଳରେ ଆକ୍ରମଣ କରିଥିଲା। ଯାହା ଫଳରେ କିଛି ସାଧାରଣ ଲୋକଙ୍କ ସମେତ କିଛି ସୈନିକଙ୍କ ମୃତ୍ୟୁ ହୋଇଥିଲା। ଏହାର ବଦଲା ଭାରତ ଏପରି ଭାବେ ନେଇଛି ଯେ ସାରା ବିଶ୍ୱ ଚକିତ ହୋଇଛି। ପାକିସ୍ତାନର ପ୍ରତି ଆକ୍ରମଣକୁ ପଣ୍ଡ କରି ନିଜର ଶକ୍ତି ପ୍ରଦର୍ଶନ କରିଛି ଭାରତ। ଗତକାଲି ରାତିରେ ପାକିସ୍ତାନ ଭାରତର ବିଭିନ୍ନ ସହରରେ ଲଗାତାର ବିମାନ ଆକ୍ରମଣ କରିଥିଲା, କିନ୍ତୁ ଭାରତ ଏହାର ପ୍ରତ୍ୟେକ ପ୍ରୟାସକୁ ବିଫଳ କରିଥିଲା। ଆଗାମୀ ସମୟରେ ମଧ୍ୟ ପୂରା ଫୋର୍ସର ସହ ପାକିସ୍ତାନକୁ ଜବାବ ଦିଆଯିବ ବୋଲି କହିଛି ଭାରତୀୟ ଆର୍ମୀ। ଯାହାକୁ ନେଇ ଖୁସି ପାଳନ କରିଛନ୍ତି ଭାରତର ପୂର୍ବତନ ସୈନିକମାନେ। ଗତକାଲି ରାତିରେ ପାକିସ୍ତାନ ଭାରତର ବିଭିନ୍ନ ସହରରେ ଲଗାତାର ବିମାନ ଆକ୍ରମଣ କରିଥିଲା, କିନ୍ତୁ ଭାରତ ଏହାର ପ୍ରତ୍ୟେକ ପ୍ରୟାସକୁ ବିଫଳ କରିଥିଲା। ଆଗାମୀ ସମୟରେ ମଧ୍ୟ ପୂରା ଫୋର୍ସର ସହ ପାକିସ୍ତାନକୁ ଜବାବ ଦିଆଯିବ ବୋଲି କହିଛି ଭାରତୀୟ ଆର୍ମି, ଯାହାକୁ ନେଇ ସମଗ୍ର ଦେଶବାସୀ ଗର୍ବିତ ଅନୁଭୂତ କରୁଛନ୍ତି। ଏନେଇ ସମ୍ବଲପୁରର ପୂର୍ବତନ ସୈନିକମାନେ 'ଜୟ ହିନ୍ଦ'ର ନାରା ଲଗାଇ ଖୁସି ପାଳନ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା କୁଡୋ ଆସୋସିଏସନ ସଦସ୍ୟ

## 'କୁଡୋ'କୁ ରାଜ୍ୟସ୍ତରୀୟ ମାନ୍ୟତା ମିଳୁ



**ଭୁବନେଶ୍ୱର,୯।୫(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ଓଡ଼ିଶା କୁଡୋ ଆସୋସିଏସନର ସଦସ୍ୟ, କୋଚ ଓ ଖେଳାଳିଙ୍କ ସମେତ ୭୦ ଜଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କୁଡୋ ଏକପ୍ରକାର ମିଶ୍ରିତ ସାମରିକ କଳା, ଯାହା ଜୁଡୋ, କରାଟେ, ଓ ତାଇକ୍ୱୋଣ୍ଡୋର ସମାହାର। ଏହି ଖେଳ ଭାରତର ବିଭିନ୍ନ ରାଜ୍ୟ ସହ ବିଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଶାର ମଧ୍ୟ ଅନେକ ଜିଲ୍ଲାରେ ଏହି ଖେଳ ପାଇଁ ତାଲିମ୍ ଦିଆଯାଉଛି। ଏଣୁ ରାଜ୍ୟରେ ଏହି ଖେଳର ପ୍ରସାର ପ୍ରଚାର ଦିଗରେ ଉଦ୍ୟମ କରାଯିବା ସହ ଏହାକୁ ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ନେବା ସକାଶେ ଆସୋସିଏସନ୍‌ର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖେଳାଳିମାନଙ୍କ ସହ କଥା ହୋଇ ସେମାନଙ୍କୁ ଅଭ୍ୟାସ ଜାରି ରଖିବା ପାଇଁ ପରାମର୍ଶ ଦେବା ସହ ଏହି କ୍ରୀଡ଼ାକୁ ରାଜ୍ୟସ୍ତରୀୟ ମାନ୍ୟତା ପ୍ରଦାନ ଦିଗରେ ବିଚାର କରିବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାକ୍ଷାତାଲୋଚନାରେ କୁଡୋ ଖେଳାଳିଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କୁଡୋ ଆସୋସିଏସନ ଅଫ ଓଡ଼ିଶାର ମୁଖ୍ୟ କୋଚ ନିତାଇ ଶଙ୍କର ଗୁଇଁ ଉପସ୍ଥିତ ଥିଲେ।

## ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଆଉ ଏକ କୈଫିୟତ ତଲବ ନୋଟିସ

### ନୋଟିସ ପାଇବାର ୨ ଦିନ ମଧ୍ୟରେ ଦେବେ ଉତ୍ତର



**ଭୁବନେଶ୍ୱର, ୯।୫ (ସଂଚାର ବ୍ୟୁରୋ) :** ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଆଉ ଏକ କୈଫିୟତ୍ ତଲବ ନୋଟିସ ଜାରି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ନୋଟିସ ପାଇବାର ୨ ଦିନ ମଧ୍ୟରେ କୈଫିୟତ୍ ଦାଖଲ କରିବାକୁ ସମୟ ଦିଆଯାଇଛି । ଏହି ସମୟ ଭିତରେ ସନ୍ତୋଷ ଜନକ କୈଫିୟତ୍ ହସ୍ତଗତ ନହେଲେ, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି । ନୋଟିସରେ କୁହାଯାଇଛି ଯେ, ଦୀଘା ଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶ୍ରୀ ଦାସ ମହାପାତ୍ର ଯୋଗଦାନ କରି ସେବକ ଦଳର ନେତୃତ୍ୱ ନେଉଥିବା ଚିତ୍ର ତଥା ଭିଡିଓ ବିଭିନ୍ନ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଅଛି। ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିରକୁ ନିର୍ଦ୍ଦିଷ୍ଟ ଭାବେ ଉଦଘାଟନ ସମୟରେ "ଜଗନ୍ନାଥଧାମ- ଦୀଘା" ଲେଖାଯିବା ସହ ଏନେଇ ଫଳକ ଲଗାଯିବା ନଜରକୁ ଆସିଅଛି ।

ପୁରୀ ପରମଆରାଧ୍ୟ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ପବିତ୍ର ଆଦ୍ୟ ଓ ନିତ୍ୟ ପୀଠ । ଶାସ୍ତ୍ରୀୟ ମତ ଅନୁସାରେ, ଭାରତବର୍ଷର ଚାରିଧାମ ମଧ୍ୟରେ ଅନ୍ୟତମ ପ୍ରମୁଖ ଧାମ ହେଉଛି ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ଧାମ । ମହାପ୍ରଭୁଙ୍କ ଜଣେ ବରିଷ୍ଠ ଦଇତାପତି ସେବକ ଭାବେ ଏସମ୍ପର୍କରେ ଅବଗତ ଥାଇ ମଧ୍ୟ ଜଗନ୍ନାଥ ଧାମ ଦୀଘା ସ୍ୱ-ନାମିତ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦାନ ଦ୍ୱାରା ଶ୍ରୀମନ୍ଦିର ପରମ୍ପରା ନେଇ ଭକ୍ତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଅଛି ଏବଂ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ ଆଘାତ ଲାଗିଅଛି । ତେଣୁ "ଜଗନ୍ନାଥଧାମ-ଦୀଘା" ନାମିତ ଏକ ମନ୍ଦିରର କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ସେବକ ଭାବେ କାହିଁକି ଯୋଗଦେଲେ ଏବଂ ସେତେବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ, ସେନେଇ କୈଫିୟତ୍ ରଖିବାକୁ ନୋଟିସ ରେ କୁହାଯାଇଛି ।


Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଆଜିଠୁ ପେଟ୍ରୋଲ ପମ୍ପରେ ଅନଲାଇନ୍ ପେମେଣ୍ଟ ମନା

**ନୂଆଦିଲ୍ଲୀ, ୯।୫:** ସାରା ଦେଶରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଏବେ ସାମ୍ନାକୁ ଆସିଛି ଏକ ବଡ଼ ନିଷ୍ପତ୍ତି। ଯାହା ପ୍ରତିଦିନ ପେଟ୍ରୋଲ ଭରୁଥିବା ଲୋକଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଆଉ ପେଟ୍ରୋଲ ପମ୍ପରେ ହେବନି ଡିଜିଟାଲ କି ୟୁପିଆଇ ପେମେଣ୍ଟ। କାଲିଠାରୁ ସାଧାରଣ ଲୋକଙ୍କ ଜୀବନରେ ଟିକିଏ ପରିବର୍ତ୍ତନ ଆସିପାରେ। ୟୁପିଆଇ ଏବଂ ଡିଜିଟାଲ୍ ପେମେଣ୍ଟ ଯାହା ଆଜିକାଲି ଲୋକଙ୍କ ଜୀବନକୁ ସହଜ କରିଛି। ଆସନ୍ତାକାଲି, ଅର୍ଥାତ୍ ୧୦ ମେ'ରୁ ଏହା ପେଟ୍ରୋଲ ପମ୍ପଗୁଡ଼ିକରେ ସମସ୍ୟା ବଢ଼ାଇବାକୁ ଯାଉଛି। କାରଣ ଆସନ୍ତାକାଲିଠାରୁ ପେଟ୍ରୋଲ ପମ୍ପ ମାଲିକମାନେ ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମରୁ ପେମେଣ୍ଟ ନକରିବାକୁ ଘୋଷଣା କରିଛନ୍ତି। ତେବେ ଏଭଳି ନିଷ୍ପତି ମହାରାଷ୍ଟ୍ର ନାଗପୁରରେ ନିଆଯାଇଛି। ଡିଜିଟାଲ ପେମେଣ୍ଟ ମାଧମରେ ବଢୁଥିବା ସାଇବର ଠକେଇ ଯୋଗୁଁ ଦେଶର ଅନେକ ସହରର ପେଟ୍ରୋଲ ପମ୍ପ ମାଲିକ ଏବଂ ସଂଗଠନଗୁଡ଼ିକ ଡିଜିଟାଲ ପେମେଣ୍ଟ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ ଏହି ସହରଗୁଡ଼ିକରେ ପେଟ୍ରୋଲ ପମ୍ପଗୁଡ଼ିକ କେବଳ ୟୁପିଆଇ ମାଧମରେ ପେମେଣ୍ଟ ନ ନେବା






ପାଇଁ ନିଷ୍ପତ୍ତି ନେଇଛନ୍ତି। କେବଳ ସେତିକି ନୁହେ ଆସନ୍ତାକାଲି ଠାରୁ କାର୍ଡ ପେମେଣ୍ଟ ଗ୍ରହଣ କରିବା ବନ୍ଦ କରିବାକୁ ମଧ କହିଛନ୍ତି। ଏନେଇ ଏକ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍ କହିଛି ଯେ ସାଇବର ଠକେଇର ବଢୁଥିବା ମାମଲା ଯୋଗୁଁ ପେଟ୍ରୋଲ ପମ୍ପ ମାଲିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ସେମାନେ ଆର୍ଥିକ କ୍ଷତିର ମଧ ସମ୍ମୁଖୀନ ହେଉଛନ୍ତି। ଯାହାପରେ ସେମାନେ ଏତେ ବଡ଼ ନିଷ୍ପତି ନେଇଛନ୍ତି। ସାଇବର ଠକମାନେ ଲୋକଙ୍କ କାର୍ଡ କିମ୍ବା ନେଟ୍ ବ୍ୟାଙ୍କିଂ ହ୍ୟାକ୍ କରନ୍ତି ଏବଂ ଏହାକୁ ବ୍ୟବହାର କରି ପେମେଣ୍ଟ କରନ୍ତି। ତା'ପରେ ଯେତେବେଳେ କେହି ଏହି ବିଷୟରେ କେହି ଅଭିଯୋଗ କରନ୍ତି ପୋଲିସ ଟ୍ରାଞ୍ଜାକ୍ସନ ବାତିଲ କରିଦିଏ। ଫେଡେରେସନ ଅଫ୍ ଅଲ୍ ମହାରାଷ୍ଟ୍ର ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍ କହିଛି ଯେ ଏପରି ସାଇବର ଠକେଇ ଯୋଗୁଁ ଅନେକ ପେଟ୍ରୋଲ ପମ୍ପ ମାଲିକଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ଭାବରେ ବ୍ଲକ୍ କରାଯାଇଛି। ଏହା ଯୋଗୁଁ, ଗୋଟିଏ ପଟେ ସେମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ଏବଂ ଅନ୍ୟପଟେ ବାକି ଦେୟ ପାଇବାରେ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ନାସିକର ପେଟ୍ରୋଲ ପମ୍ପ ଡିଲର୍ସ ଆସୋସିଏସନ ମଧ ସମାନ ଘୋଷଣା କରିଛି। ଏଠାରେ ଆସୋସିଏସନର ସଭାପତି ବିଜୟ ଠାକରେ କହିଛନ୍ତି ଯେ ସେ ଏହି ସମ୍ପର୍କରେ ଅନେକ ପେଟ୍ରୋଲ ପମ୍ପ ମାଲିକଙ୍କଠାରୁ ଅଭିଯୋଗ ପାଇଛନ୍ତି। ସେମାନଙ୍କର ଡିଜିଟାଲ୍ କାରବାର ବାତିଲ ହୋଇଯାଏ ଏବଂ ପରେ ସେମାନଙ୍କ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଏ। ଏନେଇ ବିଜୟ ଠାକରେ କହିଛନ୍ତି ଯେ ପୂର୍ବରୁ ଏହି ପରିମାଣ ବହୁତ କମ୍ ଥିଲା, ତେଣୁ ପ୍ରାୟତଃ ପେଟ୍ରୋଲ ପମ୍ପ ମାଲିକମାନେ ଏହାକୁ ଧାନ ଦେଉ ନଥିଲେ। କିନ୍ତୁ ଏବେ ଏପରି ଠକେଇ ମାମଲା ବୃଦ୍ଧି ପାଇବାରେ ଲାଗିଛି ତେଣୁ ଶେଷରେ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଫେଡେରେସନ ଅଫ୍ ଅଲ୍ ମହାରାଷ୍ଟ୍ର ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର ସଭାପତି ଅମିତ ଗୁପ୍ତା କହିଛନ୍ତି ଯେ ସେମାନେ ସରକାରଙ୍କୁ ମଧ ଏ ବିଷୟରେ ଅବଗତ କରାଇଛନ୍ତି। ପେଟ୍ରୋଲ ପମ୍ପ ମାଲିକମାନେ ଏବେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପାଇଲେ ହିଁ ଡିଜିଟାଲ୍ ପେମେଣ୍ଟ ଆରମ୍ଭ କରିବେ। କାରଣ ଆଜିର ସମୟରେ ସାଇବର ଠକେଇ ଏକ ବଡ଼ ସମସ୍ୟା ହୋଇଗଲାଣି। ଏପରି ପରିସ୍ଥିତିରେ ଏନେଇ ସାରା ଦେଶରେ କ'ଣ ପ୍ରତିକ୍ରିୟା ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ସବୁ ସମ୍ପତ୍ତି ଦାନ କରିବେ ବିଲ୍ ଗେଟ୍‌ସ



**ନୂଆଦିଲ୍ଲୀ, ୯।୫:** ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଆସନ୍ତା ୨୦ ବର୍ଷରେ ନିଜର ପ୍ରାୟ ସବୁ ସମ୍ପତ୍ତି ଦାନ କରିବାକୁ ଘୋଷଣା କରିଛନ୍ତି। ସେ ଜଣାଇଛନ୍ତି ଯେ 'ଗେଟ୍‌ସ ଫାଉଣ୍ଡେସନ' ଜରିଆରେ ଗତ ୨୫ ବର୍ଷ ଭିତରେ ସେ ୧୦,୦୦୦ କୋଟି ଡଲାର ଦାନ କରିଛନ୍ତି। ଆଗାମୀ ୨୦ ବର୍ଷରେ ସେ ଦାନ ପରିମାଣ ଦ୍ୱିଗୁଣିତ କରିବେ। ସେହି ପାଣ୍ଠିକୁ ସାରା ବିଶ୍ୱରେ ଲୋକଙ୍କ ଜୀବନ ବଞ୍ଚାଇବା ଓ ଉନ୍ନତି ଆଣିବାରେ ବ୍ୟବହାର କରାଯିବ। ୨୦୪୫ ଡିସେମ୍ବର ୩୧ରେ ଗେଟ୍‌ସ ଫାଉଣ୍ଡେସନ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଗେଟ୍‌ସଙ୍କ ୧୦,୮୦୦ କୋଟି ଡଲାର ସମ୍ପତ୍ତି ରହିଛି। ୨୦୪୫ ସୁଦ୍ଧା ତାହା ଦାନ ଯୋଗୁଁ ୯୯ ପ୍ରତିଶତ ହ୍ରାସ ପାଇବ। ଚଳିତ ବର୍ଷ ଏହି ନିଷ୍ପତ୍ତି ନେବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି ଯେ ଚଳିତ ବର୍ଷ ମୋ ବାପାଙ୍କୁ ୧୦୦ ବର୍ଷ ହେବ, ମାଇକ୍ରୋସଫ୍ଟ ୫୦ ବର୍ଷରେ ପଦାର୍ପଣ କରିବ ଓ ମୋତେ ୭୦ ବର୍ଷ ହେବ। ପ୍ରତିରୋଧ ହୋଇପାରୁଥିବା କୌଣସି ରୋଗ ପାଇଁ ସାରା ବିଶ୍ୱରେ କୌଣସି ମା' କିମ୍ବା ଶିଶୁର ମୃତ୍ୟୁ ହେବ ନାହିଁ ବୋଲି ସେ ସଂକଳ୍ପ ନେଇଛନ୍ତି। ଦୁନିଆର ଆଗାମୀ ପିଢ଼ି କୌଣସି ସଂକ୍ରାମକ ରୋଗ ନେଇ ଆଗକୁ ବଢ଼ିବ ନାହିଁ। କୋଟି କୋଟି ଲୋକ ଦାରିଦ୍ର୍ୟମୁକ୍ତ ହେବେ ବୋଲି ଗେଟ୍‌ସ ନିଜ ବ୍ଲଗ୍‌ରେ ଲେଖିଛନ୍ତି।

### ଷ୍ଟକବଜାର ଉପରେ ଯୁଦ୍ଧ ପ୍ରଭାବ

# ୨ ଦିନରେ ସେନସେକ୍ସ କମିଲା ୧୨୦୦ ପଏଣ୍ଟ

**ମୁମ୍ବାଇ, ୯।୫:** ଭାରତ ପାକିସ୍ତାନ ଉତ୍ତେଜନାର ପ୍ରଭାବର ଷ୍ଟକ ବଜାର ଉପରେ ପଡ଼ିଛି। ଶୁକ୍ରବାର ବିଏସଇ ସେନସେକ୍ସ ଏବଂ ଏନଏସଇ ନିଫଟି ୫୦ ପ୍ରାରମ୍ଭିକ ସେସନରୁ ହିଁ ନିମ୍ନଗାମୀ ଧାରା ଦେଖିଥିଲା। ସନ୍ଧ୍ୟାରେ କାରବାର ବନ୍ଦ ହେବା ବେଳକୁ, ସେନସେକ୍ସ ୮୮୦.୩୪ ପଏଣ୍ଟ ହ୍ରାସ ପାଇ ୭୯,୪୫୪.୪୭ ପଏଣ୍ଟରେ ବନ୍ଦ ହୋଇଥିଲା। ଯେତେବେଳେ ନିଫ୍ଟି ୫୦ ମଧ ୨୬୫.୮୦ ପଏଣ୍ଟ ହ୍ରାସ ପାଇ ୨୪,୦୦୮ ପଏଣ୍ଟରେ ବନ୍ଦ ହୋଇଥିଲା। ଏହା ନିବେଶକମାନଙ୍କୁ ବହୁତ କ୍ଷତି ପହଞ୍ଚାଇଛି। ଗୁରୁବାର ଦିନ ବି ସେନସେକ୍ସ ଓ




ନିଫ୍ଟିରେ ହ୍ରାସ ପରିଲକ୍ଷିତ ହୋଇଥିଲା। ସେନସେକ୍ସପ୍ରାୟ ୪୧୧.୯୭ ପଏଣ୍ଟ ହ୍ରାସ ପାଇ ୮୦,୩୩୪ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫଟି ୧୪୦ ପଏଣ୍ଟ ହ୍ରାସ ପାଇ ୨୪,୨୭୩ ପଏଣ୍ଟରେ ବନ୍ଦ ହୋଇଛି। ଗତ ୨ ଦିନରେ ସେନସେକ୍ସ ପ୍ରାୟ ୧୨୦୦ ପଏଣ୍ଟ ହ୍ରାସ ପାଇଛି। ଯୁଦ୍ଧ ଉତ୍ତେଜନା ଲାଗି ରହିଲେ ଆଗକୁ ବଜାର ଆହୁରି ନିମ୍ନଗାମୀ ହେବାର ଅଶଙ୍କା ରହିଛି। ଅନ୍ୟପକ୍ଷରେ ପାକିସ୍ତାନର କରାଚୀ ଷ୍ଟକ ମାର୍କେଟରେ ପ୍ରବଳ ହ୍ରାସ ପରିଲକ୍ଷିତ ହୋଇଥିଲା ଓ ସୂଚକାଙ୍କ ଲୋୟର ସର୍କିଟ ଛୁଇଁବା ପରେ କାରବାରକୁ ବାଧ ହୋଇ ବନ୍ଦ କରାଯାଇଥିଲା।

# ଓଟିଟିରୁ ପାକିସ୍ତାନୀ କାର୍ଯ୍ୟକ୍ରମ ହଟାଇବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୯।୫:** ଭାରତରେ ସେବା ପ୍ରଦାନ କରୁଥିବା ଓଭର ଦି ଟପ୍ (ଓଟିଟି) ପ୍ଲାଟଫର୍ମ ଓ ଡିଜିଟାଲ ଷ୍ଟ୍ରିମିଂ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ପାକିସ୍ତାନର ସିନେମା, ସୋ' ଓ କାର୍ଯ୍ୟକ୍ରମଗୁଡ଼ିକୁ ହଟାଇବା ଲାଗି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ତୁରନ୍ତ ପାକିସ୍ତାନୀ ୱେବ୍ ସିରିଜ୍, ସିନେମା, ଗୀତ, ପୋଡ୍‌କାଷ୍ଟ ଓ ଅନ୍ୟାନ୍ୟ ବିଷୟବସ୍ତୁଗୁଡ଼ିକୁ ହଟାଇବାକୁ ସେମାନଙ୍କୁ କୁହାଯାଇଛି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଜାରି କରାଯାଇଛି। ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ଏହି ନିର୍ଦ୍ଦେଶାବଳୀ ଜାରି କରିଛି। ଏହା ପୂର୍ବରୁ ପାକିସ୍ତାନର ପ୍ରମୁଖ ସେଲିବ୍ରିଟିମାନଙ୍କ ସୋସିଆଲ୍ ମିଡିଆ ହାଣ୍ଡେଲ୍ ଓ ୟୁଟ୍ୟୁବ୍ ଚ୍ୟାନେଲ୍‌ଗୁଡ଼ିକୁ ବ୍ଲକ୍ କରାଯାଇଥିଲା। ଡିଜିଟାଲ୍ ମାଧମରେ ପାକିସ୍ତାନର କାର୍ଯ୍ୟକ୍ରମଗୁଡ଼ିକ ଉପଲବ୍ଧ ହେବା ପରେ ତାହା ଭାରତରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ବୋଲ୍, ଖୁଦା କେ ଲିୟେ, କେକ୍ ଓ ଲାଲ୍ କବୁତର ଭଳି ପାକିସ୍ତାନୀ ସିନେମାକୁ ଭାରତରେ ବେଶ୍ ପସନ୍ଦ କରାଯାଇଥିଲା। ଆତିଫ୍ ଅସଲାମ, ଅଲି ଜାଫର, ଆବିଦା ପରବିନ୍, ଅଲି ସେଠୀ ଓ ରାହତ୍ ଫତେ ଅଲ୍ଲୀ ଖାନଙ୍କ ଗୀତ ମଧ ବେଶ୍ ଲୋକପ୍ରିୟ ହୋଇଥିଲା।

# ଦୁର୍ବଳ ହେଲା ଟଙ୍କା

**ନୂଆଦିଲ୍ଲୀ, ୯।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ଭିତରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇପଡ଼ିଛି। ଗୋଟିଏ ଦିନରେ ଏହା ୧ ପ୍ରତିଶତ ଦୁର୍ବଳ ହୋଇଛି। ମୁଦ୍ରା ବିନିମୟ ବଜାରରେ କାରବାର ଆରମ୍ଭ ବେଳକୁ ଟଙ୍କା ସ୍ଥିତି ଦୃଢ଼ ଥିଲା। ମାତ୍ର ପାକିସ୍ତାନର ଆକ୍ରମଣ ଉଦ୍ୟମକୁ ଭାରତ ପ୍ରତିହତ କରିଥିବା ଖବର ପ୍ରଚାର ହେବା ପରେ ତାହା ଦୁର୍ବଳ ହେବାରେ ଲାଗିଲା। କାରବାର ଶେଷ ବେଳକୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୫ ଟଙ୍କା ୭୧ ପଇସା ହୋଇଯାଇଛି। ଶେଷ ଥର ପାଇଁ ୨୦୨୩ ଫେବୃଆରିରେ ଟଙ୍କା ଏଭଳି ଦୁର୍ବଳ ସ୍ତରକୁ ଖସିଥିଲା। ଉତ୍ତେଜନା ଲାଗି ରହିଲେ ଟଙ୍କା ମୂଲ୍ୟ ୮୬ ଟଙ୍କା ୫୦ ପଇସା ସ୍ତରକୁ ଖସିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆଗକୁ ସ୍ଥିତି ଖରାପ ହେବା ଆଶଙ୍କା କରି ଆମଦାନିକାରୀମାନେ ଡଲାର କିଣିବା ଆରମ୍ଭ କରିଦେଇଛନ୍ତି। ତାହାର ପ୍ରଭାବରେ ଚାହିଦା ବଢ଼ିବା ସହ ଡଲାର ମହଙ୍ଗା ହେଉଛି ଓ ଟଙ୍କା ଦୁର୍ବଳ ହେବାରେ ଲାଗିଛି।

### ସୁପ୍ରିମକୋର୍ଟଙ୍କ ରାୟ ପରେ ଅନିଶ୍ଚିତତା

# ଓଡ଼ିଶା ଯୋଜନା ବଦଳାଇପାରେ ଜେଏସ୍‌ଡବ୍ଲ୍ୟୁ

**ଭୁବନେଶ୍ୱର, ୯।୫:** ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ଓ ଛତିଶଗଡ଼ କାରଖାନା ପରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ଥିବା ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ବିପିଏସ୍‌ଏଲ୍)କୁ ୧୯,୭୦୦ କୋଟି ଟଙ୍କାରେ ଅଧିଗ୍ରହଣ କରି ସଜ୍ଜନ ଜିନ୍ଦଲଙ୍କ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପୂର୍ବ ଭାରତରେ ପ୍ରବେଶ କରିଥିଲା। ଏଥି ସହିତ କମ୍ପାନି ଏହି କାରଖାନାର ସମ୍ପ୍ରସାରଣ ଲାଗି ମଧ ଶହ ଶହ କୋଟି ଟଙ୍କା ନିବେଶ କରିଛି। କିନ୍ତୁ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ବିପିଏସ୍‌ଏଲ୍ ଅଧିଗ୍ରହଣକୁ ସୁପ୍ରିମ୍‌କୋର୍ଟ ବେଆଇନ ଘୋଷଣା କରିବା ପରେ କମ୍ପାନିର ଓଡ଼ିଶା ଯୋଜନା ଅନିଶ୍ଚିତତା ମଧକୁ ଠେଲି ହୋଇଯାଇଛି।

'ବିଗ୍‌ମିଣ୍ଟ'ର ଏକ ରିପୋର୍ଟ ଅନୁସାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଜେଏସ୍‌ଡବ୍ଲ୍ୟୁକୁ ଏହାର ଓଡ଼ିଶା ଯୋଜନା ବଦଳାଇବାକୁ ପଡ଼ିପାରେ। କମ୍ପାନି ୨୦୩୦ ସୁଦ୍ଧା ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ୫୦ ନିୟୁତ ଟନ୍ ପର୍ଯ୍ୟନ୍ତ ବଢ଼ାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସେହି ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶା ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ବିପିସିଏଲ୍ ବ୍ୟତୀତ ରାଜ୍ୟରେ ଆଉ ଦୁଇଟି ନୂଆ ପ୍ରକଳ୍ପ ସ୍ଥାପନ କରିବା ଲାଗି ଜେଏସ୍‌ଡବ୍ଲ୍ୟୁ ଘୋଷଣା କରିଛି। ଦକ୍ଷିଣ କୋରିଆର ଇସ୍ପାତ କମ୍ପାନି ପୋସ୍କୋ ସହ ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲାରେ ଏକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ଏବଂ ୬୫ ହଜାର କୋଟି ଟଙ୍କା ନିବେଶରେ ଏକ ୧୩.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ନୂଆ ଇସ୍ପାତ କାରଖାନା ବସାଇବାକୁ କମ୍ପାନି ଘୋଷଣା କରିଛି। ରାଜ୍ୟରେ ସ୍ଥାପନ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର କଞ୍ଚାମାଲ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନି ଓଡ଼ିଶାରେ ଏକାଧିକ ଲୁହାପଥର ଖଣି ହାସଲ କରିଛି। ଏହାର ନେତ୍ରବନ୍ଧ ଲୁହାପଥର ଖଣିରୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି, ଯାହାର ବାର୍ଷିକ କ୍ଷମତା ୨ ନିୟୁତ ଟନ୍ ରହିବ। ଏହା ବ୍ୟତୀତ କମ୍ପାନି ପାଖରେ ନାରାୟଣପୋଷୀ ଲୁହାପଥର ଓ ମାଙ୍ଗାନିଜ୍ ଖଣି, ଗଣୁଆ ଲୁହାପଥର ଖଣି ଓ ନୂଆଗାଁ ଲୁହାପଥର ଖଣି ରହିଛି।

ଝାରସୁଗୁଡ଼ାରେ ଥିବା ବିପିଏସ୍‌ଏଲ୍ କାରଖାନାର ଉତ୍ପାଦନ କ୍ଷମତା ୩.୩୮ ନିୟୁତ ଟନ୍ ରହିଛି। ତାହାକୁ ୫ ନିୟୁତ ଟନ୍ ପର୍ଯ୍ୟନ୍ତ ବଢ଼ାଇବାକୁ କମ୍ପାନି ଯୋଜନା ରଖିଛି। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟ ପରେ କାରଖାନାର ଭବିଷ୍ୟତ ଓ ପରିଚାଳନାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସୁପ୍ରିମକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିବା ଉପରେ କମ୍ପାନି ବିଚାର କରୁଥିବା ଜଣାପଡ଼ିଛି। ଏହି ମାମଲାରେ କେନ୍ଦ୍ର ସରକାର ମଧ ନିଜର ପକ୍ଷ ସୁପ୍ରିମକୋର୍ଟରେ ରଖିବାକୁ ପ୍ରସ୍ତୁତ ହେଉଛନ୍ତି। ଆଗାମୀ ଦିନରେ କମ୍ପାନି ଓଡ଼ିଶାରେ ନୂତନ ପ୍ରକଳ୍ପଗୁଡ଼ିକ ଉପରେ ଅଧିକ ଧାନ ଦେଇପାରେ ବୋଲି କୁହାଯାଉଛି।

# ଜିନ୍ଦଲ୍ ଫାଉଣ୍ଡେସନ୍ ପୁରସ୍କୃତ

ଭୁବନେଶ୍ୱର, ୯।୫: ବିଶ୍ୱ ସିଏସ୍‌ଆର୍ ଦିବସ ଦ୍ୱାରା ଆୟୋଜିତ ଓଡ଼ିଶା ଲିଡରସିପ୍ ସମିଟ୍‌ରେ ଜିନ୍ଦଲ୍ ଷ୍ଟିଲ ଆଣ୍ଡ୍ ପାୱାର୍‌ର ସିଏସ୍‌ଆର ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍‌କୁ 'ଅର୍ଗାନାଇଜେସନ୍ ୱିଥ୍ ଓଭରାଲ୍ ସଷ୍ଟେନେବଲ୍ ପ୍ରାକ୍ଟିସ୍' ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣ କରି କମ୍ପାନିର ସଭାପତି, ଗ୍ରୁପ୍ ମୁଖ୍ୟ ସିଏସ୍‌ଆର୍ ପ୍ରଶାନ୍ତ ହୋତା କହିଥିଲେ ଯେ ଜିନ୍ଦଲ୍ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଆମର ନିରନ୍ତର ବିକାଶ କାର୍ଯ୍ୟକ୍ରମ ଅର୍ଥନୈତିକ ପ୍ରଗତି, ପରିବେଶ ସନ୍ତୁଳନ ଏବଂ ସାମାଜିକ ସମାନତାକୁ ସମନ୍ୱୟ କରି ସମାଜ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି ନିମନ୍ତେ କାର୍ଯ୍ୟରତ। ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବାରେ ଲୋକମାନଙ୍କ ସମର୍ଥନ ଏବଂ ଅଂଶଗ୍ରହଣ ପାଇଁ ଆମେ ସେମାନଙ୍କ ନିକଟରେ କୃତଜ୍ଞ। ଏହି ପୁରସ୍କାର ଆମ ଟିମ୍‌କୁ ପ୍ରେରଣା ଯୋଗାଇବ। ପୁରସ୍କାର ପାଇଁ ସେ ଜୁରିଙ୍କୁ ଧନ୍ୟବାଦ ଜଣାଇଥିଲେ।



# ଘୋର ଆର୍ଥିକ ସଂକଟରେ ପାକ୍ ଅର୍ଥନୀତି

ନୂଆଦିଲ୍ଲୀ ୯।୫: ଭାରତ ସହ ଯୁଦ୍ଧ ମଧରେ ପାକିସ୍ତାନର ସମସ୍ୟା ବଢ଼ିଚାଲିଛି। ପାଖରେ ସମ୍ବଳ ନାହିଁ। ଖାଦ୍ୟ ତଥା ଅର୍ଥନୀତିକୁ ଚଳାଇବା ପାଇଁ ଆଇଏମ୍‌ଏଫ୍‌ଠାରୁ ଭିକ୍ଷା ମାଗିଚାଲିଛି ପାକ୍। ବର୍ତ୍ତମାନ ଏ ଦିଗରେ ହୁଏତ୍ ପାକିସ୍ତାନକୁ ମିଳିପାରେ ଆଉ ଏକ ବଡ଼ ଝଟ୍‌କା।

ପହଲ୍‌ଗାମ ଆତଙ୍କବାଦ ହମ୍‌ଲାର ପ୍ରତିଶୋଧ କ୍ରମେ ମେ' ୭ରୁ ଭାରତ ପକ୍ଷରୁ ଆରମ୍ଭ 'ଅପରେଶନ ସିନ୍ଦୂର'ର ଭୟରୁ ବାହାରି ନ ଥିବା ପାକ୍ ପାଇଁ ମେ' ୯ ଆଉ ଏକ ନିର୍ଣ୍ଣାୟକ ଦିନ। ଯଦି ପାକିସ୍ତାନ ଏଥିରେ ହାରିଯାଏ ତେବେ ପାକ୍ ଅର୍ଥବ୍ୟବସ୍ଥାର ଅଣ୍ଟା ଭାଙ୍ଗିଯିବା ଥୟ। ଏହା 'ଅପରେଶନ ସିନ୍ଦୂର'ଠାରୁ ବି ବଡ଼ ଝଟ୍‌କା ସାବ୍ୟସ୍ତ ହେବ। ଏହା ଆର୍ଥିକ ସଂକଟରେ ଗତି କରୁଥିବା ପ୍ରତ୍ୟକ ପାକିସ୍ତାନୀ ଏବଂ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡ଼ିବା ସୁନିଶ୍ଚିତ।

ଭୋକରେ ତହଲ ବିକଳ ଅବସ୍ଥାରେ ଥିବା ପାକିସ୍ତାନ ପାଇଁ ଶେଷ ଭରସା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) । ଆର୍ଥିକ ସଂକଟରେ ଫସିଥିବା ଅର୍ଥନୀତି ପାଇଁ ବର୍ତ୍ତମାନ ଆଇଏମ୍‌ଏଫ୍ ଋଣ ଅର୍ଥାତ୍ ବେଲ୍‌ଆଉଟ୍ ପ୍ୟାକେଜ୍ ନେବା ଜିଇଁବା ମରିବା ସହ ସମାନ। ଏପଟେ ଭାରତ ସହ ବିବାଦ ଯୋଗୁ ଏହାର ସମସ୍ୟା ଆହୁରି ବଢ଼ିଯାଇଛି। ଆଇଏମ୍‌ଏଫ୍ ମେ' ୯ରେ ପାକିସ୍ତାନର ଏକ୍ସଟେଣ୍ଡେଡ୍ ଫଣ୍ଡିଂ ଫ୍ୟାସିଲିଟି(ଇଏଫ୍‌ଏଫ୍)ର ସମୀକ୍ଷା କରିବ। ଏହା ପରେ ସ୍ଥିର ହେବ ଯେ, ପାକିସ୍ତାନକୁ ୧.୩ ବିଲିୟନ ଡଲାର ବା ପ୍ରାୟ ୧୧୦୦୦ କୋଟି




ଟଙ୍କାର ଋଣ ଦିଆଯିବ ଅବା ନୁହେଁ। ପାକିସ୍ତାନକୁ ଆଇଏମ୍‌ଏଫ୍‌ଠାରୁ ମିଳିବାକୁ ଥିବା ଋଣକୁ ନେଇ ଭାରତ ନିଜର ବିରୋଧ ଜଣାଇଛି। ଏ ଋଣ ଉପରେ ସମୀକ୍ଷା କରିବା ପାଇଁ ଏହା ଆଇଏମ୍‌ଏଫ୍ ପାଖରେ ଅନୁରୋଧ କରିଛି। ଏହା ଉପରେ ଆପତ୍ତି ଦର୍ଶାଇ ଭାରତ କହିଛି ଯେ, ପାକିସ୍ତାନ ଏହି ଋଣରାଶିର ବ୍ୟବହାର ନିଜର ଅଭିବୃଦ୍ଧି ପାଇଁ ନୁହେଁ ବରଂ ଲଶ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସାହାଯ୍ୟ କରିବାରେ ଖର୍ଚ୍ଚ କରିବ। ଏହାର ସିଧାସଳଖ ପ୍ରଭାବ ଭାରତ ଉପରେ ବି ପଡୁଛି। ଏଭଳି କୌଣସି ପ୍ରକାର ଫଣ୍ଡିଂକୁ ମଞ୍ଜୁରି ଦିଆ ନ ଯାଉ ବୋଲି ଭାରତ ଅନୁରୋଧ କରିଛି। ଏହା ପୂର୍ବରୁ ବି ଆଇଏମ୍‌ଏଫ୍ ଅର୍ଥନୈତିକ ସ୍ଥିରତା ପାଇଁ ପାକିସ୍ତାନକୁ ଏଭଳି ଆର୍ଥିକ ପ୍ୟାକେଜ୍ ଦେଇଛି।

ମେ'୯ରେ ହେବାକୁ ଥିବା ସମୀକ୍ଷା ବୈଠକରେ ଦେଖାଯିବ ଯେ, ଆଗାମୀ କିସ୍ତି ପାଇବା ପାଇଁ ଆବଶ୍ୟକ ମାନକଗୁଡ଼ିକରେ ପାକିସ୍ତାନ ସୁଧାର ଆଣିଛି ଅବା ନୁହେଁ। ୨୦୨୩ରେ ଆଇଏମ୍‌ଏଫ୍ ପାକିସ୍ତାନକୁ ୭୦୦ କୋଟି ଡଲାର ବା ୬୦ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରିଥିଲା। ଏହାପରେ ୨୦୨୪ ମାର୍ଚ୍ଚରେ ଜଳବାୟୁ ସମର୍ଥନ ପାଇଁ ଆଉ ୧୧,୦୦୦ କୋଟି ଟଙ୍କା ଦିଆଯାଇଥିଲା। ଏହି ଅର୍ଥରାଶି ଏଭଳି ଦେଶଗୁଡ଼ିକ ପାଇଁ ମହତ୍ୱପୂର୍ଣ୍ଣ ଗଣନା କରାଯାଇଥାଏ, ଯାହାର ଅର୍ଥବ୍ୟବସ୍ଥା ୩୫୦୦୦ କୋଟି ଡଲାରରୁ ଅଧିକ।

ଭାରତର ବିରୋଧ ପରେ ଯଦି ପାକିସ୍ତାନକୁ ଆର୍ଥିକ ପ୍ୟାକେଜ୍ ମିଳେ ନାହିଁ ତେବେ ଏହା ଭୟଙ୍କର ଆର୍ଥିକ ସଂକଟ ମଧରେ ଫସିଯିବ। ଏବେ ଏହାକୁ ନିଜର ଜରୁରୀ ଖର୍ଚ୍ଚ ପାଇଁ ସହାୟତାର ଢେର ଆବଶ୍ୟକତା ରହିଛି। ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ସଂକଟ ମଧରେ ଫସିଥିବା ପାକିସ୍ତାନକୁ ନିଜର ମୋଟା ଋଣର ସୁଧ ମଧ ପରିଶୋଧ କରିବାକୁ ପଡ଼ିବ ଏବଂ ଏଥିପାଇଁ ଟଙ୍କା ଦରକାର। ଯଦି ଏହାକୁ ଆଇଏମ୍‌ଏଫ୍‌ରୁ ସହାୟତା ନ ମିଳେ ତେବେ ଏହା ଋଣ ଖିଲାପ କରିବାକୁ ବାଧ ହେବ। ଖାଲି ସେତିକି ନୁହେଁ, ପାକିସ୍ତାନକୁ ଭାରତ ସହ ସୈନ୍ୟ ସଂଘର୍ଷ ପାଇଁ ବି ଟଙ୍କା ଲୋଡ଼ା ଏବଂ ଏହାର ଖାଲି ଭଣ୍ଡାର ପାଇଁ ବର୍ତ୍ତମାନ ଆଇଏମ୍‌ଏଫ୍ ଋଣ ହିଁ ଭରସା।

### ଆଜିର ସୁନା ଦର



ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୧୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୧୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦, ୩୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୩୫୦ ଓ ୯୦,୧୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୦୦୦ ଟଙ୍କା ହୋଇଛି।

### ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଦରରେ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।



ସଂଚାର THE SANCHAR

# ବାହାର ଚିକଣ ଭିତର ଫମ୍ପା



ଖପ୍ରାଖୋଲ,୯।୫(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ହରିଶଙ୍କର ଶୈବ ପୀଠ ଏକ ପ୍ରମୁଖ ତୀର୍ଥ କ୍ଷେତ୍ର। ପ୍ରତିଦିନ ଜିଲ୍ଲା ରାଜ୍ୟ ତଥା ବାହାର ରାଜ୍ୟ ର ଭକ୍ତ ଆସିଥାନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ମନ୍ଦିର ପରିସର ଓ ବାହାରେ ଚାକଚକ୍ୟ କରାଯାଇଛି ହେଲେ ଦୁଃଖର କଥା ମନ୍ଦିର ପାଚେରୀ ଫାଟି ଗଲାଣି ସେଥିପ୍ରତି ଦେବତ୍ତର ବିଭାଗ ଧ୍ୟାନ ଦେଇନାହାନ୍ତି। ପ୍ରତିବର୍ଷ ହରିଶଙ୍କର ମହୋତ୍ସବ ପାଳନ କରାଯାଇଥାଏ ଏବର୍ଷ ମଧ୍ୟ ଗତ ୮ ତାରିଖରୁ ଆରମ୍ଭ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମଞ୍ଚ ତିଆରି କରାଯାଇଛି ସେଥି ମଧ୍ୟରୁ ଗୋଟିଏ ମଞ୍ଚ ଭାଙ୍ଗି ପଡ଼ିଛି। ରାଜ୍ୟପାଳ ଙ୍କ ଆସିବା କାର୍ଯ୍ୟକ୍ରମ ଥିଲା ଏହା ଜାଣି ବ୍ଲକ ପ୍ରଶାସନ ଦେବତ୍ତର ବିଭାଗ ତତ୍ପରତା ସହ କାମ କରୁଥିଲେ ରାଜ୍ୟପାଳ ଙ୍କ ଆସିବା ବାତିଲ ହେବା ଜାଣି ଏବେ ସମସ୍ତ କାର୍ଯ୍ୟରେ ଶିଥିଳତା ଦେଖାଦେଇଛି। ଖପ୍ରାଖୋଲ ରୁ ହରିଶଙ୍କର କୁ ଯାଇଥିବା ମୁଖ୍ୟ ରାସ୍ତା ର ମରାମତି କରାଯାଉଛି ଯାହାକି ମେଳା ହେବା ପୂର୍ବରୁ ହେବା କଥା। ହରିଶଙ୍କର ମହୋତ୍ସବ ପାଳନ ପାଇଁ ବୈଠକ ଡାକି କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଏ ହେଲେ ବାସ୍ତବ କ୍ଷେତ୍ରରେ ତାହା ଫେଲ ମାରିଯାଏ। ଲକ୍ଷ ଲକ୍ଷ ଟଙ୍କା କେବଳ ମନୋରଞ୍ଜନ ପାଇଁ ଖର୍ଚ୍ଚ କରାଯାଉଥିବା ବେଳେ ମନ୍ଦିର ସୁରକ୍ଷା ଭକ୍ତ ମାନଙ୍କ ପାଇଁ ବ୍ୟବସ୍ଥା ପ୍ରଶାସନ ତରଫରୁ କିମ୍ବା ଦେବତ୍ତର ବିଭାଗ ଧ୍ୟାନ ଦେଉଥିବା ପରିଲକ୍ଷିତ ହୁଏ ନାହିଁ। ହରିଶଙ୍କର କୁ ଯିବା ମୁଖ୍ୟ ରାସ୍ତା ଯେପରି ହୋଇଛି ଯାନ ବାହାନ ଚଳାଚଳ ବେଳେ ଦୁର୍ଘଟଣା ତଥା ମନ୍ଦିର ପାଚେଇ କେତେବେଳେ କେଉଁ ମୁହୂର୍ତ୍ତରେ ଭକ୍ତ ମାନଙ୍କ ଉପରେ ପଡ଼ିଯିବା ସମ୍ଭାବନା କୁ ଏଡାଇ ଦିଆଯାଇନପାରେ। ପ୍ରତିବର୍ଷ ହରିଶଙ୍କର ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଲୋକଙ୍କ ପାଇଁ ଯେଉଁ ପ୍ରକାର ସୁବିଧା ଯୋଗାଇ ଦେଇଥାନ୍ତି ଦେବତ୍ତର ବିଭାଗ କିମ୍ବା ବ୍ଲକ ପ୍ରଶାସନ ସେତେଟା ସୁବିଧା ଯୋଗାଇ ଦେଉଥିବା ଦେଖିବାକୁ ମିଳେନାହିଁ। ସେସବୁ ଦୃଷ୍ଟି କୋଣରୁ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ହରିଶଙ୍କର ମନ୍ଦିର ସୁରକ୍ଷା ଓ ଗମନା ଗମନ ଏବଂ ଭକ୍ତ ମାନଙ୍କ ସୁବିଧା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବସ୍‌ଷ୍ଟାଣ୍ଡରେ ପସୁନି ଘରୋଇ ଓ ସରକାରୀ ବସ

# ବାଧକ ସାଜିଛି ଅଣ ଓସାରିଆ ଆପ୍ରୋଚ ରୋଡ଼






ବେତନଟୀ,୯।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ରହିଛି ୧୮ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବେତନଟୀ ନୂତନ ସରକାରୀ ବସଷ୍ଟାଣ୍ଡ। ଏହି ବସଷ୍ଟାଣ୍ଡ ନିର୍ମାଣ ସରି ଲୋକାର୍ପଣ ଉତ୍ସବ ହେବାର ୧୮ ମାସ ବିତିଥିଲେ ମଧ୍ୟ ବସ ଷ୍ଟାଣ୍ଡକୁ କେବଳ ପୂର୍ବରୁ ଥିବା ଲକ୍ଷ୍ମୀ ବସ ଏବେର ମୋ ବସ ପ୍ରବେଶ କରୁଛି। ଅଣ ଓସାରିଆ ଆପ୍ରଚ ରୋଡ଼ ପାଇଁ ବସଗୁଡିକ ପ୍ରବେଶ ଓ ବାହାରିବା ସମସ୍ୟା ହେଉ ଥିବାବେଳେ ସମସ୍ତ ଘରୋଇ ବସ ପ୍ରବେଶ କରୁନଥିବା ଜଣାପଡ଼ିଛି। ଏଭଳିକି ରାଜ୍ୟ ପରିବହନ ନିଗମର ତିନୋଟି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଳାସପୂର୍ଣ ବସ ମଧ୍ୟ ବେତନଟୀ ରାସ୍ତା ଦେଇ ପୁରୀ, ଭୁବନେଶ୍ୱର, ରାଉଲକେଲାକୁ ଯାତାୟାତ କରୁଥିଲେ ମଧ୍ୟ ବେତନଟୀ ବସଷ୍ଟାଣ୍ଡକୁ ପ୍ରବେଶ କରୁନଥିବାରୁ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ଧରି ବେତନଟୀ ଠାରେ ଚାଲୁଥିଲା ଅସ୍ଥାୟୀ ବସଷ୍ଟାଣ୍ଡ, ଏହି ଅସ୍ଥାୟୀ ବସଷ୍ଟାଣ୍ଡ ସ୍ଥାନରେ ସ୍ଥାୟୀ ବସଷ୍ଟାଣ୍ଡ କରିବା ପାଇଁ ସରକାରୀ ଜମି ନଥିବାରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ସରକାର ପୁଞ୍ଜି ବିନିଯୋଗ କରିବାରେ ପ୍ରତିବନ୍ଧକ ରହିଥିଲା। ବେତନଟୀ ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଦୀର୍ଘ ଦିନର ଦାବି ପରେ ପ୍ରଶସ୍ତ ସରକାରୀ ଜମି ଥିବା ସ୍ଥାନରେ ନିର୍ମାଣ ହେଲା ନୂତନ ସରକାରୀ ବସଷ୍ଟାଣ୍ଡ। ଏହି ସରକାରୀ ବସଷ୍ଟାଣ୍ଡ ୧୮ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଙ୍ଗଲାଛକ ନିକଟରେ ଅଗଷ୍ଟ ୨୩, ୨୦୨୩ ମସିହାରେ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇ ଲୋକାର୍ପଣ ଉତ୍ସବ ପାଳନ ହୋଇସାରିଛି। ଏହି ପାଳନ ହେବାର ୧୮ମାସ ବିତିଥିଲେ ମଧ୍ୟ ବସ ଗୁଡିକ ପ୍ରବେଶ କରୁନଥିବାରୁ ଯାତ୍ରୀ ମହଲରୁ ଅସନ୍ତୋଷ ବୃଦ୍ଧି ପାଉଛି। ଯାତ୍ରୀମାନଙ୍କୁ ପୂର୍ବ ଭଳି ୧୮ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଖରା ବର୍ଷ ଶୀତ କାକର ରେ ଠିଆ ହୋଇ ବସ କୁ ଅପେକ୍ଷା କରିବାକୁ ପଡୁଛି। ଏଭଳିକି ଯାତ୍ରୀମାନଙ୍କ ପାଇଁ ବିଶ୍ରାମଗୃହ ଶୌଚାଳୟ ପାନୀୟଜଳ ସାଧାରଣ ସୁବିଧାରୁ ପୁରୁଷ ସମେତ ମହିଳା ଯାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ମୟୂରଭଞ୍ଜ ଜିଲ୍ଲାର ସମଗ୍ର ଅଞ୍ଚଳକୁ ବସ ଯାଉଥୁବା ବେଳେ ବାଲେଶ୍ୱର ଭୁବନେଶ୍ୱର ପୁରୀ ରାଉରକେଲା କେନ୍ଦୁଝର ଝାରସୁଗୁଡା ସମ୍ବଲପୁର ଅନୁଗୁଳ ପ୍ରମୁଖ ସ୍ଥାନକୁ ଯିବା ଆସିବା ପାଇଁ ଯାତ୍ରୀମାନେ ପ୍ରତିଦିନ ରାତି ୩ ଟା ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବସରେ ଯିବା ଆସିବା କରିବା ପାଇଁ ଅପେକ୍ଷା କରିରହୁଛନ୍ତି। ବସଗୁଡିକ ଜାତୀୟ ରାଜପଥର ଅଣ ଓସାରିଆ ଆପ୍ରଚ ରୋଡ଼ରେ ଠିଆ ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟାରେ ବାଧା ସୃଷ୍ଟି ହେଉଥିବା ସହ ସଡ଼କ ଦୁର୍ଘଟଣାକୁ ଏଡାଇ ଦିଆଯାଇନପାରେ।

## ରାସ୍ତା ଅବରୋଧକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ



ଦେବଗଡ଼,୯।୫(ସଂଚାର ବ୍ୟୁରୋ): ଦେବଗଡ଼ ପୌରାଞ୍ଚଳରେ ରାସ୍ତା ଅବରୋଧ କରି ବ୍ୟବସାୟୀମାନଙ୍କ ବିରୋଧରେ ପୌର ପରିଷଦ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୌରାଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନରେ ଦୋକାନ ଖୋଲି ରାସ୍ତା ଉପରେ ସାମଗ୍ରୀ ରଖୁଥିବା ବ୍ୟବସାୟୀଙ୍କର ବିଭିନ୍ନ ଦୋକାନ ସାମଗ୍ରୀ ଜବତ କରାଯାଇଛି। ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ସହିତ ପୌର ପ୍ରଶାସନ ଏବଂ ପୋଲିସ ସଦଳବଳ ପୌରାଞ୍ଚଳର ମୁଖ୍ୟ ବଜାର ଓ ଆଖପାଖ ଅଞ୍ଚଳରେ ଯାଞ୍ଚ କରିବା ସହ ଦୋକାନ ବାହାରେ ବିଭିନ୍ନ ସାମଗ୍ରୀ ରଖି ରାସ୍ତା ଅବରୋଧ କରିଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ସମୟରେ ରାସ୍ତା ଉପରେ ସାମଗ୍ରୀ ରଖି ରାସ୍ତା ଅବରୋଧ କରିଥିବା ଦୁଇଜଣ ବ୍ୟବସାୟୀଙ୍କ ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ପରେ ଉକ୍ତ ବ୍ୟବସାୟୀ ଦ୍ୱୟଙ୍କଠାରୁ ୪ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିବା ପରେ ଜବତ ହୋଇଥିବା ଉକ୍ତ ସାମଗ୍ରୀ ଫେରସ୍ତ କରିବା ସହ ସହିତ ଭବିଷ୍ୟତରେ ଏହାର ପୁନରାବୃତ୍ତି ନ କରିବାକୁ ଚେତାବନୀ ଦେଇଥିଲେ। ଏହି ସମୟରେ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଆସିଷ୍ଟାଣ୍ଟ କଲେକ୍ଟର ରେଖା ମହାନ୍ତ ଉପସ୍ଥିତ ଥିଲେ। ପୌର ପରିଷଦ ପକ୍ଷରୁ ପୌରାଞ୍ଚଳରେ ନିୟମିତ ଯାଞ୍ଚ କରାଯିବ ଏବଂ ରାସ୍ତା ଅବରୋଧକାରୀ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## ବିଭାଗୀୟ ଅବହେଳା: ହୋଇପାରୁନି ଶ୍ରମିକଙ୍କ ନାମ ପଞ୍ଜୀକରଣ



ଦେବଗଡ଼,୯।୫(ସଂଚାର ବ୍ୟୁରୋ): ଶ୍ରମ ବିଭାଗର ଚରମ ଅବହେଳା, ଉଦାସୀନତା ତଥା ଅବହେଳା ପାଇଁ ଦେବଗଡ଼ ଜିଲାରେ ବହୁ ଶ୍ରମିକ ବଞ୍ଚିତ ହୋଇଥିବା ବେଳେ ଶତାଧିକ ଶ୍ରମିକଙ୍କର କାର୍ଡ ନବୀକରଣ ହୋଇପାରୁନାହିଁ। ଏପରିକି ଅନ୍‌ଲାଇନ୍ ଯୋଗେ ଆବେଦନ କରିଥିଲେ ହେଁ ଶହଶହ ଶ୍ରମିକଙ୍କ ନାମ ପଞ୍ଜୀକୃତ ହୋଇପାରିନାହିଁ। ଫଳରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏପରିକି ବିବାହ କାଳୀନ ସହାୟତା, ମୃତ୍ୟୁ କାଳୀନ ସହାୟତା ଓ ଶିକ୍ଷା ସହାୟତା ପାଇବାରୁ ବଞ୍ଚିତ ହେବା ସହ ସେମାନଙ୍କ ମଧ୍ୟରେ ଘୋର ହତାଶା ଭାବ ପ୍ରକାଶ ପାଇଛି। ଫଳରେ ଦେବଗଡ଼ ଜିଲା ଶ୍ରମିକ ଟ୍ରେଡ୍ ୟୁନିଅନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇବା ସହ ଏହାର ସମାଧାନ ପାଇଁ ଶ୍ରମ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଦାବି କରାଯାଇଛି। ଜିଲା ଶ୍ରମିକ ଟ୍ରେଡ୍ ୟୁନିଅନର ସଭାପତି ନିରାକାର ପ୍ରଧାନ, ଉପସଭାପତି କୃଷ୍ଣଚନ୍ଦ୍ର ଭୋଇ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପ୍ରଧାନ, ସହସମ୍ପାଦକ ମନୋଜ ଦଣ୍ଡିଆ, କାର୍ଯ୍ୟକାରୀ କମିଟି ସଦସ୍ୟ ଡୋଳାକାର ଭୋଇ ଓ ଉପଦେଷ୍ଟା ହୀରାଧର ସାହୁଙ୍କ ସମେତ ଟ୍ରେଡ୍ ୟୁନିଅନର ବହୁ ସଦସ୍ୟ ଓ କର୍ମକର୍ତ୍ତା ଦେବଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ଜିଲା ଶ୍ରମ ଅଧିକାରିଣୀଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଜିଲା ଶ୍ରମିକ ଟ୍ରେଡ୍ ୟୁନିଅନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ସହ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦିଆଯାଇଛି।

## ନାହିଁ ନାହିଁର ଗାଁ ଢେଙ୍କାନାଳ ଜିଲ୍ଲାର ସର୍ପଣୀ

ଢେଙ୍କାନାଳ,୯।୫(ସଂଚାର ବ୍ୟୁରୋ): ନାହିଁ ନାହିଁର ଗାଁ ଢେଙ୍କାନାଳ ଜିଲ୍ଲାର ସର୍ପଣୀ । ବଣ, ଜଙ୍ଗଲ ଘେରା ଏ ଗାଁରେ ଅଭିଶପ୍ତ ଜୀବନ ଜିଉଁଛନ୍ତି ଜୁଆଙ୍ଗ ପରିବାର । ବଞ୍ଚିବା ପାଇଁ ଜଙ୍ଗଲଜାତ ଫଳ ଓ ଚୂଆ ପାଣି ଏମାନଙ୍କ ଭରଷା। ଭୁବନ ବ୍ଲକ ମଠକରଗୋଳା ପଞ୍ଚାୟତରେ ରହିଛି ଏ ଆଦିବାସୀ ଗାଁ । ଏଠି ୩୦ରୁ ଅଧିକ ପରିବାର ବସବାସ କରନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରନ୍ତି । ସରକାରଙ୍କଠାରୁ ମିଳୁଥିବା ଚାଉଳ ଉପରେ ଏମାନେ ନିର୍ଭରଶୀଳ । ଗମନା ଗମନ କହିଲେ, ଏ ଖାଲଖମା ରାସ୍ତା । ରାସନ ଆଣିବା ପାଇଁ ପ୍ରାୟ ୨୦ କିଲୋମିଟର ଅଙ୍କାବଙ୍କା ଖାଲଖମା ରାସ୍ତା ଚାଲିବାକୁ ପଡ଼ିଥାଏ । ପାନୀୟ ଜଳ ପାଇଁ ବୋରଓ୍ୱେଲ ଖୋଳାଯାଇ ଗାଁରେ ବିଛାଯାଇଛି ପାଇପ । କିନ୍ତୁ ସେଥିରୁ ପାଣି ଆସୁନାହିଁ । ନଳକୂପ ଥିଲେ ବି ତାର ପାଣି ପିଇବା ଉପଯୋଗୀ ନୁହଁ । ଗାଁ ନିକଟ ଜଙ୍ଗଲରେ ଥିବା ଚୂଆ ଉପରେ ନିର୍ଭର କରିଥାଆନ୍ତି ଅଞ୍ଚଳବାସୀ। ଏଠି ଲୋକଙ୍କ ପାଖରେ ଦୁଇ ଓଳି ଖାଇବା ଯୋଗାଡ଼ କରିବାକୁ ଟଙ୍କା ନଥିବା ବେଳେ, ଦେହ ପା କଥା ପଚାରେ କିଏ । ରୋଗରେ ପଡ଼ିଥିବା ରୋଗୀ ଏଠି ଜଙ୍ଗଲ କୋଳି ଖାଏ ବଞ୍ଚେ । ଗତ ୨୪ ବର୍ଷର ସ୍ଥିର ସରକାର ଏମାନଙ୍କ ଦୁଃଖ ଶୁଣିଲେନି । ଏବେର ବିଜେପି ସରକାର ଦୁଃଖ ଦୂର କରିବେ ବୋଲି ଆଶା ।



# ଗାଡ଼ି ସହ ଚାଳକଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ବାରଙ୍ଗ,୯।୫(ସଂଚାର ବ୍ୟୁରୋ): ବାରଙ୍ଗ ଥାନା ଅଧିନସ୍ଥ ଗୋଡ଼ିସାହି ମୁଣ୍ଡଳି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଗୋରୁ ଚାଲାଣ କରୁଥିବା ଗୋଟିଏ କାର୍‌କୁ ପୋଡ଼ି ଦେବା ସହିତ ଜଣକୁ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ପ୍ରକାଶ ଯେ, ଶୁକ୍ରବାର ଭୋର୍ ସମୟରେ ଗୋଡ଼ିସାହି ମୁଣ୍ଡଳି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର କିଛି ଦୂରରେ ଥିବା କଣ୍ଟା ବାସେଳୀ ମନ୍ଦିର ଜଙ୍ଗଲ ରାସ୍ତାରେ ମୃତଦେହ ପଡ଼ିଥିବାର ଦେଖିବାକୁ ମିଳିଥିଲା।

# ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ




ସୁନ୍ଦରଗଡ଼,୯।୫(ସଂଚାର ବ୍ୟୁରୋ): ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ଭବନ ଠାରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ଉପରେ ଆଲୋଚନା କରା ଯାଇଥିଲା। ବୈଠକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରାଉରକେଲା ପକ୍ଷରୁ ନିଜ ନିଜ ଅଞ୍ଚଳ ଅନ୍ତର୍ଗତ ଗ୍ରହଣ କରାଯାଇ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ ବିଗତ ବର୍ଷ ଗୁଡ଼ିକ ସହିତ ଚଳିତ ବର୍ଷର ମୋଟର ଯାନ ଦୁର୍ଘଟଣା ସମ୍ପର୍କରେ ତଥ୍ୟ, ବିଭାଗୀୟ ଏନଫୋର୍ସମେଣ୍ଟ ପୋଲିସ ବିଭାଗ ସହିତ ଯୁଗ୍ମ ଏନଫୋର୍ସମେଣ୍ଟ, ରାତ୍ର କାଳୀନ ପେଟ୍ରୋଲିଂ, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା, ବିଭିନ୍ନ କାରଣରୁ ଲାଇସେନ୍ସ ରଦ୍ଦ ଯଥା ବେନିୟମ ପାର୍କିଂ, ବିନା ହେଲ ମେଟରେ ଗାଡି ଚାଳନା, ଗାଡ଼ି ଚଳେଇବା ସମୟରେ ମୋବାଇଲ ରେ କଥା ହେବା, ଓଭର ଲୋଡ଼ିଂ ଆଦି ତଥା ଦୁର୍ଘଟଣା ହ୍ରାସ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଆଦି ଉପରେ ଉପସ୍ଥାପନ କରା ଯାଇଥିଲା। ସେହିପରି ବୈଠକରେ ମୋଟର ଯାନ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ବିଭାଗ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରା ଯାଇଥିଲା। ବୈଠକରେ ସୋଲାସିୟମ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ ହୋଇଥିବା କିମ୍ବା ଆହତ ହୋଇଥିବା ଲୋକ ମାନଙ୍କୁ କିମ୍ବା ତାଙ୍କର ପରିବାର ଲୋକମାନଙ୍କୁ ସରକାରଙ୍କ ତରଫରୁ କ୍ରମାନ୍ୱୟରେ ୨ ଲକ୍ଷ ଟଙ୍କା ଏବଂ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ବୈଠକ ରେ ବଡ଼ଗାଁ, କୁତ୍ରା ଆଦି ଅଞ୍ଚଳରେ ହେଉଥିବା ଦୁର୍ଘଟଣା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ଏବଂ ଏହାର ପ୍ରତିକାର ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି କିଛି ଅଞ୍ଚଳରେ ସର୍ଭିସ୍ ରୋଡର ଆବଶ୍ୟକତା, ହାଇ ୱେ ତଥା ବାଇପାସ୍ ରୋଡ ମାନଙ୍କରେ ଭାରିଯାନ ଗୁଡ଼ିକର ବେନିନୀୟମ ପାର୍କିଂ ସମସ୍ୟା, ଜିଲ୍ଲାର ବିଭିନ୍ନ କମ୍ପାନୀ ଅଞ୍ଚଳ ମାନଙ୍କରେ ବିଭିନ୍ନ ସମସ୍ୟା ଆଦି ଉପରେ ଆଲୋଚନା କରାଯାଇଥିଲା।

# ମହାପ୍ରଭୁଙ୍କୁ ଇଟା ଠେସା ଦେଇ ଅବମାନନା ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ କ୍ଷୋଭ



ତିଗିରିଆ,୯।୫(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅବମାନନା । ଇଟା ଠେସା ଦେଇ ସ୍କାଏଲାଇଟ୍‌ରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ରଖାଯିବା ଭଳି ଏକ ଅଭାବନୀୟ ଘଟଣା ବଡ଼ମ୍ବା ବ୍ଲକ୍ କୁଆଁରପାଳ ପଞ୍ଚାୟତ ଶବର ସାହିରେ ଦେଖିବାକୁ ମିଳିଛି। ସାହିର ପ୍ରଭାକର ଦେହୁରୀଙ୍କ ପକ୍କା ଘରର ସ୍କାଏଲାଇଟ୍‌ରେ ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଇଟା ଠେସା ଦେଇ ରଖାଯାଇଛି । ଏନେଇ ଜଗନ୍ନାଥ ପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି । ଦୀର୍ଘ ୧୦ ବର୍ଷ ହେବ ଏହି ସ୍କାଏଲାଇଟ୍‌ରେ ଠାକୁର ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ସାନ ସଉତୁଣୀଙ୍କ ଟାଙ୍ଗିଆ ଚୋଟରେ ବଡ଼ ସଉତୁଣୀର ମୃତ୍ୟୁ

ଜୟପୁର,୯।୫(ସଂଚାର ବ୍ୟୁରୋ): ଦୁଇ ସଉତୁଣୀ ଲାଗିଲେ କଳି। କଳି ନେଲା ଉଗ୍ର ରୂପ ବଡ଼ ସଉତୁଣୀ ସାନ ସଉତୁଣୀ କୁ ଜୀବନ ରୁ ଶେଷ କରିବା କୁ ନେଲା ନିଷ୍ପତି। ସାନ ସଉତୁଣୀ ରାତିରେ ଶୋଇଥିବା ସମୟରେ ଟାଙ୍ଗିଆ ରେ ହାଣି ନେଇଗଲା ଜୀବନ। ଏପରି ଏକ ଅଘଟଣ ଘଟିଛି ଜୟପୁର ସବଡ଼ିଭିଜନ ବୈପାରୀଗୁଡା ଥାନା ଦୋରାପୁଟ ଗ୍ରାମରେ। ଦୋରାପୁଟ ଗ୍ରାମ ବିନୋଦ ବାରିକ ୮ ବର୍ଷେ ତଳେ ଘୁମର ପଂଚାୟତ ଆଟୁଗୁଡା ଗ୍ରାମ ର ସତ୍ୟବତୀ ବାରିକ ଙ୍କୁ ବିବାହ କରିଥିଲା ଏବଂ ତାଙ୍କ ର ଦୁଇଟି ସନ୍ତାନ ହୋଇଥିଲେ ଏବଂ ପରେ ଦଣ୍ଡାବାଡ଼ି ଗ୍ରାମ ର ବୈଜନ୍ତି ବାରିକ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଦୁଇ ସଉତୁଣୀ ଙ୍କ ମଧ୍ୟ ରେ ବିଭିନ୍ନ ବିଷୟକୁ ନେଇ ଝଗଡ଼ା ଲାଗିରହୁଥିଲା। ଗତ କାଲି ରାତିରେ ବଡ଼ ସଉତୁଣୀ ଶୋଇଥିବା ସମୟରେ ସାନ ସଉତୁଣୀ ଟାଙ୍ଗିଆ ରେ ଆକ୍ରମଣ କରିଥିଲା ଏହା ଚିତ୍କାର ଶୁଣି ଘର ଲୋକ ତାଙ୍କୁ ବୈପାରୀଗୁଡା ଡାକ୍ତରଖାନା କୁ ନେଇଥିଲେ ସେଠାରେ ଚିକିତ୍ସା ସମୟରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଏବଂ



ମୃତ୍ୟୁ ସମୟରେ ୪ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ମୃତ୍ୟୁ ସତ୍ୟବାଦୀ ଙ୍କ ବାପା ଥାନା ରେ ଲିଖିତ ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ ଟିମ ଯାଇ ତଦନ୍ତ କରିବା ସହ ଶବ ଜବତ କରିବା ସହ ହତ୍ୟାକାରୀ ବୈଜନ୍ତି ଙ୍କୁ ପୋଲିସ ଗିରଫ କରିଛି। କିନ୍ତୁ ମୃତ୍ୟୁ ସତ୍ୟବାଦୀ ଙ୍କ ପରିବାର ବର୍ଗ ହତ୍ୟାକାରୀ ଙ୍କୁ ଛାଡ଼ ଆମେ ତାକୁ ହତ୍ୟା କରିବୁ ବୋଲି ଥାନା ସହ ବୈପାରୀଗୁଡା ଛକ ରେ ଶବ ରଖି ରାସ୍ତା ରୋକ କରିଥିଲେ ଜୟପୁର ଏସଡିପିଓ ପୋଲିସ ଲୋକଙ୍କୁ ବୁଝା ସୁଝା କରିବା ସହ ଶବ ବ୍ୟବଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକରି ସୂଚନା ଦେଇଛନ୍ତି।

- ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ପାଳନର ତ୍ରୟୋଦଶ ଦିବସ

## କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଓ ସାହିତ୍ୟ ଚର୍ଚ୍ଚା

ବାଲେଶ୍ୱର,୯।୫(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ତ୍ରୟୋଦଶ ଦିବସରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଉପଲକ୍ଷେ ରବୀନ୍ଦ୍ର ସାହିତ୍ୟ ଚର୍ଚ୍ଚା ଗାଳ୍ପିକ ନିବାରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ରନାଥ ରଚନା କରିଥିବା କବିତା, ଗଳ୍ପ, ଉପନ୍ୟାସ ଓ ଗୀତିନାଟ୍ୟ ଆଦି ଭାରତର ସାହିତ୍ୟ ଉପରେ ଗଭୀର ପ୍ରଭାବ ପକାଇଥିବା କଥା ସେ ତାଙ୍କର ବକ୍ତବ୍ୟରେ ସୂଚିତ କରାଇଥିଲେ। ବରିଷ୍ଠ ଗବେଷିକା ଡ. ସାନ୍ତ୍ୱନା ହାଲଦାର ଓଡ଼ିଆ ଭାଷା ଆନ୍ଦୋଳନ ସହ ରବୀନ୍ଦ୍ରନାଥଙ୍କ ସମ୍ପର୍କ ତଥା ତାଙ୍କ ସାହିତ୍ୟରେ ଓଡ଼ିଶାର ପ୍ରଭାବ ଉପରେ ବିସ୍ତୃତ ଭାବରେ ଆଲୋଚନା କରି ରବୀନ୍ଦ୍ରନାଥଙ୍କ ଚିତ୍ରାଙ୍ଗନା ଗୀତିନାଟ୍ୟର ଚିତ୍ରାଙ୍ଗନା ଚରିତ୍ରଟିକୁ ରବୀନ୍ଦ୍ରନାଥ ଓଡ଼ିଶୀ କନ୍ୟାଭାବରେ ଚିତ୍ରଣ କରିଥିବାର ସୂଚନା ଦେଇଥିଲେ। ରବୀନ୍ଦ୍ର ସାହିତ୍ୟର ଅନୁବାଦକ ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କର ଏକାବନ ଗୋଟି ଗଳ୍ପ ବିଚିତ୍ର ବିଷୟ ବସ୍ତୁରେ ଯେପରି ସମୁଜ୍ଜ୍ୱଳ, କାହାଣୀ ପ୍ରୟୋଗରେ ତତୋଧିକ ହୃଦୟଗ୍ରାହୀ ବୋଲି ପ୍ରକାଶ କରିଥିଲେ।

## ଜିଲ୍ଲା ପ୍ରଶାସନର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତାରଣା

# ବର୍ଷେ ବିତିଲାଣି, ନାହାନ୍ତି ସ୍ଥାୟୀ ଫାର୍ମାସିଷ୍ଟ




ଯାଜପୁର ରୋଡ଼,୯।୫(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଭୌଗୋଳିକ ଦୃଷ୍ଟିରୁ କୋରେଇ ବ୍ଲକଟି ନିପଟ ଗ୍ରାମାଞ୍ଚଳର ବ୍ଲକ ଭାବେ ପରିଚିତ। ଏହି ଗ୍ରାମାଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ବୈମାତୃକ ମନୋଭାବ ପାଇଁ ଏଠାରେ ରୋଗୀ ସେବା ବ୍ୟାଘାତ ହେଉଛି ବୋଲି ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ ଯୋଗ୍ୟ କି କୋରେଇ ବ୍ଲକର ୨୮ ଗୋଟି ପଂଚାୟତରୁ ପାଖା ପାଖି ୨୦ ଗୋଟି ପଂଚାୟତ ଜନସାଧାରଣ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି।ପ୍ରତ୍ୟେକ ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରୁ ଡାକ୍ତର ମାନେ ରୋଗୀ, ଏହି ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ମାନଙ୍କୁ ରେଫର ବି କରନ୍ତି। ସେଥିପାଇଁ ଶହ ଶହ ରୋଗୀ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି।ଦୁଃଖର ବିଷୟ ଏଠାରେଦୀର୍ଘ ବର୍ଷ ହେବ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଦନ୍ତ ବିଶେଷଜ୍ଞ ପଦ ଖାଲି ପଡ଼ିଛି। ଏହାରୀ ମଧ୍ୟରେ ୧ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଫାର୍ମାସିଷ୍ଟ ପଦବୀ ଖାଲି ପଡ଼ିଛି।କୋରେଇ ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଥିବା ଫାର୍ମାସିଷ୍ଟଙ୍କୁ ଅଦଳ ବଦଳ କରି ଚାଲିଛି ନିରାମୟ ସେବା।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ୨୪ ଘଂଟିଆ ଔଷଧ ମିଳିବାର ନିୟମ ଥିବା ବେଳେ ମାତ୍ର ଦିନରେ ୫ ରୁ ୬ ଘଂଟା ରୋଗୀ ମାନେ ନିରାମୟ ସେବା ପାଇ ପାରୁଛନ୍ତି ବୋଲି ଶୁଣାଯାଏ ଓ ଅନ୍ୟ ସମୟରେ ରୋଗିମାନେ ଘରୋଇ ଔଷଧ ଦୋକାନରୁ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।ସରକାର ନିରାମୟ ରେ ସମସ୍ତ ପ୍ରକାର ରୋଗ ପାଇଁ ମାଗଣା ଔଷଧ ସେବା ଯୋଗାଉଥିବା ବେଳେ କିନ୍ତୁ ପ୍ରକୃତରେ ତୃଣମୂଳ ସ୍ତରରେ ଏହାର ସୁଫଳ ରୋଗୀ ପାଇ ପାରୁନାହାନ୍ତି।ଯାହା ପାଇଁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାମୟ ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହେଉଛି। ଏପରି ସମସ୍ୟା ଗୁଡିକ ଉପରେ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ଟମାଟୋ ଦରକୁ ନେଇ ଉଚ୍ଚବାଚ

# ସେନା କର୍ମଚାରୀଙ୍କୁ କାମୁଡ଼ିଲେ ବ୍ୟବସାୟୀ

ଚଣ୍ଡିଖୋଲ,୯।୫(ସଂଚାର ବ୍ୟୁରୋ): ଟମାଟୋ ଦରକୁ କେନ୍ଦ୍ରକରି ହାଟରେ ବଚସା। ଉତକ୍ଷିପ୍ତ ହୋଇ ସେନା କର୍ମଚାରୀଙ୍କୁ କାମୁଡି ଦେଲେ ବ୍ୟବସାୟୀ। ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ଚମ୍ପାପୁର ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଖବରପାଇ ଘଟଣାସ୍ଥଳରେ ବୈରୀ ପୋଲିସ ପହଞ୍ଚି ସେନା କର୍ମଚାରୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା। ତେବେ ମେଡିକାଲରେ ଚିକିତ୍ସିତ ହୋଇ ସେନା କର୍ମଚାରୀ ହେଡ କ୍ୱାର୍ଟରକୁ ଯାଇଛନ୍ତି। ସୂଚନା ଅନୁସାରେ, ଅରୁଣାଚଳ ପ୍ରଦେଶର ୧୦ମ ବାଟାଲିୟନ ହେଡ କନେଷ୍ଟବଳ ଭାବେ କାର୍ଯ୍ୟ ଚମ୍ପାପୁର ଗାଁର ରମେଶ ସେଠୀ କାମ କରୁଛନ୍ତି।

ଗୁରୁବାର ହେଡ୍ କ୍ୱାର୍ଟରକୁ ଯିବା ପୂର୍ବରୁ ଘର ପାଇଁ ପରିବା କିଣିବାକୁ ସ୍ଥାନୀୟ ଚମ୍ପାପୁର ହାଟକୁ ଯାଇଥିଲେ। ସେହି ସମୟରେ ଜଣେ ବ୍ୟବସାୟୀଙ୍କ ଠାରୁ ଟମାଟୋ କିଣିବା ବେଳେ ଟମାଟୋ ଦରକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯାହାକୁ ନେଇ ବ୍ୟବସାୟୀ ଜଣକ ଉତ୍‌କ୍ଷିପ୍ତ ହୋଇ ସେନା କର୍ମଚାରୀଙ୍କ ପେଟକୁ କାମୁଡି ଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ବୈରୀ ପୋଲିସ ପହଞ୍ଚି ସେନା କର୍ମଚାରୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା। ଏହାପରେ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସଂଚାର SANCHAR ଶନିବାର ୩ ମେ ୨୦୨୫



# ବିଜ୍ଞାନ



## ବିଶ୍ୱରେ ହେବ ଅକ୍ଟୋପସ୍ ରାଜୁତି!

**ମାନବ ଅନୁପସ୍ଥିତିରେ ଉନ୍ନତ ସଭ୍ୟତା ବିକଶିତ କରିବା ନିମନ୍ତେ ଅକ୍ଟୋପସ୍‌ମାନଙ୍କର ଯଥେଷ୍ଟ ଦକ୍ଷତା ଅଛି। ସମସ୍ୟା ସମାଧାନ ସାମର୍ଥ୍ୟ, ବିକେନ୍ଦ୍ରିତ ସ୍ନାୟୁଚକ୍ର ଓ କୌଣସି ଜିନିଷକୁ ଆଂଶିକ ପରିବର୍ତ୍ତନ କରିବାର ଦକ୍ଷତା ଯୋଗୁଁ ସେମାନେ ଅପ୍ରୀତିକର ପରିବେଶରେ ତିଷ୍ଠି ରହିପାରିବେ।**

ଯଦି କେବେ ଯୁଦ୍ଧ କିଂବା ଜଳବାୟୁ ପରିବର୍ତ୍ତନ ଭଳି ମହାସଂକଟର ସମ୍ମୁଖୀନ ହୋଇ ମାନବ ପ୍ରଜାତି ଲୋପ ପାଇଯାଏ, ତେବେ ପୃଥିବୀରେ ଅକ୍ଟୋପସ୍‌ମାନେ ରାଜୁତି କରିବେ ବୋଲି କେତେକ ଅଗ୍ରଣୀ ବୈଜ୍ଞାନିକ କହୁଛନ୍ତି। ସେମାନଙ୍କର ଧୀଶକ୍ତି, ଦକ୍ଷତା ଓ ନୂତନ ପରିବେଶରେ ଖାପ ଖାଇ ଚଳିବା ଭଳି ଗୁଣ ହିଁ ସେମାନଙ୍କୁ ଉନ୍ନତ ସଭ୍ୟତା ବିକାଶକାରୀ ପ୍ରାଣୀରେ ପରିଣତ କରିଥାଏ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ପ୍ରଫେସର୍ ଟିମ୍ କୋଲ୍‌ଜନ୍‌ଙ୍କ ମତରେ, ଉପଯୁକ୍ତ ପାରିବେଶିକ ପରିସ୍ଥିତି ଆସିଲେ ମାନବ ଭଳି ଅକ୍ଟୋପସ୍‌ମାନେ ବି ଯନ୍ତ୍ରପାତି ଓ ପ୍ରଯୁକ୍ତିର ବିକାଶ କରି ଜଳତଳ ନଗରୀ ନିର୍ମାଣ କରିପାରିବେ।

'ଡେଲି ମେଲ୍' ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ ଅନୁସାରେ, କେତେକ ବିଶେଷ ଗୁଣ ଯୋଗୁଁ ଅକ୍ଟୋପସ୍‌ମାନେ ଅନ୍ୟ ଜୀବଙ୍କଠାରୁ ନିଆରା। ସମସ୍ୟା ସମାଧାନ ସାମର୍ଥ୍ୟ, ବିକେନ୍ଦ୍ରିତ ସ୍ନାୟୁଚକ୍ର ଓ କୌଣସି ଜିନିଷକୁ ଆଂଶିକ ପରିବର୍ତ୍ତନ କରିପାରୁଥିବାର ଦକ୍ଷତା ସୂଚାଉଛି ଯେ, ସେମାନେ ଅପ୍ରୀତିକର ପରିବେଶରେ ତିଷ୍ଠି ରହିପାରିବେ। କଙ୍କାଳ ନ ଥିବାରୁ ସେମାନେ ଭୂଇଁରେ ଯାଇ ବସବାସ କରିପାରିବେ ନାହିଁ ସତ, କିନ୍ତୁ କିଛି ସମୟ ପାଣିରୁ ବାହାରି ଚଳପ୍ରଚଳ କରିପାରିବେ। ଏଥିପାଇଁ ସେମାନେ ଅବଶ୍ୟ ଉନ୍ନତଧରଣର ଶ୍ୱାସକ୍ରିୟା ସମ୍ପାଦନ ଉପକରଣ ବିକଶିତ କରିବାର ଉପାୟ ବାହାର କରିବେ। କାରଣ, ସମୁଦ୍ର ଭିତରେ ଏବେ ମଧ ସେମାନେ ବିଭିନ୍ନ ଉପକରଣ ବ୍ୟବହାର କରିପାରୁଛନ୍ତି। ଏହାଛଡ଼ା, ପ୍ରତିକୂଳ ଓ ଜଟିଳ ପରିସ୍ଥିତିରେ ବି ସେମାନେ ଗଭୀର ସମୁଦ୍ରଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଜଳରାଶିରେ ତିଷ୍ଠି ରହିପାରୁଛନ୍ତି।

ମାନବ ପ୍ରଜାତି ବିଲୁପ୍ତ ହୋଇଗଲେ ବାନର ତାଙ୍କ ସ୍ଥାନ ଦଖଲ କରିବ ବୋଲି ପୂର୍ବରୁ ବୈଜ୍ଞାନିକମାନେ ଯାହା ଆକଳନ କରିଥିଲେ ତାହା ସମ୍ଭବ ନୁହେଁ ବୋଲି ଗବେଷକମାନେ ଯୁକ୍ତି ବାଢ଼ୁଛନ୍ତି। ସେମାନେ କହୁଛନ୍ତି କି, ସେଭଳି ପରିସ୍ଥିତିରେ ମାନବ ପରି ବାନର ମଧ ବିଲୁପ୍ତ ହୋଇଯିବାର ଆଶଙ୍କା ଅଛି। ବଞ୍ଚି ରହିଲେ ବି ବାନରମାନଙ୍କର ପ୍ରଜନନ ହାର ହ୍ରାସ ପାଇବ, ଅନ୍ୟ ଜନ୍ତୁମାନେ ସେମାନଙ୍କୁ ଶିକାର କରିବେ ଏବଂ ସର୍ବୋପରି ପରିବର୍ତ୍ତିତ ପରିବେଶରେ ସେମାନଙ୍କର ତିଷ୍ଠି ରହିବା ଆଶା ମଧ କ୍ଷୀଣ। ତିଷ୍ଠି ରହିବା କ୍ଷମତା ଥିବା କିଛି ପକ୍ଷୀ ଓ କୀଟପତଙ୍ଗ ଅଛନ୍ତି। କିନ୍ତୁ, ଉପକରଣ ନିର୍ମାଣ ଅଥବା ହାତ ସାହାଯ୍ୟରେ ମଣିଷ ଯେଉଁଭଳି ତା'ର ପାରିପାର୍ଶ୍ୱିକ ଅବସ୍ଥା ପୁନର୍ବିନ୍ୟାସ କରେ, ସେଭଳି ଦକ୍ଷତା ସେମାନଙ୍କର ନାହିଁ।

ପ୍ରଫେସର୍ କୋଲ୍‌ଜନ୍ କହିଛନ୍ତି, ପ୍ରାଧାନ୍ୟ ବିସ୍ତାରକାରୀ ପ୍ରଜାତି ଭାବେ ଅକ୍ଟୋପସ୍‌ର ଉତ୍‌ଥାନ ହୋଇପାରେ ବୋଲି ଯାହା କୁହାଯାଉଛି, ତାହା କଳ୍ପନା ମାତ୍ର। ଅଗଣିତ ଛୋଟବଡ଼ ପରିବର୍ତ୍ତନ, ଆକସ୍ମିକ ଗୁଣସୂତ୍ର ରୂପାନ୍ତରଣ ଓ ବିଲୁପ୍ତୀକରଣ କାରଣରୁ ବିବର୍ତ୍ତନ ସବୁବେଳେ ଅନିଶ୍ଚିତ। କିନ୍ତୁ, ମାନବ ପ୍ରଭାବ ଅନୁପସ୍ଥିତିରେ ଉନ୍ନତ ସଭ୍ୟତା ବିକଶିତ କରିବା ନିମନ୍ତେ ଅକ୍ଟୋପସ୍‌ମାନଙ୍କର ଯଥେଷ୍ଟ ଦକ୍ଷତା ଅଛି।

## ଘର ପାଇଁ ସ୍ମାର୍ଟ ଏଆର୍ ପ୍ୟୁରିଫାୟର୍

ଦିଲ୍ଲୀରେ ବାୟୁ ପ୍ରଦୂଷଣ 'ଚରମ' ସ୍ତରରେ ରହିଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାୟୁ ମାନ ସୂଚକାଙ୍କ ବା 'ଏକ୍ୟୁଆଇ'ର ସ୍ତର 'ମଧମ' ରହିଛି। 'ମଧମ' ସ୍ତରରେ ମଧ ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ପୁଣି ଘର ଭିତରେ ବାୟୁ ପ୍ରଦୂଷଣର ମାତ୍ରା ଅଧିକ ରହୁଥିବାରୁ 'ଏଆର୍ ପ୍ୟୁରିଫାୟର୍' ବା ବାୟୁ ବିଶୁଦ୍ଧୀକରଣ ଯନ୍ତ୍ରର ବ୍ୟବହାର ଏକପ୍ରକାର ଅପରିହାର୍ଯ୍ୟ ହୋଇଯାଇଛି। 'ଜାଓମି ୪ ଲାଇଟ୍ ସ୍ମାର୍ଟ ଏଆର୍ ପ୍ୟୁରିଫାୟର୍' ହେଉଛି ଘରକୁ ପ୍ରଦୂଷଣମୁକ୍ତ ରଖିବାର ଏକ ପ୍ରଭାବଶାଳୀ ଉପକରଣ। ଛୋଟରୁ ମଧମ ଆକାରର କୋଠରି ପାଇଁ ଏହା ଉପଯୁକ୍ତ। ଏଥିରେ ଲାଗିଥିବା ତିନି ପ୍ରସ୍ତ ବିଶିଷ୍ଟ ଫିଲ୍‌ଟର୍ ବାୟୁରୁ ୯୯.୯୯% ୦.୧ ମାଇକ୍ରୋନ୍ କଣିକା ଛାଣିବାର ସାମର୍ଥ୍ୟ ରଖିଥିବାର ଦାବି କରେ। 'ଟ୍ରୁ ହେପା ଫିଲ୍‌ଟର୍' ରୋଗ ସୃଷ୍ଟିକାରୀ ଜୀବାଣୁରୁ ସୁରକ୍ଷା ଦେଇଥାଏ। ଏହି ଉପକରଣଟି ୪୫୦ ବର୍ଗଫୁଟ୍ ଅଞ୍ଚଳକୁ ଶୁଦ୍ଧ ବାୟୁ ଯୋଗାଇବାରେ ସକ୍ଷମ। ୨୪x୨୪x୫୩୩ ମିଲିମିଟର୍ ଆୟତନ ବିଶିଷ୍ଟ ଏହି ପ୍ୟୁରିଫାୟର୍ ଓଜନ ୪.୮ କିଲୋଗ୍ରାମ୍। ଏହା ସର୍ବାଧିକ ୩୩ ୱାଟ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କରିଥାଏ। ଏଥିରେ ଘର ଭିତରର 'ଏକ୍ୟୁଆଇ', ତାପମାତ୍ରା ଓ ଆର୍ଦ୍ରତା ମାପିବା ପାଇଁ ତିନିଟି ସେନ୍‌ସର୍ ଲାଗିଛି। ୱାଇଫାଇ ସାହାଯ୍ୟରେ ସଂଯୋଗ କରି 'ଜାଓମି ହୋମ୍ ଆପ୍' ଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା ସମ୍ଭବ। ଏହା ଚାଲିବା ସମୟରେ ୨୦-୪୫ ଡେସିବଲ୍ ଶବ୍ଦ ସୃଷ୍ଟି କରିଥାଏ। ବର୍ତ୍ତମାନ ବିଭିନ୍ନ ଇ-କମର୍ସ ୱେବ୍‌ସାଇଟ୍‌ରେ 'ଜାଓମି ୪ ଲାଇଟ୍ ସ୍ମାର୍ଟ ଏଆର୍ ପ୍ୟୁରିଫାୟର୍'ର ଦର ରହିଛି ୯,୯୯୯ ଟଙ୍କା।





## ସ୍ଫୁର୍ଫର୍ କବଳରୁ ବର୍ତ୍ତିବେ କେମିତି ?

ଗୋଟିଏ ଅଜଣା ନମ୍ବରରୁ କଲ୍ ଆସିବ। ନିଜକୁ ଜଣେ ପୁଲିସ କିମ୍ବା ବରିଷ୍ଠ ଅଧିକାରୀର ପରିଚୟ ଦେଇ ଆପଣ କୌଣସି ଅପରାଧରେ ସଂପୃକ୍ତ ବୋଲି ସେ ଭୟ ଦେଖାଇବ। ପରେ ଲକ୍ଷାଧିକ ଟଙ୍କା ଦାବି କରିବ। ଆପଣ ଭୟରେ ଟଙ୍କା ଦେଇଦେବେ। ପରେ ଜଣାପଡ଼ିବ କି ଅନ୍‌ଲାଇନ୍ ଲୁଟେରା ଆପଣଙ୍କୁ ଠିକିଛି। କିନ୍ତୁ ଏହି ଲୁଟେରାମାନେ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ କେବେ ବ୍ୟବହାର କରନ୍ତି ନାହିଁ। ଧରା ନପଡ଼ିବା ଲାଗି ତଞ୍ଚକତାପୂର୍ବକ ଅନ୍ୟ ଜଣଙ୍କର ଆକାଉଣ୍ଟ ବ୍ୟବହାର କରନ୍ତି। ଏପରି କାର୍ଯ୍ୟକଳାପକୁ 'ମନି ମ୍ୟୁଲିଙ୍ଗ୍' କୁହାଯାଉଥିବା ବେଳେ ଠକେଇ ଲାଗି ବ୍ୟବହୃତ ବ୍ୟାଙ୍କ୍ ଆକାଉଣ୍ଟକୁ 'ମ୍ୟୁଲ୍ ଆକାଉଣ୍ଟ' କୁହାଯାଏ। ବେଆଇନ ଭାବେ ସଂଗୃହୀତ ଅର୍ଥକୁ ଅପରାଧୀ ମ୍ୟୁଲ୍ ଆକାଉଣ୍ଟରେ କାରବାର କରେ।

**● ସ୍ଫୁର୍ଫର୍‌ଙ୍କ ଠାରୁ ସତର୍କ ରହନ୍ତୁ**

ଯଦି ଠକମାନେ ନିଜର ଆକାଉଣ୍ଟକୁ ବ୍ୟବହାର କରନ୍ତି ତେବେ କେୱାଇସି ନିୟମ ଆଧାରରେ ସେମାନେ ସହଜରେ ଧରା ପଡ଼ିଯିବାର ଭୟ ରହିଛି। ଏହାକୁ ଏଡ଼ାଇବା ଲାଗି ଅପରାଧୀ ବା ସ୍ଫୁର୍ଫର୍‌ମାନେ ଜଣେ ତୃତୀୟ ବ୍ୟକ୍ତିର ଆକାଉଣ୍ଟକୁ ବ୍ୟବହାର କରନ୍ତି। ଉକ୍ତ ତୃତୀୟ ବ୍ୟକ୍ତି ହୁଏତ ନିଜେ ଜାଣି ନଥିବେ ଯେ ତାଙ୍କ ଆକାଉଣ୍ଟ ଅପରାଧ କାମରେ ଲାଗୁଛି। ଆଉ ଏହି କାମ ଲାଗି ସ୍ଫୁର୍ଫର୍ ଏପରି ଲୋକଙ୍କୁ ବାଛିଥାନ୍ତି, ଯେଉଁମାନଙ୍କର ବ୍ୟାଙ୍କ୍ କାରବାର ବିଷୟରେ ଅଧିକ ଜ୍ଞାନ ନଥିବ। ପୁଣି ସ୍ଫୁର୍ଫର୍‌ମାନେ ଆପଣଙ୍କ ଆକାଉଣ୍ଟ୍, କ୍ରେଡିଟ୍ ଓ ଡେବିଟ୍ କାର୍ଡ ବ୍ଲକ୍ ହୋଇଯାଇଛି, ଆପଣ ଆଉ କାରବାର କରିପାରିବେ ନାହିଁ, ବ୍ୟାଙ୍କ୍ ଖାତା ନମ୍ବର, ଆଧାର ଓ ପ୍ୟାନ୍ ନମ୍ବର ଦିଅନ୍ତୁ ବୋଲି ଫୋନ୍ କି ମେସେଜ୍ କରନ୍ତି। ତାଙ୍କ କଥାରେ ଫସି ତଥ୍ୟ ଦେଲାପରେ ସ୍ଫୁର୍ଫର୍ ଆପଣଙ୍କ ନାମରେ ଆକାଉଣ୍ଟ ଖୋଲି ନିଜେ କାରବାର କରିଥାଏ। ସାଧାରଣତଃ ମନି ଲଣ୍ଡରିଂ କିମ୍ବା ଫିସିଂ ସ୍କାମ୍‌ରେ ହିଁ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର ହୋଇଥାଏ। ଅପରାଧୀମାନେ ଉକ୍ତ ଆକାଉଣ୍ଟକୁ ସାଧାରଣ କାରବାର ମାଧମରେ ସକ୍ରିୟ ରଖିଥା'ନ୍ତି, ଯାହାକୁ ବ୍ୟାଙ୍କ୍ ମଧ ଠଉରେଇ ପାରେନାହିଁ।

**● କେମିତି ବର୍ତ୍ତିବେ ?**

ଏପରି ଠକେଇରୁ ବର୍ତ୍ତିବା ପାଇଁ ଆପଣଙ୍କ ବ୍ୟାଙ୍କ୍ ଖାତାକୁ କୌଣସି ଅଜ୍ଞାତ ବ୍ୟକ୍ତି ଯେମିତି କରାୟତ୍ତ କରିନାହାନ୍ତି ତାହା ନିୟମିତ ବ୍ୟବଧାନରେ ପରଖିବା ଉଚିତ। ଯେକୌଣସି ଅଜଣା ଲୋକ ବ୍ୟାଙ୍କ୍ କାରବାର କିମ୍ବା ବ୍ୟକ୍ତିଗତ ତଥ୍ୟ ଦେବାକୁ କହିଲେ ଅଥବା ତାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍‌ସଫର୍ କରିବାକୁ କହିଲେ ଆପଣ ମନା କରନ୍ତୁ ଏବଂ ସତର୍କ ହୋଇଯାନ୍ତୁ। କାହାକୁ ନିଜର ଆଧାର ଓ ପ୍ୟାନ୍ ନମ୍ବର୍ ଦିଅନ୍ତୁ ନାହିଁ। ଯଦି ଭୁଲ୍‌ରେ ତାହା କରିଦେଇଛନ୍ତି ତେବେ ବ୍ୟାଙ୍କ୍ ସହ ଯୋଗାଯୋଗ କରି ଆପଣଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବା ସହିତ ଡେବିଟ୍ ଓ କ୍ରେଡିଟ୍ କାର୍ଡକୁ ବ୍ଲକ୍ କରାନ୍ତୁ। ପୁଲିସ୍ ଓ ସାଇବର୍ ଥାନାରେ ଅଭିଯୋଗ କରନ୍ତୁ।

**● ମ୍ୟୁଲ୍ ଆକାଉଣ୍ଟ ପାଇଁ ସଫ୍‌ଟୱେୟାର୍**

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଏକ ସହଯୋଗୀ ସଂସ୍ଥା ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଇନୋଭେସନ୍ ହବ୍ (ଆର୍‌ବିଆଇଏଚ୍) ଏକ କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ୍ ଲର୍ଣ୍ଣିଂ ମଡେଲ୍ ବିକଶିତ କରିଛି, ଯାହା ବ୍ୟାଙ୍କ୍ ଓ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନଙ୍କୁ ମ୍ୟୁଲ୍ ଆକାଉଣ୍ଟକୁ ଚିହ୍ନଟ ପାଇଁ ସାହାଯ୍ୟ କରିଥାଏ। ଏହାବାଦ୍ ଜେନେରେଟିଭ୍ ଏଆଇ, କ୍ୱାଣ୍ଟମ୍ ସେନ୍‌ସର୍ କମ୍ପ୍ୟୁଟିଂ ମଧ ମ୍ୟୁଲ୍ ଆକାଉଣ୍ଟକୁ ଧରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

## ମହିନ୍ଦ୍ରାର ବିଇ ୬ଇ ଓ ଏକ୍ସଇଭି ୯ଇ

ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଏସ୍‌ୟୁଭି ସେଗ୍‌ମେଣ୍ଟରେ ସାମିଲ ହେବାକୁ ଯାଉଛି ବିଇ ୬ଇ ଓ ଏକ୍ସଇଭି ୯ଇ। ଲଞ୍ଚ୍ ପୂର୍ବରୁ କମ୍ପାନି ଏହି ଦୁଇ ଗାଡ଼ିର ଟିଜର୍ ଜାରି କରିଛି। ଏଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟ ୧୭ରୁ ୨୧ ଲକ୍ଷ ଟଙ୍କା ରହିବ ବୋଲି ଆକଳନ କରାଯାଉଛି। କାର୍ ଦୁଇଟିରେ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟ୍ ଷ୍ଟ୍ରାଇପ୍‌ସ ଏହାକୁ ପ୍ରିମିୟମ୍ ଲୁକ୍ ଦେଉଛି। ଯଦିଓ କମ୍ପାନି ପକ୍ଷରୁ ସଂପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯାଇନାହିଁ ତଥାପି ଏଥିରେ ୬୦ରୁ ୮୦ କିଲୋୱାଟ୍‌ର ଶକ୍ତିଶାଳୀ ବ୍ୟାଟେରି ରହିବ ଏବଂ ଏହାକୁ ଥରେ ଚାର୍ଜ କଲେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ ବୋଲି କୁହାଯାଉଛି। ଏଥିରେ ଡୁଆଲ୍ ସ୍କ୍ରିନ୍ ଡିସ୍‌ପ୍ଲେ, ସ୍ଲିଟ୍ ସେଣ୍ଟର୍ କନ୍‌ସୋଲ୍, ସିଙ୍ଗଲ୍ ମୋଟର୍ ରିଅର୍ ହ୍ୱିଲ୍ ଡ୍ରାଇଭ୍ ଓ ଡୁଆଲ୍ ମୋଟର୍ ଅଲ୍ ହ୍ୱିଲ୍ ଡ୍ରାଇଭ୍ ବିକଳ୍ପ ଆଦି ଉପଲବ୍ଧ ହେବ ବୋଲି ଆକଳନ କରାଯାଉଛି। ଏହାସହିତ ଏଥିରେ ୧୭୫ କିଲୋୱାଟ୍‌ର ଡିସି ଚାର୍ଜର୍ ମିଳିବ, ଯାହାକି ଅଧଘଣ୍ଟା ଭିତରେ ପାଖାପାଖି ୮୦ ପ୍ରତିଶତ ବ୍ୟାଟେରି ଚାର୍ଜ କରିପାରିବ। କାର୍ ଦୁଇଟି ନଭେମ୍ବର ୨୬ ତାରିଖ ଦିନ ଉନ୍ମୋଚିତ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।




## ସ୍ୱୀକୃତି, ମୁକ୍ତ ପରିବେଶ ଚାହାନ୍ତି କର୍ମଚାରୀ

ଆମ ଦେଶର କର୍ମଚାରୀମାନେ ନିଜ ସଂସ୍ଥା ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ କ'ଣ ଆଶା କରନ୍ତି ଜାଣିବା ପାଇଁ ନିକଟରେ 'ଇନ୍‌ଡିଡ୍' ନିଯୁକ୍ତି ୱେବ୍‌ସାଇଟ୍ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇଥିଲା। ଏହା ଅନୁଯାୟୀ,୬୩% କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ଠାରୁ ସ୍ୱୀକୃତି ଓ ପ୍ରଶଂସା ଆଶା କରନ୍ତି। ଏଥିରେ ୬୨% କର୍ମଚାରୀ ପ୍ରକାଶ କରିଛନ୍ତି ଯେ ଟିମ୍ ଦ୍ୱାରା ତାଙ୍କ ଉଦ୍ୟମକୁ ପ୍ରଶଂସା କରାଗଲେ ସେମାନଙ୍କୁ ଖୁସି ଲାଗିଥାଏ ଏବଂ ୫୮% କର୍ମଚାରୀଙ୍କ ଅନୁସାରେ ସହକର୍ମୀମାନେ ସେମାନଙ୍କ ମତ ଓ ବିଚାରକୁ ସ୍ୱାଗତ କରିବା ସେମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

୬୪% କର୍ମଚାରୀଙ୍କ ଅନୁସାରେ ସେମାନଙ୍କ କମ୍ପାନି ସୃଜନଶୀଳ ଚିନ୍ତନକୁ ପ୍ରୋତ୍ସାହିତ କରିଥାଏ, ଯାହା ସଂସ୍ଥା ସହିତ ସେମାନଙ୍କ ବନ୍ଧନକୁ ଶକ୍ତିଶାଳୀ କରେ। ସେହିପରି ୬୧% କର୍ମଚାରୀ କହିଛନ୍ତି ଯେ ସେମାନଙ୍କୁ ଖୋଲାଖୋଲି ବିଚାର ପ୍ରକାଶ କରିବାର ସ୍ୱାଧୀନତା ମିଳିଥାଏ। ଏଥିରୁ ସ୍ପଷ୍ଟ ଯେ ମୁକ୍ତ ପରିବେଶ ଓ ସୃଜନଶୀଳତାକୁ ଗୁରୁତ୍ୱ ମିଳୁଥିବା କାର୍ଯ୍ୟସ୍ଥଳୀରେ କର୍ମଚାରୀଙ୍କ ଆତ୍ମସନ୍ତୋଷ ବୃଦ୍ଧି ପାଏ ଏବଂ ଚାପ ପରିଚାଳନାରେ ସହାୟକ ହୋଇଥାଏ। ସାରା ଦେଶର ବିଭିନ୍ନ ସଂସ୍ଥାରେ କାମ କରୁଥିବା ୩,୦୦୫ ଜଣଙ୍କ ସାକ୍ଷାତ୍‌କାର ଭିତ୍ତିରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଉପର ସ୍ତରର ଅଧିକାରୀଙ୍କ ଭାଗ ୩୦% ହୋଇଥିବା ବେଳେ ୭୦% ହେଉଛନ୍ତି କର୍ମଚାରୀ। 'ଇନ୍‌ଡିଡ୍ ଇଣ୍ଡିଆ'ର ସେଲ୍‌ସ ମୁଖ୍ୟ ଶଶି କୁମାରଙ୍କ ଅନୁସାରେ, 'ସ୍ୱୀକୃତି ଓ ସୁରକ୍ଷିତ ତଥା ମୁକ୍ତ ପରିବେଶ ଏକ ସମୃଦ୍ଧିଶାଳୀ ସଂସ୍ଥାର କେନ୍ଦ୍ରରେ ରହିଥାଏ। କର୍ମଚାରୀମାନେ ଚାହାନ୍ତି ଯେ ସେମାନଙ୍କ କଥା ଶୁଣାଯାଉ ଏବଂ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉ। ଯେଉଁ କମ୍ପାନି ସ୍ୱୀକୃତି ଓ ଅନ୍ତର୍ଭୁକ୍ତୀକରଣକୁ ନିଜ କାର୍ଯ୍ୟ ସଂସ୍କୃତିରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଅନ୍ତି ସେଗୁଡ଼ିକ ଉତ୍ସର୍ଗୀକୃତ ମାନବ ସମ୍ବଳକୁ ଆକର୍ଷିତ, ଧାରଣ ଓ ଉତ୍ସାହିତ କରିବାରେ ଅଧିକ ସକ୍ଷମ ହୁଅନ୍ତି। ଏସବୁକୁ ଗୁରୁତ୍ୱ ଦେବା କେବଳ କର୍ମଚାରୀଙ୍କ ସୁସ୍ଥିତି ପାଇଁ ଲାଭଦାୟକ ନୁହେଁ, ବ୍ୟବସାୟ ଦୃଷ୍ଟିରୁ ମଧ ଲାଭଦାୟକ।'



## ପ୍ରବାସୀଙ୍କ ପାଇଁ ବିନା ଦେୟରେ ୟୁପିଆଇ ସୁବିଧା

ପ୍ରବାସୀ ଭାରତୀୟମାନେ ବାହାରେ ଥାଇ ଘରଲୋକଙ୍କ ପାଖକୁ ଟଙ୍କା ପଠାଇବା ଲାଗି ଆଉ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ୟୁଏସ୍, ୟୁକେ, ୟୁଏଇ, ସିଙ୍ଗାପୁର, ଅଷ୍ଟ୍ରେଲିଆ ପରି ଦେଶରେ ରହୁଥିବା ପ୍ରବାସୀମାନେ ଭାରତରେ ସହଜରେ ୟୁପିଆଇ ଜରିଆରେ କାରବାର କରିପାରିବେ।

'ମିଣ୍ଟ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଯେଉଁମାନଙ୍କ ପାଖରେ ନନ୍-ରେସିଡେଣ୍ଟ୍ ଏକ୍ସଟର୍ନାଲ୍ (ଏନ୍‌ଆର୍‌ଇ) କିମ୍ବା ନନ୍-ରେସିଡେଣ୍ଟ୍ ଅର୍ଡିନାରି (ଏନ୍‌ଆରଓ) ଆକାଉଣ୍ଟ ଅଛି, ନ୍ୟାସ୍‌ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ସେହି ପ୍ରବାସୀମାନଙ୍କୁ ୟୁପିଆଇ ସୁବିଧା ପ୍ରଦାନ କରିଛି, ଯାହାଦ୍ୱାରା ସେମାନେ ନିଜ ଅନ୍ତର୍ଜାତୀୟ ମୋବାଇଲ୍ ନମ୍ବର ବ୍ୟବହାର କରି ନିଜ ସ୍ମାର୍ଟଫୋନ୍‌ରୁ ୟୁପିଆଇରେ କାରବାର କରିପାରିବେ। ଅର୍ଥାତ୍, ଆଗରୁ ପ୍ରଚଳିତ ଆର୍‌ଟିଜିଏସ୍ କାରବାର ବଦଳରେ ପ୍ରବାସୀମାନେ ନିଜ ପରିବାରକୁ ଟଙ୍କା ପଠାଇବା କିମ୍ବା ଭାରତରେ କୌଣସି ଦେୟ ପୈଠ କରିବା ପାଇଁ ୟୁପିଆଇ ବ୍ୟବହାର କରିପାରିବେ। ଏହା ସମ୍ପୂର୍ଣ୍ଣ ମାଗଣା ଏବଂ ଭାରତ କିମ୍ବା ଅନ୍ୟ ଦେଶ ଭ୍ରମଣ ସମୟରେ ମଧ ଏହାକୁ ବିନା ଦେୟରେ ବ୍ୟବହାର କରିହେବ। ତେବେ ପ୍ରବାସୀମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କ୍ ମାଧମରେ ୟୁପିଆଇ କାରବାର କରିପାରିବେ। ସେହି ବ୍ୟାଙ୍କ୍‌ଗୁଡ଼ିକ ମଧରେ ଅଛନ୍ତି: ଏୟୁ ସ୍ମଲ୍ ଫାଇନାନ୍‌ସ ବ୍ୟାଙ୍କ୍, ଏକ୍ସିସ୍ ବ୍ୟାଙ୍କ୍, କାନାରା ବ୍ୟାଙ୍କ୍, ସିଟି ୟୁନିୟନ୍ ବ୍ୟାଙ୍କ୍, ଡିବିଏସ୍ ବ୍ୟାଙ୍କ୍, ଇକ୍ୱିଟାସ୍ ସ୍ମଲ୍ ଫାଇନାନ୍‌ସ ବ୍ୟାଙ୍କ୍, ଫେଡେରାଲ୍ ବ୍ୟାଙ୍କ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ଆଇସିଆଇସିଆଇ ବ୍ୟାଙ୍କ୍, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍, ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ୍, ପଞ୍ଜାବ ନାସ୍‌ନାଲ୍ ବ୍ୟାଙ୍କ୍ ଓ ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କ୍। ସେମାନେ BHIM AU, FedMobile, iMobile, BHIM ଇଣ୍ଡସ୍ ପେ, SIB ମିରର୍+ ଓ ଫୋନ୍ ପେ ଭଳି ଆପ୍ ବ୍ୟବହାର କରି ଏହି କାରବାର କରିପାରିବେ। ସେମାନେ ଦିନକୁ ସର୍ବାଧିକ ୧ ଲକ୍ଷ ଟଙ୍କା କାରବାର କରିପାରିବେ। ନୂଆ ଆଇଡି ଖୋଲିବାର ପ୍ରଥମ ୨୪ ଘଣ୍ଟାରେ କେବଳ ୫୦୦୦ ଟଙ୍କା କାରବାର କରିପାରିବେ। ପ୍ରବାସୀମାନେ ଏନ୍‌ଆର୍‌ଇ, ଏନ୍‌ଆର୍‌ଓ ଖାତା ଓ ଭାରତୀୟ ରେସିଡେଣ୍ଟ୍ ଆକାଉଣ୍ଟ୍ ସହିତ କାରବାର କରିପାରିବେ। ଏକାଧିକ ବ୍ୟାଙ୍କ୍ ଖାତା ଧାରକଙ୍କ ପାଇଁ ପ୍ରତ୍ୟେକ ଆକାଉଣ୍ଟରେ ଏକ ସ୍ୱତନ୍ତ୍ର ୟୁପିଆଇ ଆଇଡି ରହିବା ଜରୁରି ଏବଂ ସଂଯୁକ୍ତ ଖାତାଧାରକଙ୍କ ପାଇଁ ୟୁପିଆଇ ପ୍ରାଥମିକ ଆକାଉଣ୍ଟଧାରୀଙ୍କ ମଧରେ ସୀମିତ ରହିଥାଏ। ୟୁପିଆଇରେ ପଞ୍ଜୀକୃତ ହୋଇ ନଥିଲେ ମଧ ପ୍ରବାସୀମାନେ ୟୁପିଆଇ ଆପ୍‌ରେ ଥିବା 'ସେଣ୍ଡ୍ ଟୁ ଆକାଉଣ୍ଟ୍' ବିକଳ୍ପ ମାଧମରେ ଟଙ୍କା ପାଇପାରିବେ।




### ୟୁପିଆଇ ସେଟ୍ କରିବେ କିପରି?

ଏଥିଲାଗି ପ୍ରବାସୀମାନଙ୍କୁ ସେମାନଙ୍କର ଅନ୍ତର୍ଜାତୀୟ ମୋବାଇଲ୍ ନମ୍ବର୍‌କୁ ସେମାନଙ୍କର ଏନ୍‌ଆର୍‌ଇ କିମ୍ବା ଏନ୍‌ଆର୍‌ଓ ବ୍ୟାଙ୍କ୍ ଆକାଉଣ୍ଟ୍ ସହିତ ଲିଙ୍କ୍ କରିବାକୁ ପଡ଼ିବ। ଆଇମୋବାଇଲ୍ କିମ୍ବା ଫୋନ୍‌ପେ ପରି ଅନ୍ତର୍ଜାତୀୟ ମୋବାଇଲ୍ ନମ୍ବର ସହିତ ସୁସଙ୍ଗତ ଏକ ୟୁପିଆଇ ଆପ୍ଲିକେସନ୍‌କୁ ପ୍ରଥମେ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ମୋବାଇଲ୍ ନମ୍ବର୍ ଯାଞ୍ଚ ସହିତ ଅନ୍‌ବୋର୍ଡିଂ ପ୍ରୋସେସ୍ କରିବାକୁ ଏକ ୟୁନିକ୍ ୟୁପିଆଇ ଆଇଡି କିମ୍ବା ଭର୍ଚୁଆଲ୍ ପେମେଣ୍ଟ ଆଡ୍ରେସ୍ (ଭିପିଏ) ସୃଷ୍ଟି କରିବାକୁ ପଡ଼ିବ। ବ୍ୟାଙ୍କ୍ ଆକାଉଣ୍ଟ ଚୟନ କରି ୟୁପିଆଇ ପ୍ରୋଫାଇଲ୍ ସକ୍ରିୟ କରିବାକୁ ସବିଶେଷ ତଥ୍ୟ ଦାଖଲ କରିବାକୁ ପଡ଼ିବ।

## ସହରରେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ଟିମର ହୋଟେଲ ଚଢ଼ାଉ

**ସୁବର୍ଣ୍ଣପୁର,୯।୫(ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଦୀପ କୁମାର ଗୁରୁ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର ଙ୍କ ନିର୍ଦ୍ଦେଶ କ୍ରମେ ଆଜି ସକାଳ ୯ଟା ରୁ ଦିନ ୨ ଟା ପର୍ଯ୍ୟନ୍ତ ସୋନପୁର ସହରର ସମସ୍ତ ହୋଟେଲ ମାନଙ୍କରେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ତାଙ୍କ ଟିମ ର ଚଢ଼ାଉ ପରେ ୨୦ ଗୋଟି ଦୋକାନ ରୁ ସାତ ହଜାର ଟଙ୍କା ଫାଇନ ଆଦାୟ କରାଗଲା। ନଳିନୀ ଛକ, ପୁରୁଣା ଥାନା, କଚେରୀ ଓ ନୂଆଁ ହସ୍ପିଟାଲ ଅଞ୍ଚଳ ରେ ଆଜି ଏ ସ୍କ୍ୱାର୍ଡ ଚଢ଼ାଉ କରିଥିଲେ। ଉକ୍ତ ସ୍କ୍ୱାର୍ଡ ରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ରାଜୀବ ପଧାନ, ପୋଲିସ ସବ ଇନ୍ସପେକ୍ଟର ଶଶୀରେଖା ଲୁହା, ପୋଲିସ କନେଷ୍ଟବଳ ରୋନାଲ ପ୍ରଧାନ ଓ ନୀଳିମା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ଚଢ଼ାଉ ବେଳେ ୨୦ କିଲୋ ର ବାସି ଖାଦ୍ୟ ସବୁ ନଷ୍ଟ କରାଗଲା ଓ ଦୂଷିତ ଖାଦ୍ୟ ପାନୀୟ ଲୋକ ଙ୍କୁ ନଦେବା ପାଇଁ ତାଗିଦ କରାଗଲା। ଆଗକୁ ଯଦି ଏହାର ଖିଲାପ କରିବେ ତାଙ୍କୁ ଆଇନ ଅନୁଯାୟୀ ଉଚିତ ଦଣ୍ଡ ଦିଆଯିବ ବୋଲି ଦୋକାନୀ ଙ୍କୁ ସୁଚନା ଦିଆଯାଇଛି ।



### ଧୁ ଧୁ ଖରା ସାଙ୍ଗକୁ ଅସ୍ତବ୍ୟସ୍ତ କରୁଛି ଇଟା ଭାଟି

# ନାମକୁ ମାତ୍ର ଫାଇନ କାଟି ତହସିଲଦାର ଚୁପ୍

**ବିଞ୍ଝାରପୁର,୯।୫(ସଂଚାର ବ୍ୟୁରୋ):** ବେଆଇନ୍ ଭାବେ ବଢ଼ୁଛି ମାଟି ଚାଲାଣ।ଆଉ ମାଟି ଚାଲାଣ ସାଙ୍ଗକୁ ବଢ଼ୁଛି ଇଟା ଭାଟି। ଗୋଟେ ପଟେ ଗ୍ରୀଷ୍ମ ପ୍ରବାହ ଅନ୍ୟ ପଟେ ଇଟା ଭାଟିର ତାତି। ନା ତହସିଲ ପ୍ରଶାସନକୁ ବେପାରୀ ମାନଂକ ଭୟ ଅଛି ନା ତହସିଲଦାର ସେଭଳି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁଥିପାଇଁ ଏବେ ଜନ ଜୀବନ ଅସ୍ତବ୍ୟସ୍ତ ହେଉଥିବା ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲ୍ ଅଧୀନରେ ଖରସ୍ରୋତା ନଦୀ ପଠାରୁ ବେଧଡକ ଭାବେ ଚାଲିଛି ମାଟି ଚାଲାଣ। ଖାଲି ମାଟି ଚାଲାଣ ନୁହେଁ ଇଟା ଭାଟି ମଧ୍ୟ ବଢ଼ି ଚାଲିଛି। ବାଛଳ, ଫତେପୁର ର ଖରସ୍ରୋତା ନଦୀ ଅଞ୍ଚଳରୁ ସହ ସହ ମାଟି ଟ୍ରିପ ଟ୍ରାକ୍ଟର ସାହାଯ୍ୟ ରେ ଚାଲାଣ କରିବାରେ ମାଟି ମାଫିଆ ବ୍ୟସ୍ତ।ଆଉ ଅନ୍ୟ ପଟେ ଏହି ମାଟିକୁ



ନେଇ ମୁନଫାଖୋର ଇଟା ବ୍ୟବସାୟୀ ଜନ ଜୀବନକୁ ଖାତିର ନ କରି ଗ୍ରୀଷ୍ମ ପ୍ରବାହରେ ଭାଟି ଉପରେ ଭାଟି ପୋଡ଼ିବାରେ ବ୍ୟସ୍ତ।ଯୁଆଡ଼େ ନଜର ଦେବେ ଜଳନ୍ତା ଇଟା ଭାଟି ଆଉ ଜେସିବି ଟ୍ରାକ୍ଟର ରେ ଚାଲିଛି ମାଟି ବୁହା। ତହସିଲଦାର ଙ୍କ ପାଖରେ ଖବର ଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ କରିଛନ୍ତି ବିଞ୍ଝାରପୁର ବାସିନ୍ଦା।ଅଳ୍ପସ୍ୱଳ୍ପ ପରିମାଣର ଫାଇନ ସ୍ୱରୂପ ସରକାରୀ ରସିଦ କାଟି ବାକି ଅର୍ଥ କୁଆଡେ଼ ବେପାରୀଙ୍କ ସହ ରାଜସ୍ୱ ଓ ଖଣି ବିଭାଗ ର ଭିତିରିଆ ଡ଼ିଲ ହେଉଥିବା ଶୁଣିବାକୁ ମିଳିଲାଣି। ସକ୍ରିୟ ମାଟି, ଇଟା ଆଉ ବାଲି ମାଫିଆ ଙ୍କ ଆଗରେ ନିଷ୍କ୍ରିୟ ଏଠି ପ୍ରଶାସନ। ଏଭଳି ଅଭିଯୋଗକୁ ରାଜସ୍ୱ ନିରୀକ୍ଷକ ଯେ କିଭଳି ଜାଣିପାରୁନାହାଁନ୍ତି ତାହା ଏବେ ପ୍ରଶ୍ନବାଚୀ। ସେହିପରି ଅରେଇ, ଗୁହାଳି, ଚିକ୍କଣା ରେ ପ୍ରତିଦିନ ମାଟି ବେପାର ଚାଲିଥିବା ବେଳେ ସୟଦପୁର ଆଉ ବିଂଝାରପୁର ନଦୀ ପଠା ହେଉ ଅବା ମଇନ୍ଦା - ବିଞ୍ଝାରପୁର ମୁଖ୍ୟରାସ୍ତା ରେ ଗଲେ ପୁରା ନଜର କୁ ଆସୁଛି ଇଟା ବ୍ୟବସାୟୀଙ୍କ ଇଟା ଭାଟିର ସାମ୍ରାଜ୍ୟ। ତେବେ ଏହା ଉପରେ କେବେ ବ୍ରେକ ଲାଗୁଛି ତାକୁ ହିଁ ଅପେକ୍ଷା।

### ଅଖିଳ ଭାରତ କଂଗ୍ରେସ କମିଟି

## ସମ୍ପାଦିକା ରୋସଲିନା ତିର୍କୀଙ୍କ ଜଗତସିଂହପୁର ଗ୍ରସ୍ତ



**ଜଗତସିଂହପୁର,୯।୫(ସଂଚାର ବ୍ୟୁର):** ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦିକା ରୋସଲିନା ତିର୍କୀ ଇତିମଧ୍ୟରେ ଜଗତସିଂହପୁର ଜିଲ୍ଲା ଗ୍ରସ୍ତ କରି ଜିଲ୍ଲାରେ କଂଗ୍ରେସ ସଂଗଠନ କୁ ମଜଭୁତ କରିବାକୁ ଜିଲ୍ଲାର ନେତୃମଣ୍ଡଳୀ ଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜିଲ୍ଲା କଂଗ୍ରେସ ର ସାଂଗଠନିକ ବୈଠକ ସ୍ଥାନୀୟ ସର୍କିଟ ହାଉସ ଠାରେ ଆୟୋଜିତ ହୋଇଯାଇଛି। ଏହି ସାଂଗଠନିକ ବୈଠକ ରେ ପ୍ରଦେଶ କଂଗ୍ରେସ ପକ୍ଷରୁ କଂଗ୍ରେସ ପୂର୍ବତନ ବିଧାୟକ ଶ୍ରୀ ଦେବାଶିଷ ପଟ୍ଟନାୟକ, ପିସିସି ପର୍ଯ୍ୟବେକ୍ଷକ ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, ଜଗତସିଂହପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଦସ୍ୟ ପିନାକୀ ନାରାୟଣ ଦାସ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, କଂଗ୍ରେସ ନେତ୍ରୀ ସସ୍ମିତା ପଣ୍ଡା, କଂଗ୍ରେସ ନେତା ବିକ୍ରମ ପରିଡ଼ା, ମହନୀ ଚରଣ ରାଉତ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନାଥ କାଣ୍ଡି, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ବିରେନ ଦଳେଇ, ଇମତିୟାଜ ଅହମ୍ମଦ ଖାଁ, ମିର୍ଜା ସାମସୁଦ୍ଦିନ ବେଗ, ବଲ୍ଲଭାନନ୍ଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ଞାନ ରଞ୍ଜନ କେଦାର ବିଶ୍ୱାଳ, ଜେନା, ଆର୍ତ୍ତତ୍ରାଣ ପଣ୍ଡା, ନିହାର ଦାସ, ଅବନୀକାନ୍ତ ମହାରଣା ପ୍ରମୁଖ ଜିଲ୍ଲାର ସମସ୍ତ ବ୍ଲକ ଓ ମୁନସିପାଲିଟି ର ନେତୃମଣ୍ଡଳୀ ଉପସ୍ଥିତ କଂଗ୍ରେସ ଦଳକୁ ଜିଲ୍ଲାରେ ସଂଗଠିତ କରିବାକୁ ନିଜ ନିଜର ମତାମତ ପ୍ରଦାନ କରିଥିଲେ।।

## ଶ୍ରୀ ବାଲାଜୀ ଏନର୍ଜି ଷ୍ଟେସନର ଉଦଘାଟିତ

**ବାଲିପାଟଣା,୯।୫(ସଂଚାର ବ୍ୟୁରୋ):** ବାଲିପାଟଣା ଛକ ନିକଟରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର ଏକ ନୂତନ ପେଟ୍ରୋଲ ପମ୍ପ ଉଦଘାଟିତ ହୋଇଛି।ଆଜି ପୂର୍ବାହ୍ନ ରେ ସତ୍ୱାଧିକାରୀ ମିନାକ୍ଷୀ ସାହୁ ଙ୍କ ତରଫରୁ ତାଙ୍କର ପୁତ୍ର ସୌମେନ୍ଦ୍ର ସାହୁ, ପୁତ୍ରବଧୂ ସଂଗୀତା ସାହୁ ଓ ସହଯୋଗୀ ଅଜିତ କୁମାର ପାଇକରାୟ(କାଲୁ) ବିଧିବଦ୍ଧ ପୂଜାପାଠ ପରେ ନଡ଼ିଆ ବାଡେଇ ଆନୁଷ୍ଠାନିକ ଭାବରେ ଏହାର ଶୁଭାରମ୍ଭ କରିଥିଲେ। ଏହାପରେ ସ୍ଥାନୀୟ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଫିତା କାଟି ଉଦଘାଟନ କରିବାପରେ ପେଟ୍ରୋଲ ବିକ୍ରି ଆରମ୍ଭ ହୋଇଥିଲା।ଏହି ଅଞ୍ଚଳରେ ଏହା ଚତୁର୍ଥ ପେଟ୍ରୋଲ ପମ୍ପ ଭାବରେ କାର୍ଯ୍ୟାରମ୍ଭ କରିଛି।ଆବଶ୍ୟକୀୟ ବିଧିବିଧାନ ସମ୍ପନ୍ନ ପରେ ଏହା ଆସନ୍ତା ୧୮ ତାରିଖ ରୁ ଜନସାଧାରଣଙ୍କ ସେବାରେ ନିୟୋଜିତ ରହିବ।ଏହି ଉଦଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସ୍ଥାନୀୟ ଜନସାଧାରଣ ଯୋଗଦେଇ ଆନନ୍ଦ ପ୍ରକାଶ କରିଥିଲେ।



## ୟୁନିଅନ ବ୍ୟାଙ୍କ ପକ୍ଷରୁ କୃଷି ପ୍ରଚାର ଶିବିର



**ସୁବର୍ଣ୍ଣପୁର,୯।୫(ସଂଚାର ବ୍ୟୁର):** ସକାଳ ୧୦ ଘଟିକା ସମୟରେ ସାହା ଗେଷ୍ଟ ହାଉସ ରେ ୟୁନିଅନ ବ୍ୟାଙ୍କ୍ ଅଫ ଇଣ୍ଡିଆ ର ସୋନପୁର ରେ ଥିବା ଦୁଇ ଶାଖା ଦ୍ୱାରା କୃଷି ପ୍ରଚାର ଶିବିର ର ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଉପ ଆଞ୍ଚଳିକ ପ୍ରମୁଖ ସରୋଜ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ ବିଶ୍ୱଜିତ୍ ପରିଡ଼ା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ନାବାର୍ଡ ଜିଲ୍ଲା ଉନ୍ନୟନ ପରିଚାଳକ ସତ୍ୟ ସ୍ୱରୂପ ବେଦାନ୍ତ, ଏଫ୍ ଏଲ୍ ସି ସି ଦିଲ୍ଲୀପ କୁମାର ମିଶ୍ର, ବ୍ଲକ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ସଚିଦାନନ୍ଦ ବୁଡେକ୍ ଯୋଗ ଦେଇଥିଲେ। ଏହି ଶିବିର ରେ ୟୁନିଅନ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ ତରଫରୁ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ବିଭିନ୍ନ କୃଷି ଭିତ୍ତିକ ଯୋଜନା ଯେପରି କିଷାନ କ୍ରେଡିଟ କାର୍ଡ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, ପ୍ରାଣୀ ସମ୍ପଦ ଭିତ୍ତିକ ଋଣ (କୁକୁଡ଼ା ପାଳନ, ଗାଈ ପାଳନ, ଛେଳି ଓ ମେଣ୍ଢା ପାଳନ), କୃଷି ଯନ୍ତ୍ରପାତି ଏବଂ ଉପକରଣ ଋଣ, ଏଗ୍ରୀ ଏନ୍ଫ୍ରାଷ୍ଟ୍ରକଚର ଫଣ୍ଡ (କୃଷୀ ଭିତ୍ତି ଭୂମି ଅନୁଦାନ) ଋଣ ବିଷୟରେ ଲୋକମାନଙ୍କୁ ଅବଗତ କରାଗଲା। ଏଥିରେ ନଅ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ୯୦ ଲକ୍ଷ୍ୟ ଟଙ୍କା ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଗଲା। କୃଷି ଯନ୍ତ୍ରପାତି କ୍ରୟ କରିବା ପାଇଁ ୧୦ ଲକ୍ଷ୍ୟ ଟଙ୍କା ର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଗଲା। ଶେଷରେ ସୋନେପୁର ଶାଖା ପରିଚାଳକ ଶ୍ରୀଯୁକ୍ତ ଅଭିଳାଷ ଗୁରୁ ଧନ୍ୟବାଦ୍ ଜ୍ଞାପନ କରି ସଭା ସମାପ୍ତ କରିଥିଲେ।

## ୱିଲିୟମ ହେନେଜ୍‌ଙ୍କ ବିରୋଧରେ ଆଉ ଏକ ଠକେଇ ମାମଲା

**ଦେବଗଡ଼,୯।୫ (ସଂଚାର ବ୍ୟୁର):** ନିଜକୁ ନେତା, ମନ୍ତ୍ରୀ ଓ ନିଜକୁ ପ୍ରଭାବଶାଳୀ ନେତା ମନ୍ତ୍ରୀଙ୍କ ପାଖଲୋକ ଦର୍ଶାଇବା ସହ ସେମାନଙ୍କ ସହିତ ଉଠାଇଥିବା ଫଟୋ ଦେଖାଇ



ଅଭିନବ ଉପାୟରେ ଲକ୍ଷଲକ୍ଷ ଟଙ୍କା ଠକେଇ କରି ଜେଲ୍ ହାଜତରେ ଥିବା ହାଇପ୍ରୋଫାଇଲ ଠକ ୱିଲିୟମ ହେନେଜଙ୍କ ବିରୋଧରେ ଦେବଗଡ଼ ଥାନା ପୋଲିସ ଆଉ ଏକ ଠକେଇ ମାମଲା ରୁଜୁ କରିଛି। ଦେବଗଡ଼ ଥାନା ଗଜୁରିବଣୀ ଗ୍ରାମର ଲିବିଲ ବାର୍ଲାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ୱିଲିୟମ ବିରୋଧରେ କେସ୍ ନଂ- ୨୦୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗରାମ ପଞ୍ଚାୟତରେ ପାଣିପାଇପ୍ ଦୁର୍ନୀତି

### ପାଇପ ମରାମତିରେ ଅର୍ଥ ଖର୍ଚ୍ଚ କିନ୍ତୁ ଆସୁନି ପାଣି

### ସୁରକ୍ଷା ଦେଉଛନ୍ତି ବ୍ଲକ ପ୍ରଶାସନିକ ଅଧିକାରୀ



**ତିର୍ତ୍ତୋଲ,୯।୫(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତରେ ପାଣିପାଇପ ମାଧ୍ୟମରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ରେ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ର ରଙ୍ଗେଇ ଗ୍ରାମରେ ବହୁତ ଦିନ ହେବ ତିର୍ତ୍ତୋଲ ଶାଖା ମଣିଜଙ୍ଗା ଡିଭିଜନ ଦ୍ୱାରା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହେଇଥିଲା। କିନ୍ତୁ ଏହା କିଛି ଦିନ ଚାଲିବାପରେ ବନ୍ଦ ହୋଇଯାଇଥିଲା। ଦୀର୍ଘଦିନ ଏମିତି ଅକାମୀ ହୋଇ ପଡ଼ିଥିଲା ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ। କିନ୍ତୁ ଦୁଃଖ ପରିତାପର ବିଷୟ ହେଉଛି ୨୦୨୩/୨୪ ବର୍ଷ ରେ ଏହାର ମରାମତି ପାଇଁ ସରପଞ୍ଚ ଙ୍କ ସମେତ ପିଇଓ ଏବଂ ଗ୍ରାମ୍ୟ ଜଳ ଯୋଗାଣ ସରକାରୀ ଅଧିକାଣୀ ଶ୍ରଦ୍ଧାଞ୍ଜଳୀ ଦାସ ଓ ଅଧିକାରୀ ସୁବାସ ଦଳାଇ ମିଶି ଏହାର ପୁନରୁଦ୍ଧାର ସହିତ ପାଇପଲାଇନ ମରାମତି ପାଇଁ ଭେଣ୍ଡର ଅରଣ କୁମାର ସ୍ୱାଇଁ ନାମକ ବ୍ୟକ୍ତିଙ୍କ ଜରିଆରେ ବ୍ଲକ ପ୍ରଶାସନ ର ସହଯୋଗ ରେ ଅଢ଼େଇ ଲକ୍ଷ୍ୟ ରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ କରାଯାଇ ଏହାର ମରାମତି କରାଯାଇଥିଲା ବୋଲି ଜଣାପଡ଼ିଛି। କିନ୍ତୁ ପାଇପଲାଇନ ମରାମତି ହୋଇନି।ପୁରୁଣା ପାଇପ କୁ ରଙ୍ଗବୋଳି କାମ ହୋଇଛି ବୋଲି ସୂଚନା ମିଳିଛି। ଦୁଇବର୍ଷ ରୁ ଉର୍ଦ୍ଧ୍ୱ ହେବ ଏହି ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇ ପଡ଼ିବା ସହିତ ପାଇବ ଯୋଗେ ପାଣି ଯାଉନି କି ଖରାଦିନେ ଲୋକମାନେ ପାଣିଟୋପେ ପାଇ ପାରୁ ନାହାଁନ୍ତି। କିଛି ଦିନ ହେବ ଏହାକୁ ଲୋକ ଦେଖାଣିଆ କରିବାକୁ ବିନା ଟେଣ୍ଡର ରେ ଠିକାଦାରଙ୍କ ମାଧ୍ୟମରେ ମୋଟା ଅଙ୍କର ପାଉଣା ନେଇ ସରକାରୀ ଯନ୍ତ୍ରୀଗଙ୍କ ମାଧ୍ୟମରେ ଜଳ ଯୋଗାଣ ପ୍ରକଳ୍ପ ଗୃହକୁ ପୁରୁଣା କାନ୍ଥ ରେ ସିମେଣ୍ଟ ଓ ଧଳା ରଙ୍ଗ ବୋଳି ଦିଆଯାଇଥିବା ଦେଖିବାକୁ ମିଳିଛି। ତେବେ ପଞ୍ଚାୟତରେ ଗୋଟିଏ ପରେ ଗୋଟିଏ ଏଭଳି ଦୁର୍ନୀତି ଦେଖିବାକୁ ମିଳୁଥିବା ବେଳେ ବ୍ଲକ ପ୍ରଶାସନ ସହିତ ସରପଞ୍ଚ ଓ ପିଇଓ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ରେ ଦାବି ହୋଇଛି।

## ମେସର୍ସ ରୁଙ୍ଗଟା ମାଇନ୍ସର ଜନଶୁଣାଣି




**ଯୋଡା,୯।୫(ସଂଚାର ବ୍ୟୁର):** କେନ୍ଦୁଝର ଜିଲ୍ଲା ବଡବିଲ ତହସିଲ ଅନ୍ତର୍ଗତ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ର କେନ୍ଦୁଡିହି ନର୍ଥ ଖଣିଜ ବ୍ଲକର ଜନଶୁଣାଣୀ ସଫଳ ହୋଇଛି। କେନ୍ଦୁଝର ଜିଲ୍ଲା କେନ୍ଦୁଡିହି ପ୍ରାଥମିକ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ଏହି ଜନଶୁଣାଣୀରେ ନିକଟସ୍ଥ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସେମାନଙ୍କ ପରିବେଶୀୟ ମତାମତ ଉପସ୍ଥାପନା କରିଥିବା ବେଳେ କେତେକ ଗ୍ରାମବାସୀ ଲିଖିତ ଆକାରରେ ଜଣାଇଥିବା ଖବର ମିଳିଛି। କେନ୍ଦୁଡିହି ଏବଂ ପାଣ୍ଡୁଲିପୋଷି ଗ୍ରାମରେ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ର ସମୁଦାୟ ୧୮୭.୮୭୨ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେନ୍ଦୁଡିହି ନର୍ଥ ଖଣିଜ ବ୍ଲକ ଖଣିରୁ ବାର୍ଷିକ ୨.୬ ଏମଟିପିଏ ଆରଓଏମ ଲୌହ ଖଣିଜ (ସମୁଦାୟ ୪.୦୧୩୮ ଏମଟିପିଏ, ୨.୬ ଏମଟିପିଏ ଆରଓଏମ ଲୌହ ଖଣିଜ ଯୁକ୍ତ ୧.୪୧୩୮ ଏମଟିପିଏ ବର୍ଜ୍ୟ) ଉତ୍ତୋଳନ କରିବା ନିମନ୍ତେ ପ୍ରସ୍ତାବ ରହିଛି। ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣୀକୁ ପରିଚାଳନା କରିଥିଲେ। ଅଞ୍ଚଳବାସୀ ଜନଶୁଣାଣୀରେ ନିଜର ମତାମତ ଦେବା ସହ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଜନଶୁଣାଣୀରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ମୋଟ ୭୫ ଜଣ ନିଜର ମତାମତ ଉପସ୍ଥାପନ କରିଥିବା ବେଳେ ୩୫ ଜଣ ଅତିରିକ୍ତ ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

## ଟ୍ରକ୍ ପଛରେ ପିଟିହେଲା ବାଇକ୍, ଦୁଇ ମୃତ

**କେନ୍ଦୁଝରସଦର,୯।୫(ସଂଚାର ବ୍ୟୁର):** କେନ୍ଦୁଝରସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ଫାଣ୍ଡି ଅଧିନ ୨୦ ନମ୍ବର ଜାତୀୟ ରାଜପଥର ଗ୍ରୀନଫିଲ୍ଡ ସ୍କୁଲ ସମ୍ମୁଖରେ ଅପରାହ୍ନ ୧୨ଟାବେଳେ ଏକ ବାଇକ୍ ଭାରସାମ୍ୟ ହରାଇ ଚଳନ୍ତା ଟ୍ରକ୍ ପଛ ପଟେ ପିଟି ହୋଇଛି। ଫଳରେ ଆରୋହୀଙ୍କ ସମେତ ପଛରେ ବସିଥିବା ଅନ୍ୟ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଲଣ୍ଡା ଗ୍ରାମର ସନ୍ତୋଷ କୁମାର ମହାକୁଡ (୩୫) ଓ ଦୀପକ କୁମାର ମହାକୁଡ (୩୦)। ଉଭୟ ଝୁମ୍ପୁରା ବଜାରରୁ ପଳାସପଙ୍ଗା ଅଭିମୁଖେ ଯାଉଥିବାବେଳେ ବାଇକ୍ ନିୟନ୍ତ୍ରଣ ହରାଇ ଟ୍ରକ ପଛପଟେ ପିଟି ହୋଇଥିଲା।



ଫଳରେ ଦୁହିଁଙ୍କ ମୃତ୍ୟୁ ଘଟିଛି। ପଳାସପଙ୍ଗା ଫାଣ୍ଡି ପୁଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କେଶ ନଂ ୨୦୯/୨୫ ରେ ଏକ ମାମଲା ରୁଜୁ ହୋଇଛି। ଟ୍ରକ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।

## ବାଲି ଚୋରା ଚାଲାଣକୁ ରୋକିବାରେ ପ୍ରଶାସନ ବିଫଳ, ଚୋରା ଗାଡ଼ି ଧରାଇଲେ ଗ୍ରାମବାସୀ

**ନିଳଗିରି,୯।୫(ସଂଚାର ବ୍ୟୁର):** ନିଳଗିରି ତହସିଲ ଅଧିନରେ ଥିବା ବିଭିନ୍ନ ବାଲି ସୌରତ ଗୁଡିକରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରାରେ ଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେବି ଖଣି ବିଭାଗ, ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଛି। ମାତ୍ର ପ୍ରଶାସନ କାମକୁ ଆଜି ଗ୍ରାମବାସୀ କରି ଦେଖାଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଅଯୋଧ୍ୟା ଅଞ୍ଚଳରେ ଥିବା ବିଭିନ୍ନ ବାଲି ଉତ୍ସ ଗୁଡିକରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଚୋରାରେ ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନକରିବା ଯୋଗୁଁ ଶେଷରେ ଶୁକ୍ରବାର ଦିନ ଅଯୋଧ୍ୟା ଗ୍ରାମବାସୀ ଏକଜୁଟ ହୋଇ ଚୋର ବାଲି ବୋଝେଇ ଟ୍ରକକୁ ଅଟକାଇଥିବାର ଦେଖିବାକୁ ମିଳିଛି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ବାଲି ଗାଡ଼ିକୁ ଜବତ କରିଥିବାର ଶୁଣିବାକୁ ମିଳୁଛି। ତେବେ ଗ୍ରାମବାସୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ବ୍ଲକରେ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ



**ବାଲିଆପାଳ,୯।୫(ସଂଚାର ବ୍ୟୁର):** ଆଜି ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଆମ ଦେଶ ମାତୃକା ପାଇଁ ଲଢୁଥିବା ବୀର ଯବାନ ମାନଙ୍କର ଆତ୍ମବିଶ୍ୱାସ ବଢ଼ାଇବା ସହିତ ସେମାନଙ୍କ ସୁରକ୍ଷା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଥିଲେ। ଏହି ବୈଠକରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ପ୍ରଥମେଶ ରାଜଶୀର୍କେ, ବ୍ଲକ ଉନ୍ନୟନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ପ୍ରବାହିତ ହେଉଥିବା ସମୟରେ ପାନୀୟ ଜଳର ଅସୁବିଧା ନେଇ ପ୍ରତାପପୁର, ବେତଗଡ଼ିଆ, ସାଉଡି, ଡଗରା, ପ୍ରଭୃତି ପଞ୍ଚାୟତର ଜନପ୍ରତିନିଧି ମାନେ ବିଧାୟିକା ଶ୍ରୀମତୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀମତୀ ଜେନା ସଭାଗୃହରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇ ଆବଶ୍ୟକ ପଡ଼ିଲେ ଟ୍ୟାଙ୍କର ସାହାଯ୍ୟରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲିଆପାଳ ବ୍ଲକରେ ବହୁ ଯୋଗ୍ୟ ଗରିବ ପରିବାର ରେଶନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି। ସେଥିପାଇଁ ବିଧାୟିକା ଶ୍ରୀମତୀ ଜେନା ଯୋଗାଣ ଅଧିକାରୀଙ୍କ ଠାରୁ ନୂତନ ରେଶନ କାର୍ଡ ବଣ୍ଟନର ସ୍ପଷ୍ଟୀକରଣ ଚାହିଁଥିଲେ। ଯୋଗ୍ୟ ହିତାଧିକାରୀ କିଭଳି ଭାବରେ ସହଜରେ ରେଶନ କାର୍ଡ ପାଇପାରିବେ ସେ ବ୍ୟବସ୍ଥା କରାଇବାକୁ ଯୋଗାଣ ଅଧିକାରୀଙ୍କୁ ବିଧାୟିକା ଶ୍ରୀମତୀ ଜେନା ନିର୍ଦ୍ଦେଶ ଦେଇଥିଲେ।

### ଦୁବକଣ-ନାରିଙ୍ଗା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଦୁର୍ନୀତିର ଗନ୍ଧ

# ପିଚୁ କାମର ୧୫ ଦିନ ନ ପୂରୁଣୁ ଉଠୁଛି ପୁଳା ପୁଳା

**ଦଶରଥପୁର,୯।୫(ସଂଚାର ବ୍ୟୁରୋ):** ସରକାର ରାସ୍ତା ଘାଟର ଉନ୍ନତି କରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟାୟ ବରାଦ କରୁଥିବା ବେଳେ କେତେକ କ୍ଷେତ୍ରରେ ଅସାଧୁ ଠିକାଦାର ଓ ଦୁର୍ନୀତି ଗ୍ରସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ପାଇଁ ସରକାରଙ୍କ ମହତ ଉଦେଶ୍ୟ ସଫଳ ହୋଇପାରୁନଥିବା ଦେଖିବା ପାଇଁ ମିଳିଛି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ନାରିଙ୍ଗା ଠାରୁ ଦୁବକଣ ଭାୟା ଗରବନ୍ଧ ଜୁନ୍ଦୁପୁର ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କ୍ଷେତ୍ରରେ। ୧୧ କିମି ଏହି ରାସ୍ତା ନିର୍ମାଣ ପାଇଁ ବିହାରର ରାଜ କନଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ୨୨, ୦୯, ୧୮, ୫୧୦.୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ୧-୦୩-୨୪ ରିଖରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୧-୦୪-୨୫ ରିଖରେ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ରହିଥିଲା। ମାତ୍ର ବର୍ତ୍ତମାନ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ଚାଲୁଥିବା ବେଳେ ପିଚୁ କାର୍ଯ୍ୟ ମଧ୍ୟ ଚାଲିଛି। ଠିକାଦାର ଜଣକ ବିହାର ରାଜ୍ୟର ହୋଇଥିବା ବେଳେ ଠିକାଦାର ଜଣକ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ବେଳେ କାର୍ଯ୍ୟର ସମ୍ପୂର୍ଣ୍ଣ ଦାୟିତ୍ୱ ସୁପରଭାଇଜର ଉପରେ ନ୍ୟସ୍ତ କରିଦେଇ ବେଧଡକ ଭାବେ ଠିକାଦାର ଜଣକ ଅଚିନ୍ତାରେ



ସୋଇ ପଡ଼ିଥିବା ବେଳେ କରାଯାଉଥିବା ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ବୋଲି ସ୍ଥାନୀୟ ଜନସାଧାରଣରେ ଅଭିଯୋଗ ହୋଇଛି। ଏହି ରାସ୍ତାରେ ୧୫ ଦିନ ପୂର୍ବେ କରାଯାଇଥିବା ପିଚୁ ବର୍ତ୍ତମାନ ଫଣ୍ଡା ଫଣ୍ଡା ହୋଇ ଉଠିଯାଉଥିବା ଦେଖିବା ପାଇଁ ମିଳିଛି। ପିଚୁ ନିର୍ମାଣ ସମୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପିଚୁ କାମ କରାଯାଉ ଥିବା ବେଳେ ସେ ସମୟରେ ସ୍ଥାନୀୟ ଲୋକେ ଏହାର ଦୃଢ଼ ବିରୋଧ କରିଥିଲେ ମଧ୍ୟ ସୁପରଭାଇଜର ଜଣକ ସ୍ଥାନୀୟ ଲୋକଙ୍କୁ ନାଲି ଆଖି ଦେଖାଇ କାର୍ଯ୍ୟ କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଥିବା ବେଳେ ଆଜି ଏପରି ପିଚୁ ପୁଳା ପୁଳା ହୋଇ ଉଠିଯାଉଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ ହୋଇଛି। ସେହିପରି ରାସ୍ତାରେ ଥିବା କିଛି କଲଭଟ ଗୁଡିକର ପ୍ରଶସ୍ତି କରଣ କାର୍ଯ୍ୟ କରାଯାଉଥିବା ବେଳେ ପୁରୁଣା କଲଭଟ ଗୁଡିକ ନଉଠାଇ ପୁରୁଣା କଲଭଟକୁ ଲଗାଇ ୨ ପାର୍ଶ୍ୱରେ ନୂଆ ହୋମ ପାଇପ ଯୋଡ଼ିଦେଇ ସାଇଟ ଗାର୍ଡ ୱାଲ ନିର୍ମାଣ କରୁଥିବା ବେଳେ ପୂର୍ବରୁ ୨ ପାର୍ଶ୍ୱରେ ଥିବା ଗାର୍ଡ ୱାଲ ଗୁଡିକୁ ନାଭାଙ୍ଗି ଗାର୍ଡ ୱାଲ ଉପରେ ରାସ୍ତା ନିର୍ମାଣ କରୁଥିବା ଦେଖାଯାଇଛି। ଯାହା ଫଳରେ ଭବିଷ୍ୟତରେ ଉକ୍ତ ସ୍ଥାନରେ ରାସ୍ତା ଫାଟିବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ।